READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ପ୍ରଥମଥର ମାସ୍କ ପିନ୍ଧିଲେ ଆମେରିକା ରାଷ୍ଟ୍ରପତି


ବର୍ଷ-୪ | ସଂଖ୍ୟା-୨୬ | ୧୩ - ୧୯ ଜୁଲାଇ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-26 | 13th - 19th JULY, 2020 | BHUBANESWAR | ₹ 5/- (8 Pages)


## ଅକ୍ଟୋବର ୨ରୁ ଅନ୍‌ଲାଇନ୍‌ରେ ସବୁ ସେବା



**ଭୁବନେଶ୍ୱର :** ସରକାରୀ ଜମିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣେଇବାକୁ ଯାଉଛନ୍ତି। ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ସରକାରୀ ଜମି ପାଇଁ ବ୍ୟବହାର ହେବ ସ୍ପେସ୍ ଟେକ୍ନୋଲୋଜି (ମହାକାଶ ପ୍ରଯୁକ୍ତିବିଦ୍ୟା)। ରାଜଧାନୀ ଭୁବନେଶ୍ୱରରେ ଥିବା ମୂଲ୍ୟବାନ୍ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଯୋଜନାବଦ୍ଧ ବିକାଶ ସୁନିଶ୍ଚିତ କରିବା ପାଇଁ ଏହି ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ହେବ। ସରକାରୀ ସମ୍ପତ୍ତିର ସାମଗ୍ରିକ ପରିଚାଳନା ଓ ଉତ୍ତରଦାୟିତ୍ୱ ବଢ଼ାଇବା ଦିଗରେ ଏହା ବେଶ୍ ସହାୟକ ହେବା ସହ ନାଗରିକମାନେ ସହଜରେ ସରକାରୀ ସମ୍ବଳ ପ୍ରାପ୍ତ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି। ସେହିପରି ଜନସେବା ପ୍ରଦାନରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୫-ଟି ପଦକ୍ଷେପ ଅନ୍ତର୍ଗତ ୮ଟି ବୈଷୟିକ ସମାଧାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ସରକାରୀ ଜମିର ସୁରକ୍ଷା ପାଇଁ ସ୍ପେସ୍ ଟେକ୍ନୋଲୋଜି ପ୍ରୟୋଗ ଅନ୍ୟତମ। ମୁଖ୍ୟମନ୍ତ୍ରୀ ଏ ଅବସରରେ କହିଛନ୍ତି, ଲୋକଙ୍କୁ ପ୍ରଦାନ କରାଯାଉଥିବା ସମସ୍ତ ସେବା ଅନ୍‌ଲାଇନ୍‌ରେ ପ୍ରଦାନ କରିବା ଓ ଏହି କାରଣରୁ କୌଣସି ନାଗରିକଙ୍କୁ ଯେପରି ସରକାରୀ କାର୍ଯ୍ୟାଳୟ ଯିବାର ଆବଶ୍ୟକତା ରହିବନି ତାହା ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ। ଏଥିପାଇଁ ଆଗରୁ ଅଗଷ୍ଟ ୧୫ ତାରିଖକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ହେଲେ କୋଭିଡ୍ କାରଣରୁ ଏହା ବିଳମ୍ବିତ ହୋଇଛି। ତେଣୁ ଏହି ସମୟସୀମାକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବଢ଼ାଇ ଦେଇଛନ୍ତି। ଏହା ପରଠୁ ସମସ୍ତ ସେବା ଯେପରି ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ, ତାହା ସୁନିଶ୍ଚିତ କରିବାକୁ ସବୁ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନର ୫-ଟି ମଡେଲ୍ ସହ 'ମୋ ସରକାର' କାର୍ଯ୍ୟକ୍ରମ ଶାସନରେ ଗୁଣବତ୍ତା କ୍ଷେତ୍ରରେ ଢେର୍ ଉନ୍ନତି ଆଣିଛି। ଜନସେବା ପ୍ରଦାନକୁ ସହଜ କରିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଶୁଭାରମ୍ଭ ହୋଇଥିବା ୮ଟି ବୈଷୟିକ ସମାଧାନଗୁଡ଼ିକ ହେଲା, ଭୁବନେଶ୍ୱର ଜମିରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବସ୍ଥା (ବ୍ଲୁଇସ୍), ପରିଦର୍ଶକ ପାସ୍ ପରିଚାଳନା ପାଇଁ ଇ-ପ୍ରବେଶ, ଓଡ଼ିଶା ଭବନ ପରିଚାଳନା ପାଇଁ ଇ-ଭବନ, ରାଜ୍ୟ ଅତିଥି ଭବନ ପରିଚାଳନା ପାଇଁ ଇ-ଅତିଥି, ମାନବ ସମ୍ବଳ ପରିଚାଳନା ପାଇଁ ୱେବ୍ ଓ ମୋବାଇଲ୍ ଆପ୍ଲିକେସନ୍, ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥାର ମୋବାଇଲ୍ ଆପ୍, ମୋକଦ୍ଦମା ପରିଚାଳନା ପାଇଁ ➤ ପୃ-୬

### ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସରେ ମାଳମାଲ ଦଲାଲ

## ଭୂତ ବିକୁଛି ଜମି



**ଭୁବନେଶ୍ୱର :** ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେଉଥିଲେ ବି ଲାଞ୍ଚଖିଆ ସରକାରୀ କର୍ମଚାରୀଙ୍କ ଚେତା ପଶୁନି। ପୁରୁଣା ଅଭ୍ୟାସ ଅନୁଯାୟୀ ଏମାନେ ନୂଆ ଢଙ୍ଗରେ ତାଙ୍କ କାରବାର ଜାରି ରଖିଛନ୍ତି। ବିଶେଷକରି ରାଜସ୍ୱ ବିଭାଗରେ ଏହା ଅଧିକ ବୋଲି ସାଧାରଣରେ ଚର୍ଚ୍ଚା ହୁଏ। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଜମିବାଡି କିଣାବିକା ଓ ପଞ୍ଜିକରଣ ପାଇଁ ଥିବା ସବ୍‌ରେଜିଷ୍ଟ୍ରାର ଅଫିସରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି। ନିକଟରେ ଏହାର ଠୋସ ପ୍ରମାଣ ମିଳିଥିଲା। ଜଣେ ମୃତବ୍ୟକ୍ତିଙ୍କ ନାମରେ ଥିବା ଜମିକୁ ବିକ୍ରି କରି ସବ୍‌ରେଜିଷ୍ଟ୍ରାର ଅଫିସର କନିଷ୍ଠ କିରାଣୀ ପ୍ରଫୁଲ୍ଲ ମିଶ୍ର ବଡଗଡ ଥାନା ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ହୋଇଥିବା କିରାଣୀ ଶ୍ରୀ ମିଶ୍ର ପାଣ୍ଡରା ମୌଜାରେ ଥିବା ସ୍ୱର୍ଗତଃ ପ୍ରଦୀପ ମହାନ୍ତିଙ୍କର ଏକ ଜମିକୁ ଚକ୍ରାନ୍ତ କରି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଜୀବିତ ପ୍ରଦୀପ ମହାନ୍ତି ଦର୍ଶାଇ ବିକ୍ରି କରାଇଥିଲେ। ଉଲ୍ଲେଖଯୋଗ୍ୟ, ବିକ୍ରି ହୋଇଥିବା ଜମି ୨୦୦୪ ମସିହାରେ ବିରଜା ଲକ୍ଷ୍ମୀ ମହାନ୍ତିଙ୍କ ପରିବାର କିଣିଥିଲେ। ଏହି ଜମିଟି ଘର ତିଆରି ଉପଯୋଗୀ ନୁହେଁ ବୋଲି ଜାଣିବା ପରେ ବିରଜା ସେଠାରେ ଘର ତିଆରି କରି ନଥିଲେ। ୨୦୧୯ ମସିହାରେ ଜାଗାର ପ୍ରକୃତ ମାଲିକଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ୨୦୨୦ ମସିହାରେ ସବ୍‌ରେଜିଷ୍ଟ୍ରାର ଅଫିସର ଏହି କିରାଣୀ ଜଣକ ଏହାକୁ ଅଫିସର କିଛି କର୍ମଚାରୀ ଓ ଦଲାଲଙ୍କ ସହାୟତାରେ ବିକ୍ରି କରି ମୋଟା ଅଙ୍କର ଟଙ୍କା ହାତେଇଥିଲେ। ଏହି ଖବର ବିରଜା ଜାଣିବା ପରେ ବଡଗଡ ଥାନାରେ ଅଭିଯୋଗ କରିବା ପରେ ଘଟଣାର ଖୋଳତାଡ ହୋଇଥିଲା। ଅଭିଯୋଗ ଆଧାରରେ ଜମି ହଡପରେ ସାମିଲ କିରାଣୀଙ୍କୁ ➤ ପୃ-୬

### କରୋନା ଟୀକାର କ୍ଲିନିକାଲ ପରୀକ୍ଷଣ ସଫଳ



**ମସ୍କୋ :** ବିଶ୍ୱର ପ୍ରଥମ କରୋନା ଟୀକାର କ୍ଲିନିକାଲ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଛି। ସେଚେନୋଭ ଫାଷ୍ଟ ମସ୍କୋ ଷ୍ଟେଟ ମେଡିକାଲ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କ ଉପରେ ଏହାର କ୍ଲିନିକାଲ ପରୀକ୍ଷା ସଫଳତାର ସହିତ ଶେଷ ହୋଇଥିବା ଟ୍ରାଞ୍ଜିସିନାଲ ମେଡିସିନ୍ ଏବଂ ବାୟୋଟେକ୍ନୋଲୋଜି ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାଦିମ ତାରାସୋଭ କହିଛନ୍ତି। ➤ ପୃ-୬

## ପିସିସି ପରିବର୍ତ୍ତନ : ହଟିବେ ନିରଞ୍ଜନ !




**ଭୁବନେଶ୍ୱର :** ଦୀର୍ଘ ବ୍ୟବଧାନ ପରେ ପୁଣିଥରେ ରାଜ୍ୟରେ ଉଠିଛି ପିସିସି ପରିବର୍ତ୍ତନ ଚର୍ଚ୍ଚା। ସଭାପତି ଦୌଡରେ କୁଆଡେ ୧୫ରୁ ଅଧିକ ନେତା ଅଛନ୍ତି ବୋଲି କୁହାଯାଉଛି। ଗତକାଲି ସୋନିଆ ଗାନ୍ଧି ବିଭିନ୍ନ ରାଜ୍ୟର ସାଂସଦମାନଙ୍କ ସହ ଭିଡିଓ କନଫରେନ୍ସିଂ ଆଲୋଚନା ପରେ ଏହି ପ୍ରସଙ୍ଗ ବେଶୀ ଜୋର ଧରିଛି। କଂଗ୍ରେସରେ ପିସିସି ସଭାପତି ପରିବର୍ତ୍ତନ ଦାବି ଏକ ନିୟମିତ ପ୍ରକ୍ରିୟା। କିଛି କିଛି ମାସର ବ୍ୟବଦାନ ପରେ ପିସିସି ସଭାପତି ପରିବର୍ତ୍ତନ ପାଇଁ ଦାବି ହୁଏ। ଗତ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ଏବଂ ପାଟକୁରା ଓ ବିଜେପୁର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ଆତ୍ମସମର୍ପଣ ପରେ ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକଙ୍କ ଅପସାରଣ ନିମନ୍ତେ ଦାବି ଉଠିଥିଲା। ସେତେବେଳେ କଟକ ବିଧାୟକ ମହମ୍ମଦ ମୁକିମଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ମାତ୍ର ନିଜେ ମୁକିମ୍ ପିସିସି ସଭାପତି ଦୌଡରେ ନାହାନ୍ତି ବୋଲି ସ୍ପଷ୍ଟ କରିବା ପରେ ଏହି ମାମଲା କିଛିଟା ଶୀତଳ ପଡିଯାଇଥିଲା। ମାତ୍ର ଏବେ କିଛି ମାସର ବ୍ୟବଧାନ ପରେ ପୁଣିଥରେ ଏହି ପ୍ରସଙ୍ଗ ଉଠିଛି। ଗୁଜରାଟରେ ପିସିସି ସଭାପତି ପରିବର୍ତ୍ତନ ପରେ ଓଡ଼ିଶାରେ ମଧ୍ୟ ଦଳର ସଭାପତି ପରିବର୍ତ୍ତନ ହୋଇପାରେ ବୋଲି ଅନେକ ଆଲୋଚନା ଆରମ୍ଭ କରିଛନ୍ତି। ଦଳର ବିଭିନ୍ନ ବୟସ ବର୍ଗର ଅନେକ ନେତା ପିସିସି ପରିବର୍ତ୍ତନ ସପକ୍ଷରେ ଅଛନ୍ତି। ବିଧାୟକ ସୁର ରାଉତରାୟ କହିଛନ୍ତି ଦଳରେ ସଭାପତି ହେବା ପାଇଁ ୧୩ ନେତା ଅଛନ୍ତି। ସେହିପରି ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ଶରତ ରାଉତ ମଧ୍ୟ ପିସିସି ➤ ପୃ-୬

### ବକ୍ରବାଣୀ



ମନ୍ତିରୀ ପାହିଆ ବଢ଼େଇ ଦେଇ
ଥଇଥାନ କର ନେତାଙ୍କୁ ନେଇ
ଦଳୀୟ ଲୋକଙ୍କ ମନକୁ ଜାଣି
ବିଧାନ ପର୍ଷଦ କରୁଚ ପୁଣି
ମଦ ବିକି ତୁମେ ଚାଉଳ ଦିଅ
ଗରୀବ ଧନକୁ ମଦରେ ନିଅ
ପାଠୁଆ ପିଲାଙ୍କୁ ଚାକିରୀ ନାହିଁ
ମାଗଣା ଯୋଜନା ବାଣ୍ଟୁଚ କାହିଁ
ପାଠୁଆ ପିଲାଏ ଦାଦନ ଯିବେ
କୋଢ଼ିଆ ଓଡ଼ିଆ ବସି ଖାଇବେ।

——— ଟୁଟୁ

### କାହିଁକି ଲାଗୁହେଉନି ବଦଳି ନିୟମ

## ଡିସିପି ଅଫିସରେ ୩ ବର୍ଷରୁ ଊର୍ଦ୍ଧ୍ୱ କନଷ୍ଟେବଲ



**ଭୁବନେଶ୍ୱର :** ସ୍ୱଚ୍ଛ ଶାସନ ନାଁରେ ଦୀର୍ଘବର୍ଷ ହେବ ରାଜ୍ୟରେ ଶାସନ କରୁଛି ବିଜୁ ଜନତା ଦଳ। ହେଲେ ବିଭିନ୍ନ ସମୟରେ ସରକାରୀ ଦୁର୍ନୀତିକୁ ନେଇ ବିରୋଧୀ ଦଳମାନେ ହୋହଲ୍ଲା କରିବା ପରେ ବେଳେବେଳେ ଚେଇଁ ଉଠନ୍ତି ସରକାର। ଶାସନରେ ସ୍ୱଚ୍ଛତା ଆଣିବା ପାଇଁ ଅନେକ ନୂଆ କଥା କୁହାଯାଏ ଓ ନୂଆ ଯୋଜନା ହୁଏ। 'ମୋ ସରକାର' ଓ ୫-ଟି' ଏହି ଯୋଜନାର ଏକ ବଡ ସ୍ୱରୂପ। ହେଲେ ପ୍ରଶ୍ନ ଉଠୁଛି ଏହି ଦୁଇ ବିଭାଗ କ'ଣ ସତରେ ରାଜ୍ୟ ସରକାରଙ୍କ ଶାସନରେ ସ୍ୱଚ୍ଛତା ଆଣିପାରିଛି। ଦୀପ ତଳ ଅନ୍ଧାର ଭଳି କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା କିଛି କନଷ୍ଟେବଳ ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରୁଥିଲେ ବି ତାଙ୍କର ବଦଳି ହେଉନାହିଁ କାହିଁକି ବୋଲି ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଥିଲେ ବି ବିଭାଗ ନିରବ କାହିଁକି ? ଆଶାଥିଲା 'ମୋ ସରକାର' ଓ ୫-ଟି' କାର୍ଯ୍ୟକାରୀ ହେଲେ ସରକାରଙ୍କ ବିଭିନ୍ନ ବିଭାଗରେ ହେଉଥିବା ଅନିୟମିତତା ଦୂର ହେବ ଓ ପ୍ରଶାସନରେ ସ୍ୱଚ୍ଛତା ଆସିପାରିବ। ହେଲେ କନଷ୍ଟେବଳଙ୍କ ବଦଳି କ୍ଷେତ୍ରରେ ନିୟମ କାର୍ଯ୍ୟକାରୀ ହେବାରେ ଅସୁବିଧା କେଉଁଠି ତାହା ସନ୍ଦେହ ସୃଷ୍ଟି କରୁଛି। ପୋଲିସ ମାନୁଆଲ ଅନୁସାରେ ଜଣେ କନଷ୍ଟେବଳ ଗୋଟିଏ ସ୍ଥାନରେ ତିନିବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିଲେ ତାଙ୍କର ବଦଳି ହେବା ସୁନିଶ୍ଚିତ। କିନ୍ତୁ ଭୁବନେଶ୍ୱର ଡିସିପି ଅଫିସରେ ଏକାଧିକ କନଷ୍ଟେବଳ ତିନିବର୍ଷରୁ ଊର୍ଦ୍ଧ୍ୱ କ'ଣ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ବଦଳି କରାଯାଉନାହିଁ। ଏଭଳି ବ୍ୟତିକ୍ରମ ପଛରେ କାହାର ଆଶୀର୍ବାଦ ରହିଛି ତାହାକୁ ନେଇ ବିଭାଗର କେହି ମୁହଁ ଖୋଲି କହୁନଥିଲେ ବି ଅନେକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଜାଣିବା ଶୁଣିବା ➤ ପୃ-୬

### ଗ୍ରାମ୍ୟ ଉନ୍ନୟନ ଜନସ୍ୱାସ୍ଥ୍ୟ ବିଭାଗରେ ବ୍ୟାପକ ଦୁର୍ନୀତି

## ରାଜସ୍ୱ ଲୁଟୁଛନ୍ତି ଯନ୍ତ୍ରୀ, ଠିକାଦାର

**ଭୁବନେଶ୍ୱର/ଜଗତସିଂହପୁର, (ସୁଶାନ୍ତ ରାଉତ) :** ଗ୍ରାମ୍ୟ ଉନ୍ନୟନ ପି. ଏଚ୍ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ରହିଅଛି। ଏହି କାର୍ଯ୍ୟାଳୟ ଅଧିନରେ ଜଗତସିଂହପୁର, କଟକ ଓ କେନ୍ଦ୍ରାପଡା ଜିଲ୍ଲାକୁ ନେଇ କଟକ ନୂଆବଜାର ଠାରେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଥିବାରୁ ଏହି ଯନ୍ତ୍ରୀମାନଙ୍କର ଦୁର୍ନୀତି ସହଜରେ ଲୋକଲୋଚନକୁ ଆସି ପାରୁନାହିଁ। ବର୍ଷ ବର୍ଷ ଧରି କିଛି ଦଲାଲ ଓ ଠିକାଦାରଙ୍କ ସହ ମିଶି ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱକୁ ଲୁଟିବାରେ ବ୍ୟସ୍ତ। ପ୍ରକାଶ ଥାଉକି, ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ନୂତନ ଅଫିସ କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର, ମେଡିକାଲ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କରେ ପାଇଖାନା ନିର୍ମାଣ ଓ ଜଳ ଯୋଗାଣ କାର୍ଯ୍ୟ ଇତ୍ୟାଦି ଏହି ବିଭାଗ କରିଥାଏ। କେତେକ ସ୍ଥାନରେ ଦେଖାଯାଇଛି ପୁରୁଣା ପାଇଖାନା କାର୍ଯ୍ୟକୁ ସଫାସୁତୁରା କରି ନୂତନ ବିଲ୍ କରାଯିବାର ଅଭିଯୋଗ ହେଉଛି। ଆହୁରି ମଧ୍ୟ ନଳକୂପ ଖନନରେ ୮୦ମିଟର ଖୋଳାଯାଇ ୧୫୦ମିଟର ବିଲ୍ କରାଯାଇଛି। ନିମ୍ନମାନର ପାଇପ ଦିଆଯାଇ ସେପ୍ଟି ଟାଙ୍କି ନିର୍ମାଣ କରାନଯାଇ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ହଡପ କରାଯାଉଥିବାର ଅଭିଯୋଗ ହେଉଛି। ନୂଆବଜାର କାର୍ଯ୍ୟାଳୟରେ ଜୈନିକ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ସ୍ଥାନରେ ଆସ୍ଥାନ ଜମାଇ ସଂପୂର୍ଣ୍ଣ ଉପ-ବିଭାଗକୁ ନିଜ ଆୟତ୍ତ ଭିତରେ ରଖି ବିଭିନ୍ନ ଦୁର୍ନୀତିରେ ବୁଡି ରହିଛନ୍ତି। ଜନୈକ ଯନ୍ତ୍ରୀଙ୍କ ଘର ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ରେଢୁଆ ପଞ୍ଚାୟତରେ ହୋଇଥିବାରୁ କିପରି ➤ ପୃ-୬






### ଅଢୁଆରେ ବାଲେଶ୍ୱର ସଦର ଉପନିର୍ବାଚନ

## ପ୍ରଥମଥର ଜଣେ ମହିଳା ହେବେ ବିଧାୟକ !



**ବାଲେଶ୍ୱର, (କୈଳାସ ବେହେରା) :** ଓଡ଼ିଶାର ଅଣସଂରକ୍ଷିତ ବାଲେଶ୍ୱର ସଦର ବିଧାନସଭା (୩୮) କ୍ଷେତ୍ରର ବିଜେପି ବିଧାୟକ ମଦନମୋହନ ଦତ୍ତ (ମଙ୍ଗୁଭାଇ)ଙ୍କ ଅକାଳ ବିୟୋଗ ପରେ ଏଠାରେ ଉପନିର୍ବାଚନ ହେବ। ଏଠାରେ ମୋଟ ୧,୯୯,୮୪୬ଜଣ ପୁରୁଷ ଏବଂ ମହିଳା ଭୋଟର। ଗତ ନିର୍ବାଚନରେ ଏଠାରେ ପ୍ରାୟ ୮୦% ମତଦାନ ହୋଇଥିଲା ଯାହା ପୂର୍ବ ୨୦୧୪ର ନିର୍ବାଚନ ଅପେକ୍ଷା ୬% ଅଧିକ ମତଦାନ ଥିଲା। ବର୍ତ୍ତମାନ କୋଭିଡ-୧୯ କଟକଣା ଯୋଗୁଁ ରାଜନୈତିକ ମାହୋଲ ଟିକିଏ ଥଣ୍ଡା ରହିଛି। ତଥାପି ଉପନିର୍ବାଚନକୁ ଆଖିଆଗରେ ରଖି ଏବେ ସବୁ ରାଜନୈତିକ ଦଳର ଆଭ୍ୟନ୍ତରୀଣ ରାଜନୀତି ସରଗରମ ହୋଇଛି। କିଏ କେଉଁ ଦଳରୁ ପ୍ରାର୍ଥୀ ହେବ, କାହା ସପକ୍ଷରେ ଭେଟରଙ୍କ ହାୱା ରହିଛି ପୁଣି କେଉଁ ପ୍ରାର୍ଥୀ ବା ପ୍ରାର୍ଥୀନଙ୍କର ବିଜୟ ସମ୍ଭାବନା ଅଧିକ, କ'ଣ ପଦପେ ନିଆଗଲେ ଦଳ ସପକ୍ଷରେ ଅଧିକ ଭୋଟ ମିଳିପାରିବ ଏହାହିଁ ଏବେ ସବୁ ପ୍ରମୁଖ ଦଳ ହାଇକମାଣ୍ଡଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବାଲେଶ୍ୱର ଜିଲ୍ଲା ସଦର ମହକୁମାର ସଚେତନ, ଶିକ୍ଷିତ ଭୋଟର ଏବଂ ପାଖାପାଖି ୧୮ଟି ଗ୍ରାମ ପଞ୍ଚାୟତକୁ ନେଇ ସଦର ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିବାରୁ ଏହି ମୁଣ୍ଡବିନ୍ଧା ଅଧିକ ହେବା ସ୍ୱାଭାବିକ। ବର୍ତ୍ତମାନ ସ୍ଥିତି ଅନୁଯାୟୀ ୩ ପ୍ରମୁଖ ଦଳ କୁହାଯାଉଥିବା ତଥା ରାଜ୍ୟ ଶାସନରେ ଥିବା ବିଜେଡି, କେନ୍ଦ୍ରରେ କ୍ଷମତାସୀନ ବିଜେପି ଓ ଦୁଇ ଦଳର ସମଦୂରତାରେ ଥିବା କଂଗ୍ରେସ ପାଇଁ ଏହି ଉପନିର୍ବାଚନ ସମ୍ମାନର ପ୍ରଶ୍ନ। ଏକଦା କଂଗ୍ରେସ ଏବଂ ବର୍ଷୀୟାନ ନେତା ତଥା ପାଞ୍ଚଥରର ପୂର୍ବତନ ବିଧାୟକ ଅରୁଣ ଦେ ଏବଂ ପରେ ବିଜେଡି ପାଇଁ ଦୁର୍ଗ ସାଜିଥିବା ଏହି ନିର୍ବାଚନ ମଣ୍ଡଳୀ ୨୦୧୯ ନିର୍ବାଚନରେ ବିଜେପି ଖାତାକୁ ଯାଇଥିଲା। ବିଜେପିର ମଙ୍ଗୁ ଭାଇ ଦ୍ୱିତୀୟଥର ନିର୍ବାଚନ ଲଢ଼ି ପୂର୍ବ ନିର୍ବାଚନ ଅପେକ୍ଷା ପ୍ରାୟ ୨୧% ଅଧିକ ଭୋଟ (୭୪୮୧୫) ଏବଂ ୧୩୪୦୬ ଖଣ୍ଡ ଭୋଟ ମାର୍ଜିନରେ ବାଜି ମାରି ନେଇଥିଲେ। ବିଜେଡିର ଭୋଟ ହାର ପୂର୍ବ ନିର୍ବାଚନ ଅପେକ୍ଷା ଅଧିକ ଥିଲେ ମଧ୍ୟ ପ୍ରାର୍ଥୀଙ୍କ ପରାଜୟକୁ ଦଳୀୟ ନେତା, କର୍ମୀ ସହଜରେ ଗ୍ରହଣ କରିପାରି ନଥିଲେ। ବିଜେଡି ଦଳ ସପକ୍ଷରେ ହାୱା ଥିଲେ ମଧ୍ୟ ଦଳରୁ ପ୍ରାର୍ଥୀ ହୋଇଥିବା ଜୀବନ ପ୍ରଦୀପ ଦାଶ ନିଜକୁ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବ।

**ବୃଷ** ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। ବ୍ୟବସାୟରେ ଲାଭବାନ୍ ହେବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

**ମିଥୁନ** ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**କର୍କଟ** ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ସିଂହ** ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**କନ୍ୟା** ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଭ ରହିଛି।

**ତୁଳା** ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

**ବିଛା** ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ଧନୁ** ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

**ମକର** ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**କୁମ୍ଭ** ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଶାନ୍ତି ବଜାୟ ରହିବ। ବ୍ୟବସାୟରେ ଉନ୍ନତି କରିବେ। ତେଣୁ ଜଗିରଖି ଚଳିବାକୁ ହେବ।

**ମୀନ** ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସ୍କୁଲ ପିଲାଙ୍କ ପାଇଁ ଏଟିଏଲ୍ ଆପ୍ ଡେଭଲପ୍‌ମେଣ୍ଟ ମଡ୍ୟୁଲ

**ନୂଆଦିଲ୍ଲୀ,(ପିଆଇବି):** ଦେଶରେ ମୋବାଇଲ ଆପ୍ ବିକାଶ କ୍ଷେତ୍ରରେ ନବସୃଜନର ଏକ ବାତାବରଣ ସୃଷ୍ଟି କରିବା ପାଇଁ ନୀତି ଆୟୋଗର ଅଟଳ ଇନୋଭେସନ୍ ମିଶନ ପକ୍ଷରୁ ଏଟିଏଲ୍ ଆପ୍ ଡେଭେଲପ୍‌ମେଣ୍ଟ ମଡ୍ୟୁଲ ସମଗ୍ର ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନର ଏକ ଏକ ଅଂଶବିଶେଷ। ଭାରତୀୟ ଷ୍ଟାର୍ଟଅପ୍ ପ୍ଲେଜମ ସହାୟତାରେ ଏହି ମଡ୍ୟୁଲ ଆରମ୍ଭ ହୋଇଛି। ସ୍କୁଲ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଆପ୍ ବ୍ୟବହାରକାରୀରୁ ସମୟକ୍ରମେ ଅଭିନବ ଆପ୍ ନିର୍ମାତା କରିବା ଲକ୍ଷ୍ୟରେ ଏହି ମଡ୍ୟୁଲ ଆରମ୍ଭ କରାଯାଇଛି। ଏହି ପିଲାମାନେ ଅଟଳ ଟିଂକରିଂ ଲ୍ୟାବ୍ ଇନିସିଏଟିଭ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଆପ୍ ନିର୍ମାଣ କାର୍ଯ୍ୟ ଶିଖିବେ। ଏହି ମଡ୍ୟୁଲ ଉପରେ ନିଜର ମତାମତ ପ୍ରକାଶ କରି ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ କହିଛନ୍ତି ଯେ କରୋନା ମହାମାରୀ ବିଭିନ୍ନ କ୍ଷେତ୍ରରେ ବଡ ବ୍ୟାଘାତ ସୃଷ୍ଟି କରିଛି। ତାହାକୁ ଦୂର କରିବା ପାଇଁ ଟେକ୍‌ନୋଲଜିର ବ୍ୟବହାର କରାଯାଇ ସମସ୍ତଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ସେ କହିଛନ୍ତି ଯେ ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଦେଶର ନାଗରିକମାନଙ୍କୁ ଆତ୍ମନିର୍ଭର ଭାରତ ଗଠନ ପାଇଁ ନୂଆ ଟେକ୍‌ନୋଲଜିର ବ୍ୟବହାର ଏବଂ ସନ୍‌ସୃଜନ ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ତରୁଣ ବୟସରେ ପିଲାଏ ଦକ୍ଷତା ଓ କୌଶଳ ହାସଲ କଲେ ପରବର୍ତ୍ତୀ ପିଢିର ଟେକ୍‌ନୋଲଜିର ନେତୃତ୍ୱ ସେମାନେ ନେଇପାରିବେ। ଅଟଳ ଟିଂକରିଂ ଇନିସିଏଟିଭ ଏମ୍ ନୀତିଆୟୋଗ ମିଳିତଭାବେ ଏହି କାର୍ଯ୍ୟ ହାତକୁ ନେଇଛନ୍ତି ଏବଂ ଏହା ଆରମ୍ଭ ହେବା ଗର୍ବ ଓ ଗୌରବର ବିଷୟ। ଯୁବ ଭାରତୀୟଙ୍କ ମସ୍ତିଷ୍କରେ ବିଶେଷକରି ପିଲାମାନଙ୍କ ଉପରେ ଏହା ଅଧିକ ପ୍ରଭାବ ପଡିବ। ଏଟିଏଲ୍ ଆପ୍ ଡେଭେଲପ୍‌ମେଣ୍ଟ ମଡ୍ୟୁଲ ଏକ ଅନ୍‌ଲାଇନ ପାଠ୍ୟକ୍ରମ। ଏହା ବିନା ମୂଲ୍ୟରେ ଉପଲବ୍ଧ। ଏଥିରେ ୬ଟି ପ୍ରକଳ୍ପଭିତ୍ତିକ ଲର୍ଣ୍ଣି ମଡ୍ୟୁଲ ବା ଶୈକ୍ଷିକ ଢାଞ୍ଚା ତଥା ଅନ୍‌ଲାଇନ ମେଣ୍ଟରିଂ ସେସନ ରହିଛି। ଯୁବ ଇନୋଭେଟରମାନ ଏହା ମାଧ୍ୟମରେ ବିଭିନ୍ନ ଭାରତୀୟ ଭାଷାରେ ମୋବାଇଲ୍ ଆପ୍ ତିଆରି କରିବା ଶିଖିପାରିବେ ଏବଂ ଏଥିରେ ସେମାନଙ୍କର ପ୍ରତିଭାକୁ ଦେଖାଇପାରିବେ। ଆହୁରି ମଧ୍ୟ ସ୍କୁଲ ଶିକ୍ଷକ, ସାମୟିକ ଶିକ୍ଷକମାନଙ୍କୁ ନେଇ ମଝିରେ ମଝିରେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ। ତାହା ମାଧ୍ୟମରେ ପିଲାଏ ନିଜର ଦକ୍ଷତା ଓ କୌଶଳ ବିକାଶ କରିପାରିବେ। ଆଜି ଏହି ମଡ୍ୟୁଲର ଭର୍ଚୁଆଲ ଇଞ୍ଜିଂ ଅବସରରେ ଅଟଳ ଇନୋଭେସନ୍ ମିଶନର ନିର୍ଦ୍ଦେଶକ ଆର ରମଣନ କହିଛନ୍ତି ଯେ ଆମ ଦେଶର ବିପୁଳ ଲୋକଶକ୍ତିକୁ ବିନିଯୋଗ କରି ଆମକୁ ବିଶ୍ୱଶ୍ରେଣୀୟ ଟେକ୍‌ନୋଲଜି ସୂତ୍ର ବାହାର କରିବାକୁ ପଡିବ ଏବଂ ଏଥିପାଇଁ ନୂଆ ନୂଆ ଆପ୍ ବିକଶିତ କରିବାକୁ ହେବ। ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଆପ୍ ଇନୋଭେସନ ଆହ୍ୱାନ ଏହି କାର୍ଯ୍ୟକ୍ରମକୁ ଅନୁପ୍ରାଣିତ କରିଛି। ଏହା ମାଧ୍ୟମରେ ଯୁବ ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ ଔଦ୍ୟୋଗିକ କ୍ଷେତ୍ରରେ ଏହାର ଉପଯୋଗ କରିବାକୁ ସୁଯୋଗ ପାଇଛନ୍ତି। ସେ କହିଛନ୍ତି ଯେ ନୀତି ଆୟୋଗ ଏଥିପାଇଁ ଏକ ଅତ୍ୟାଧୁନିକ ପ୍ଲାଟଫର୍ମ ନିର୍ମାଣ କରିଛି। ଏହା ମାଧ୍ୟମରେ ସାରା ଦେଶର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବଶେଷ ଟେକ୍‌ନୋଲଜି ସଂପର୍କରେ ଜ୍ଞାନ ଅର୍ଜନ କରିବା ସହିତ ସେଗୁଡିକର ପ୍ରୟୋଗ ପାଇଁ ସୁଯୋଗ ପାଇବେ। ଏଥରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ, ଗେମ୍ ଡିଜାଇନ ଓ ବିକାଶ, ଥ୍ରିଡି ଡିଜାଇନ, ଡିଜିଟାଲ କ୍ରିଏଟିଭିଟି ସ୍କିଲ୍ ଓ ଆଷ୍ଟ୍ରୋନମି ଆଦି ପାଠ୍ୟକ୍ରମ ରହିଛ। ନିଜ ନିଜ ଘରେ ବସି ଛାତ୍ରଛାତ୍ରୀ ଓ ଶିକ୍ଷକଗଣ ଆରାମରେ ଏହା ଶିଖିପାରିବେ। ସେ ଆହୁରି କହିଛନ୍ତି ଯେ, ଏଟିଏଲ ଆପ୍ ଡେଭଲପ୍‌ମେଣ୍ଟ ମଡ୍ୟୁଲକୁ କାର୍ଯ୍ୟକାରୀ କରିବା ନୀତି ଆୟୋଗ ପାଇଁ ଏକ ବଡ ଗୌରବର ବିଷୟ। ମେକ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ଉଦ୍ୟମ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଏହି ଅସବରରେ ପ୍ଲେଜ୍‌ମୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମୋଲ ପଲସିକର କହିଛନ୍ତି ଯେ, କୃଷି ଓ ଶିଳ୍ପ ବିପ୍ଳବ ପରେ ବିଶ୍ୱ ଅର୍ଥନୀତି ଏବେ ଟେକ୍‌ନୋଲଜି ବିପ୍ଳବ ଦ୍ୱାରା ନୂଆ ରୂପ ନେଉଛି। ତାଙ୍କ ସଂସ୍ଥାର ଲକ୍ଷ୍ୟ ହେଲା ଏକବିଂଶ ଶତାବ୍ଦୀରେ ସବୁ ଲୋକଙ୍କୁ କୋଡିଂ, କମ୍ପ୍ୟୁଟେସନାଲ ଥିଙ୍କିଂ, ପ୍ରବଲମ ସଲ୍‌ଭିଂ, ଡିଜାଇନ ଥିଙ୍କିଂ ଆଦି ବିଭିନ୍ନ ପ୍ରକାର ବୈଷୟିକ କୌଶଳ ଓ ଜ୍ଞାନ ସହ ପରିଚିତ ତଥା ସିଦ୍ଧହସ୍ତ କରିବା।

# 'ଶାନ୍ତି ଚାହାନ୍ତି ଭାରତ ଏବଂ ଚୀନ୍'



**ନୂଆଦିଲ୍ଲୀ :** ଲଦାଖ ସୀମାକୁ ନେଇ ଉପୁଜିଥିବା ବିବାଦ ପରିପ୍ରେକ୍ଷୀରେ ଚୀନ୍ ବିରୋଧରେ ଭାରତକୁ ସମର୍ଥନ କରିବାକୁ ଏକାଧିକ ରାଷ୍ଟ୍ର ଆଗେଇ ଆସିବାରୁ ବେଜିଂ ସ୍ୱର ବଦଳାଇଛି। ଏହି ପରିପ୍ରେକ୍ଷୀରେ ଚୀନ୍ କହିଛି ଭାରତ ଶତ୍ରୁ ନୁହେଁ ବରଂ ଅଂଶୀଦାର। ଚୀନ୍‌ର ରାଷ୍ଟ୍ରଦୂତ କହିଛନ୍ତି, ବିବାଦ ନୁହେଁ, ଭାରତ ଏବଂ ଚୀନ୍ ଶାନ୍ତି ଚାହାନ୍ତି। କଥାବର୍ତ୍ତା ମାଧ୍ୟମରେ ଜଟିଳ ପ୍ରସଙ୍ଗରେ କୌଣସି ସମାଧାନର ବାଟ ନପାଇବା ପର୍ଯ୍ୟନ୍ତ ଭାରତ ଏବଂ ଚୀନ୍ ବିବାଦୀୟ ସୀମା ନିକଟରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ କାମ କରିବା ଉଚିତ୍ ବୋଲି ଚୀନ୍‌ର ରାଷ୍ଟ୍ରଦୂତ ସନ୍ ୱେଡଙ୍ଗ କହିଛନ୍ତି। ଉଭୟ ଭାରତ ଏବଂ ଚୀନ୍ ଶତ୍ରୁ ନୁହନ୍ତି ଏବଂ ସେମାନେ ଅଂଶୀଦାର ବୋଲି ସେ କହିଛନ୍ତି। ବିଭିନ୍ନ ମହଲରେ ଚୀନ୍ ସହ ଆର୍ଥିକ ଏବଂ ବାଣିଜ୍ୟିକ ସମ୍ପର୍କ ଛିନ୍ନ ପାଇଁ କୁହାଯାଉଛି। ଭାରତରେ ମେଡ୍ ଇନ୍ ଚାଇନା ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦିଆଯାଉଛି। ଏଭଳି ପଦକ୍ଷେପ ଚୀନ୍‌ର ଉଦ୍ୟୋଗ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଆଦୌ ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି। ଭାରତ ଏବଂ ଚୀନ୍ ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ଦ୍ୱାରା ବିଶ୍ୱାସ ବଢାଇବା ଉଚିତ୍। କେହି କାହାର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି। ପୂର୍ବ ଲଦାଖର ୩ଟି ଅଞ୍ଚଳରୁ ଚୀନ୍ ସେନା ପ୍ରତ୍ୟାହାର ପରେ ସନ୍ ଏଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ଚୀନ୍ ଦୂତାବାସର ୟୁଟ୍ୟୁବ୍ ଚ୍ୟାନେଲରେ ୧୮ ମିନିଟ୍‌ର ଏକ ଭିଡିଓ ପୋଷ୍ଟ କରି ସନ୍ ଏହି ଟିପ୍ପଣୀ ଦେଇଛନ୍ତି। ଚୀନ୍ ରାଷ୍ଟ୍ରଦୂତ ୫ଟି ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଗୋଟିଏ ହେଉଛି ଭାରତ-ଚୀନ୍ ଶତ୍ରୁ ନୁହନ୍ତି। ସେମାନେ ଅଂଶୀଦାର ହେବା ଉଚିତ୍। ବିବାଦ ଅପେକ୍ଷା ସେମାନେ ଶାନ୍ତି ଚାହାନ୍ତି। ଉଭୟ ଭାରତ-ଚୀନ୍ ପାରସ୍ପରିକ ସହଯୋଗ ବଢିବା ଉଚିତ୍। ବିଶ୍ୱାସ ବୃଦ୍ଧି ସହ ଦ୍ୱିପକ୍ଷିକ ସମ୍ପର୍କରେ ବ୍ୟାପକ କରାଯିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। କଥାବର୍ତ୍ତା ମଧ୍ୟରେ ଉଭୟ ରାଷ୍ଟ୍ର ରଣନୀତିକ ଯୋଗାଯୋଗ ଏବଂ ପାରସ୍ପରିକ ବୁଝାମଣା ଏବଂ ସହଯୋଗ ବଢାଇବା ଜରୁରୀ ବୋଲି ସେ କହିଛନ୍ତି।

## କୋଭିଡ୍-୧୯ ସମ୍ପର୍କିତ ଆଉ ଏକ ତଥ୍ୟ

# ଗର୍ଭସ୍ଥ ଶିଶୁ ମଧ୍ୟ ଆକ୍ରାନ୍ତ ହୁଏ



**ନୂଆଦିଲ୍ଲୀ :** ସମ୍ପ୍ରତି ସମଗ୍ର ବିଶ୍ୱ ପାଇଁ ଆତଙ୍କର କାରଣ ସାଜିଥିବା ନୋଭେଲ କରୋନା ଭାଇରସ୍ ବା କୋଭିଡ୍-୧୯ ମହାମାରୀକୁ କେନ୍ଦ୍ର କରି ଏବେ ନୂଆ ନୂଆ ତଥ୍ୟ ଓ ପ୍ରମାଣ ସବୁ ସାମନାକୁ ଆସିବାରେ ଲାଗିଛି। କୋଭିଡ୍-୧୯ ଭୂତାଣୁ ବାୟୁବାହୀ ବା ବାୟୁମଣ୍ଡଳରେ ବିସ୍ତାରିତ ହୋଇ ମଧ୍ୟ ସଂକ୍ରମଣ ଘଟାଇପାରେ ବୋଲି ଗତ ଦୁଇଦିନ ତଳେ ଜଣାପଡିଥିବା ବେଳେ ଶୁକ୍ରବାର କୋଭିଡ୍-୧୯ ଭୂତାଣୁକୁ ନେଇ ସାମନାକୁ ଆସିଛି ଆଉ ଏକ ବଡ ତଥ୍ୟ। କୋଭିଡ୍-୧୯କୁ ନେଇ ମିଳିଥିବା ଏହି ନୂତନ ତଥ୍ୟରୁ ଜାଣିବାକୁ ମିଳିଛି ଯେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇଥିବା ଗର୍ଭବତୀ ମହିଳାମାନଙ୍କର ଗର୍ଭସ୍ଥ ଶିଶୁ ମଧ୍ୟ କୋଭିଡ୍-୧୯ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥାଏ ଏବଂ ଏମାନଙ୍କ ଗର୍ଭରୁ ଜନ୍ମିତ ଶିଶୁ ମଧ୍ୟ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହୋଇଥାଏ। ଏ ନେଇ ଏବେ ଦୃଢ ପ୍ରମାଣ ପାଇଛନ୍ତି କୋଭିଡ୍-୧୯ ଉପରେ ପରୀକ୍ଷା ନିରୀକ୍ଷା ଜାରି ରଖିଥିବା ଏକ ଗବେଷକ ଗୋଷ୍ଠୀ। ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ଡବ୍ଲ୍ୟୁଏଚଓ ଗତ ମାସରେ କହିଥିଲେ ଯେ, କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ନୂତନ ମା'ମାନେ ସ୍ତନ୍ୟପାନ ଜାରି ରଖିବା ଉଚିତ୍। ସେହିପରି କୋଭିଡ୍-୧୯ ଭୂତାଣୁ ବାୟୁବାହୀ ନୁହେଁ ବୋଲି ମଧ୍ୟ ପୂର୍ବରୁ କହୁଥିଲା। କିନ୍ତୁ, ଏବେ କୋଭିଡ୍-୧୯ ଭୂତାଣୁ ବାୟୁବାହୀ ଥିବା ସ୍ୱୀକାର କରୁଛି ଡବ୍ଲ୍ୟୁଏଚଓ। ସେହିପରି ଏବେ କୋଭିଡ୍-୧୯ ଉପରେ ପରୀକ୍ଷା ନିରୀକ୍ଷା ଜାରି ରଖିଥିବା ଏକ ଗବେଷକ ଗୋଷ୍ଠୀ କୋଭିଡ୍-୧୯ ଆକ୍ରାନ୍ତ ଥିବା ଗର୍ଭବତୀ ମାତାମାନେ ସେମାନଙ୍କର ଜନ୍ମିତ ଶିଶୁଙ୍କୁ ମଧ୍ୟ କୋଭିଡ-୧୯ ସଂକ୍ରମିତ କରିପାରିବେ ବୋଲି ଦୃଢ ପ୍ରମାଣ ପାଇଛନ୍ତି। ଏଥିସହ ମହାମାରୀ ସମୟରେ ଗର୍ଭବତୀ ମହିଳା ଓ ସେମାନଙ୍କ ନବଜାତକମାନଙ୍କୁ କିପରି ଏଥିରୁ ରକ୍ଷା କରାଯାଇପାରିବ ସେଥିନେଇ ଅଧିକ ଗବେଷଣା ଜାରି ରଖିଛନ୍ତି ଏବଂ ଏ କ୍ଷେତ୍ରରେ ଗର୍ଭଧାରଣର ପ୍ରଥମ ପର୍ଯ୍ୟାୟରେ ରହିଥିବା ଗର୍ଭବତୀ ମହିଳାମାନଙ୍କର ବିଶେଷ ଧ୍ୟାନ ନେବାକୁ ପରାମର୍ଶ ଦେଇଛନ୍ତି ଏହି ଗବେଷକ ଗୋଷ୍ଠୀ।

# ବିମାନ ଯାତ୍ରା କଟକଣା କୋହଳ

**ନୂଆଦିଲ୍ଲୀ :** ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନ ଯାତ୍ରା ନେଇ ରହିଥିବା ନିୟମ କୋହଳ କରାଯାଇଛି। ପୂର୍ବରୁ ୨ ମାସ ମଧ୍ୟରେ କରୋନା ଆକ୍ରାନ୍ତ ହୋଇନଥିବା ପ୍ରମାଣ ଦେଖାଇଲେ ବିମାନ ଯାତ୍ରା ପାଇଁ ସରକାର ଅନୁମତି ଦେଉଥିବା ବେଳେ ଏଣିକି ଏହାକୁ ୩ ସପ୍ତାହ କରାଯାଇଛି। ଅର୍ଥାତ୍ ଏବେ ଯାତ୍ରୀମାନେ ୩ ସପ୍ତାହ ମଧ୍ୟରେ କରୋନା ଆକ୍ରାନ୍ତ ହୋଇନଥିଲେ ବିମାନରେ ଯାତ୍ରା କରିପାରିବେ। ଏ ନେଇ ସେମାନଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡିବ। ମେ ୨୧ରେ ସରକାର ସମସ୍ତ ଯାତ୍ରୀଙ୍କ ପାଇଁ ବିମାନ ଉଡାଣ ପୂର୍ବରୁ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ କରିଥିଲେ। ବିମାନ ଉଡାଣ ତାରିଖର ଦୁଇ ମାସ ପୂର୍ବରୁ ସେମାନେ କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ହୋଇନଥିବା ପ୍ରମାଣ ଦେଖାଇ ଯାତ୍ରା କରି ପାରିବେ ବୋଲି ସରକାର ଆଗରୁ ଘୋଷଣା କରିଥିଲେ। ଏବେ ଏହି ସମୟସୀମାକୁ ହ୍ରାସ କରାଯାଇ ୩ ସପ୍ତାହ ଧାର୍ଯ୍ୟ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀମାନେ କହିଛନ୍ତି ଯେ, ଏବେ ଭାରତରେ ବହୁ ଲୋକ କରୋନାରେ ସଂକ୍ରମିତ ହୋଇ ଆରୋଗ୍ୟଲାଭ କରିଛନ୍ତି। ସେମାନଙ୍କ ପାଇଁ କୌଣସି ଅସୁବିଧାକୁ ଏଡାଇବା ନିମନ୍ତେ ଆତ୍ମ-ଘୋଷଣା ଫର୍ମ ଅପଡେଟ୍ କରିବାକୁ ହେବ। ବିଭିନ୍ନ ଏୟାରଲାଇନ୍ସକୁ କୁହାଯାଇଛି ଯେ, ବିମାନ ଉଡାଣ ପୂର୍ବରୁ ଯାତ୍ରୀମାନେ ଏକ ଆତ୍ମଘୋଷଣା ଫର୍ମ ଦେବା ଆବଶ୍ୟକ, ଯେଉଁଥିରେ ସେମାନେ ଗତ ତିନି ସପ୍ତାହ ମଧ୍ୟରେ କୋଭିଡ୍ ଆକ୍ରାନ୍ତ ହୋଇନାହାନ୍ତି। ଏହାଛଡ଼ା ଯେଉଁମାନେ କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି, ସେମାନେ ତିନି ସପ୍ତାହ ପୂରଣ କରି ବିମାନରେ ଯାତ୍ରା କରି ପାରିବେ। ଏ ନେଇ ସେମାନଙ୍କୁ ଡାକ୍ତରଖାନାରୁ କୋଭିଡ୍ ଡିସ୍‌ଚାର୍ଜ ପ୍ରମାଣପତ୍ର ଦେଖାଇବାକୁ ହେବ।

# 'ଏକବିଂଶ ଶତାବ୍ଦୀର ଉର୍ଜା ଆବଶ୍ୟକତା ବଡ ମାଧ୍ୟମ'



**ନୂଆଦିଲ୍ଲୀ :** ଏସିଆର ସବୁଠୁ ବଡ ସୋଲାର ପାୱାର ପ୍ଲାଣ୍ଟ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଧ୍ୟପ୍ରଦେଶର ରେୱାଠାରେ ଏହି ସୋଲାର ପାୱାର ପ୍ଲାଣ୍ଟ ନିର୍ମାଣ ହୋଇଛି। ଏଥିରୁ ୭୫୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ରେୱା ପ୍ରକୃତରେ ଇତିହାସ ସୃଷ୍ଟି କରିଛି। ମା' ନର୍ମଦା ଏବଂ ଧଳା ବାଘ ପାଇଁ ପରିଚିତ ରେୱା ଆଜି ଏସିଆର ସବୁଠୁ ବଡ ସୋଲାର ପାୱାର ପ୍ଲାଣ୍ଟ ପାଇଁ ନୂଆ ପରିଚୟ ହାସଲ କରିଛି। ରେୱା ସୋଲାର ପ୍ଲାଣ୍ଟ ଚଳିତ ଦଶନ୍ଧିରେ ସମଗ୍ର ଅଞ୍ଚଳକୁ ଏକ ବଡ ଶକ୍ତି କେନ୍ଦ୍ର ଭାବେ ପରିଣତ କରିବାରେ ସହଯୋଗ କରିବ। ଏକବିଂଶ ଶତାବ୍ଦୀର ଉର୍ଜା ଆବଶ୍ୟକତା ବଡ ମାଧ୍ୟମ ହେବ। ଏହାଦ୍ୱାରା ମଧ୍ୟପ୍ରଦେଶର ଲୋକଙ୍କୁ ଏଠାକାର ଉଦ୍ୟୋଗଗୁଡିକୁ ବିଦ୍ୟୁତ୍ ସୁବିଧା ମିଳିବା ସହିତ ଦିଲ୍ଲୀରେ ମେଟ୍ରୋ ଟ୍ରେନ୍ ଚଳାଚଳ ପର୍ଯ୍ୟନ୍ତ ଲାଭ ମିଳିବ। ଭାରତ ଯେପରି ବିକାଶର ନୂଆ ଶିଖର ଆଡକୁ ଅଗ୍ରସର ହେଉଛି, ଆମର ଆଶା ଓ ଆକାଂକ୍ଷା ବଢୁଛି, ସେହିପରି ଆମ ପାଇଁ ଶକ୍ତି ଓ ବିଦ୍ୟୁତ୍‌ର ଆବଶ୍ୟକତା ବି ବୃଦ୍ଧି ପାଉଛି। ଆତ୍ମନିର୍ଭର ଭାରତ ପାଇଁ ବିଦ୍ୟୁତ୍ କ୍ଷେତ୍ରରେ ଆତ୍ମନିର୍ଭରତା ବହୁତ ଆବଶ୍ୟକ। ସୂଚନାଥାଉ କି, ୧୫୦୦ ହେକ୍ଟର ଅଞ୍ଚଳରେ ଏହି ସୋଲାର ପ୍ଲାଣ୍ଟ ନିର୍ମାଣ କରାଯାଇଛି। ୫୦୦ ହେକ୍ଟର ଲେଖାଏ ଅଞ୍ଚଳରେ ୩ଟି ୟୁନିଟ୍‌ରେ ପ୍ଲାଣ୍ଟ ବିଭକ୍ତ ହୋଇଥିବା ବେଳେ ପ୍ରତି ୟୁନିଟ୍‌ରୁ ୨୫୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବ। ଏହାଦ୍ୱାରା ପ୍ରତିବର୍ଷ ୧୫ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଅନୁପ୍ରବେଶ ଅପେକ୍ଷାରେ ୩୦୦ ଆତଙ୍କୀ



**ନୂଆଦିଲ୍ଲୀ :** ଭାରତରେ ଅନୁପ୍ରବେଶ ପାଇଁ ସୀମା ଆରପଟେ ଥିବା ଆତଙ୍କୀ ଲଞ୍ଚପ୍ୟାଡ୍‌ମାନଙ୍କରେ ପ୍ରାୟ ୨୫୦ରୁ ୩୦୦ ଆତଙ୍କବାଦୀ ଅପେକ୍ଷା କରି ରହିଥିବା କଥା ସେନା ପକ୍ଷରୁ କୁହାଯାଇଛି। ବାରମୂଲାସ୍ଥିତ ଜିଓସି ୧୯ ଇନ୍‌ଫାଣ୍ଟ୍ରି ଡିଭିଜନର ମେଜର ଜେନେରାଲ ବୀରେନ୍ଦ୍ର ସ୍ୱତ୍‌ସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ମିଳିଥିବା ଗୁଇନ୍ଦା ରିପୋର୍ଟ ଅନୁଯାୟୀ ସୀମା ଆରପାରିରେ ଥିବା ଲଞ୍ଚପ୍ୟାଡ୍‌ଗୁଡିକରେ ଆତଙ୍କବାଦୀମାନେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ନିୟନ୍ତ୍ରଣ ରେଖା ଅଞ୍ଚଳରେ ଅନୁପ୍ରଦେଶର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ତାଙ୍କୁ ପଚରା ପ୍ରଶ୍ନ ହେବାରୁ ସେ କହିଲେ ଯେ, ଆମ ଯବାନମାନେ ନୌଗାମ୍ ସେକ୍ଟର ଅନ୍ତର୍ଗତ ନିୟନ୍ତ୍ରଣ ରେଖା ଅଞ୍ଚଳରେ ପାକିସ୍ତାନୀ ପୋଷ୍ଟ ପଟୁ ସନ୍ଦେହଜନକ ଯାତାୟତ ଦେଖିଛନ୍ତି। ଅନୁପ୍ରବେଶ-ନିରୋଧି ବାଡ କାଟି ଅନୁପ୍ରଦେଶ କରିବାକୁ ଉଦ୍ୟମରତ ଦୁଇଜଣ ଆତଙ୍କବାଦୀଙ୍କୁ ଏହି ଅବସରରେ ନିପାତ କରାଯାଇଛି। ଘଟଣାସ୍ଥଳରୁ ସେନା ଦୁଇଟି ଏ.କେ. ଆସଲ୍ଟ ରାଇଫଲ, ୧୨ଟି ମାଗାଜିନ୍, ଗୋଟିଏ ପିସ୍ତଲ, କେତେକ ଗ୍ରେନେଡ୍ ଉଦ୍ଧାର କରିଛନ୍ତି। ସେଠାରୁ ୧.୫ ଲକ୍ଷ ଟଙ୍କାର ଭାରତୀୟ ଏବଂ ପାକିସ୍ତାନୀ ମୁଦ୍ରା ଜବତ ହୋଇଛି। ଏବେ ମଧ୍ୟ ସେ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି ବୋଲି ଏହି ସେନା ଅଧିକାରୀ କହିଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ପୁଲୱାମା ଭଳି ଆତ୍ମଘାତୀ ହମ୍‌ଲା ପାଇଁ ଯୋଜନା କରୁଥିବା ଗୁଇନ୍ଦା ସୂଚନା ମିଳିବା ପରେ ଉତ୍ତର ଓ କେନ୍ଦ୍ରୀୟ କଶ୍ମୀରରେ ଆଲର୍ଟ ଜାରି କରାଯାଇଛି। ଆତଙ୍କବାଦୀମାନେ କାର୍ ବୋମା ବିସ୍ଫୋରଣ କରିପାରନ୍ତି ବୋଲି ଗୁଇନ୍ଦା ସୂଚନା ଦେବା ପରେ ଶ୍ରୀନଗର-ବାରମୂଲା ରାଜପଥରେ ହାଇ ଆଲର୍ଟ ଜାରିହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ଓ କେନ୍ଦ୍ରୀୟ କଶ୍ମୀରକୁ ସଂଯୋଗ କରୁଥିବା ରାଜପଥରେ ଲସ୍କର-ଇ-ତୋଇବା ବଡଧରଣର ଆକ୍ରମଣ କରିବାକୁ ଯୋଜନା କରୁଛି। ବାରମୂଲାର ପଟ୍ଟନ ଅଞ୍ଚଳରୁ ଶ୍ରୀନଗର ଉପକଣ୍ଠରରେ ଥିବା ଏଚ୍‌ଏମ୍‌ଟି ମଧ୍ୟସ୍ଥ ରାସ୍ତାରେ ଆକ୍ରମଣ କରାଯାଇପାରେ ବୋଲି ଗୁଇନ୍ଦା ସୂଚନାରୁ ଜଣାପଡିଛି। ରହମନ୍ ଭାଇ ନାମକ ଜଣେ ବିଦେଶୀ ଆତଙ୍କବାଦୀଙ୍କ ଦ୍ୱାରା ଏଭଳି ହମ୍‌ଲା ଯୋଜନା କରାଯାଇଛି। ଆକ୍ରମଣ କରିବାକୁ ଆତଙ୍କବାଦୀମାନଙ୍କୁ ଆମ୍ବୁଲାନ୍ସରେ ଅଣାଯାଇପାରେ। ଏହି ସୂଚନା ମିଳିବା ପରେ ସମଗ୍ର ଉତ୍ତର କଶ୍ମୀରର ସୋପୋର ଏବଂ ହନ୍ଦୱାରା ପ୍ରଭୃତି ଅଞ୍ଚଳରେ ନିରାପତ୍ତା ବାହିନୀ ଆଲର୍ଟ ରଖାଯାଇଛି।




# ଉପକୂଳ ଓଡ଼ିଶାରେ ମରୁଡ଼ି ଆଶଙ୍କା

**ଭୁବନେଶ୍ୱର :** ଉପକୂଳରେ ବଢ଼ିଲାଣି ମରୁଡ଼ି ଆଶଙ୍କା। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉପକୂଳ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ହୋଇଛି। ଫଳରେ ବର୍ଷା ଅଭାବ ଯୋଗୁଁ ସେଠାରେ ଚାଷ କାର୍ଯ୍ୟ ପ୍ରଭାବିତ ହେବାରେ ଲାଗିଛି। ବିଲରେ ପାଣି ନଥିବା ସାଙ୍ଗକୁ ପ୍ରବଳ ଖରାରେ ତଳି ପୋଡ଼ିବାକୁ ବସିଲାଣି। ଯେଉଁ କେତେକ ଖାଲୁଆ ଜମିରେ ତଳି ଅଛି, ହେଲେ ରୋଇବା ପାଇଁ ଆବଶ୍ୟକୀୟ ପାଣି ହେଉନାହିଁ। ଫଳରେ ଅଧିକାଂଶ ଉପକୂଳ ଜିଲ୍ଲାରେ ଗଜା ମରୁଡ଼ି ଆଶଙ୍କା ଦେଖା ଦେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଲେଣି। ଅନ୍ୟପକ୍ଷରେ ଯଦି ଆଗାମୀ ୧୯ ତାରିଖ ସୁଦ୍ଧା ଉପକୂଳରେ ଭଲ ବର୍ଷା ନହୁଏ ତେବେ ଆଗକୁ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି କୃଷି ବିଶେଷଜ୍ଞ ମତ ଦେଇଛନ୍ତି। ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ୩୩୫.୪ ମିମି ମୌସୁମୀ ଜନିତ ବର୍ଷା ହୋଇଛି। ସାରା ରାଜ୍ୟରେ ଏହି ସମୟରେ ୩୧୬.୩ ବର୍ଷା ହେଲେ ଏହାକୁ ସ୍ୱାଭାବିକ ବର୍ଷା ବୋଲି ଧରାଯାଏ। ତେବେ ଏହି ପରିମାଣଠାରୁ ବର୍ତ୍ତମାନ ସୁଦ୍ଧା ୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୂର୍ବରୁ ଏହି ପ୍ରତିଶତ ଅଧିକ ଥିବା ବେଳେ ଧୀରେଧୀରେ ଏହା କମିବାରେ ଲାଗିଛି। ତେବେ ସବୁଠାରୁ ବଡ଼ କଥା ହେଲା ମୌସୁମୀ ଆରମ୍ଭରୁ ଏବେ ସୁଦ୍ଧା ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଟକ, ଯାଜପୁର, ବାଲେଶ୍ୱର ଓ ସୋନପୁର ଜିଲ୍ଲାରେ ଭଲ ବର୍ଷା ହୋଇନାହିଁ। ତେଣୁ ଏହି ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ୨୦ ପ୍ରତିଶତ କମ୍ ବର୍ଷା ହୋଇଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ଚାଷ କାର୍ଯ୍ୟରେ ବିଶେଷ ପ୍ରଭାବିତ ହୋଇଛନ୍ତି। କୃଷି ବିଶେଷଜ୍ଞ ତଥା ଓୟୁଏଟିର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଉପକୂଳ ଜିଲ୍ଲାଗୁଡ଼ିକରେ ମୌସୁମୀ ଜନିତ ବର୍ଷା ନିଅଣ୍ଟିଆ ରହିଛି। ଆସନ୍ତା ସପ୍ତାହରେ ମଧ୍ୟ ଉପକୂଳରେ ଭଲ ବର୍ଷା ହେବାର ସମ୍ଭାବନା ନାହିଁ। ଫଳରେ ଉପକୂଳ ଅଞ୍ଚଳରେ



ଚାଷବାସ ବିଶେଷ ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତାଙ୍କ ଆକଳନ ଅନୁଯାୟୀ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାର ୫ଟି ଜିଲ୍ଲା କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ସହିତ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା ଗଜପତି, ମାଲକାନାଗିରି, ରାୟଗଡ଼ା, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ଆସନ୍ତା ସପ୍ତାହରେ ବର୍ଷା ସ୍ୱାଭାବିକ ରହିବ। ତେବେ ବାକି ୨୦ ଜିଲ୍ଲାରେ ବର୍ଷା ନିଅଣ୍ଟିଆ ରହିବ। ସେଥିମଧ୍ୟରୁ ୧୦ଟି ଉପକୂଳ ଜିଲ୍ଲା ଯଥା ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜୁପର, ଭଦ୍ରକ ଓ ବାଲେଶ୍ୱରରେ ଏହି ସପ୍ତାହରେ ବର୍ଷା ସ୍ୱାଭାବିକଠାରୁ ପ୍ରାୟ ୩୦ ପ୍ରତିଶତ କମ ରହିପାରେ। ବାକି ୧୦ ଜିଲ୍ଲାରେ ପ୍ରାୟ ୨୦ ପ୍ରତିଶତ କମ୍ ରହିବାର ସମ୍ଭାବନା ରହିଛି। ତେବେ ୧୨-୧୪ ତାରିଖ ଏବଂ ୧୯-୨୦ରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ୧୩ ଓ ୧୯ ତାରିଖ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ସୁନ୍ଦରଗଡ଼ ଓ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏହି ସମୟରେ ପ୍ରାୟତଃ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ଉପକୂଳ ଜିଲ୍ଲାଗୁଡ଼ିକରେ ବୁଣା ଧାନ ପ୍ରାୟ ୨୦ ଦିନ ହୋଇଗଲାଣି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନ ବେଉଷଣ ସମୟ ହୋଇଥିଲେ ବି ପାଣିର ଅଭାବ ହେତୁ ଏହା ହୋଇପାରୁ ନାହିଁ। କିଛି ସ୍ଥାନରେ ଧାନ ତଳି ୧୫ ଦିନ ପରେ ରୋଇଲେ ଅମଳ ଭଲ ହୋଇଥାଏ। କିନ୍ତୁ କାଦୁଅ କରିବା ପାଇଁ ବର୍ଷାର ନିଅଣ୍ଟ ରହୁଛି। ଯାହାଦ୍ୱାରା ବର୍ଷା ପାଇଁ ବଡ଼ ଆବଶ୍ୟକତା ରହିଛି। ତେବେ ନିକଟରେ ଲଘୁଚାପ କିମ୍ବା ଅନ୍ୟ କୌଣସି ସିଷ୍ଟମର ସୂଚନା ନଥିବାରୁ ଭଲ ବର୍ଷା ହେବାର ସମ୍ଭାବନା ନାହିଁ। ମାତ୍ର ୧୯ ତାରିଖ ସୁଦ୍ଧା ଯଦି ଉପକୂଳରେ ଭଲ ବର୍ଷା ନହୁଏ ତାହାଲେ ସେଠାରେ ପରିସ୍ଥିତି ଅଧିକ ସଙ୍ଗୀନ ହେବା ସହିତ ଚାଷବାସରେ ବିଶେଷ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପକ୍ଷରେ ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା ଓ ବରଗଡ଼ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ବାକି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ଫଳରେ ଏଠାରେ ଧାନ ସମେତ ଅଣଧାନ ଫସଲ ହେବାର କୌଣସି ସମସ୍ୟା ସୃଷ୍ଟି ହୋଇ ନାହିଁ।

## ଏଣିକି ଅନ୍‌ଲାଇନରେ ଫାୟାର ସେଫ୍ଟି ସାର୍ଟିଫିକେଟ

**ଭୁବନେଶ୍ୱର :** ଚଳିତ ମାସ ଶେଷସୁଦ୍ଧା ରାଜ୍ୟରେ ଅଗ୍ନି ନିବାରଣ ଓ ନିରାକରଣ ବ୍ୟବସ୍ଥା ଲାଗୁ କରାଯିବ। ଲୋକେ ଆଉ ଅଗ୍ନିଶମ ଅଫିସ ନଯାଇ ଅନ୍‌ଲାଇନରେ ଅଗ୍ନି ନିରାକରଣ ସୁପାରିସ (ଫାୟର ସେଫ୍ଟି ରେକୋମେଣ୍ଡେସନ) ଓ ଅଗ୍ନି ନିରାକରଣ (ଫାୟର ସେଫ୍ଟି) ପ୍ରମାଣ ପତ୍ର ଆବେଦନ କରିପାରିବେ। ଏହି ନିୟମରେ ସମସ୍ତ ପ୍ରତିଷ୍ଠାନ ଓ ଅନୁଷ୍ଠାନ ଫାୟାର ସେଫ୍ଟି ସାର୍ଟିଫିକେଟ ଦେବା ବାଧ୍ୟତାମୂଳକ କରାଯାଇଛି। ଅଗ୍ନିଶମ ବିଭାଗର ସୂଚନା ଅନୁସାରେ, ରାଜ୍ୟରେ ଅଗ୍ନି ନିବାରଣ ଓ ନିରାକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ୧୯୯୩ ମସିହର ଅଧିନିୟମକୁ ୨୦୧୭ରେ ପାରିତ କରାଯାଇଥିଲା। ଏହି ନିୟମ ଅନୁସାରେ ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନୁଷ୍ଠାନ ପାଇଁ ଅଗ୍ନି ନିରାକରଣ (ଫାୟାର ସେଫ୍ଟି) ସାର୍ଟିଫିକେଟ ନେବା ଜରୁରି ଅଟେ। ଏଥିପାଇଁ ପୂର୍ବରୁ ଲୋକେ ଅଗ୍ନିଶମ ଅଫିସକୁ ଯାଇ ଆବେଦନ କରୁଥିଲେ। ଏହାଦ୍ୱାରା ବହୁ ସମୟରେ ଏହି ପ୍ରମାଣପତ୍ର ପାଇବା ପାଇଁ ବିଳମ୍ବ ହେଉଥିଲା। କିନ୍ତୁ ଏହି ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଓ ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ତରଫରୁ ଅନ୍‌ଲାଇନ୍ ଯୋଗେ ଏହି ସେବା ଯୋଗାଇ ଦେବା ପାଇଁ ୨୦୧୯ ମସିହାରେ ନୀତିଗତ ଭାବରେ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତାବକୁ ସରକାର ତୁରନ୍ତ ଗ୍ରହଣ କରିବା ସହ ଏହାକୁ ୫ଟିରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ପ୍ରଣାଳୀ ପ୍ରଣୟନ ବାବଦକୁ ଅର୍ଥ ବ୍ୟବସ୍ଥା ହେବା ପରେ ଏଥିପାଇଁ ଆବଶ୍ୟକ ସଫ୍ଟୱେର ଡେଭ୍‌ଲପ କରିବା ପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରକୁ ଦାୟିତ୍ୱ ଦିଆଯାଇଥିଲା ଓ ଏହାକୁ ଗତ ଏପ୍ରିଲ ମାସରେ ଲାଗୁ କରିବା ପାଇଁ ନୀତିଗତ ଭାବରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କୋଭିଡ-୧୯ ଆପତକାଳୀନ ପରିସ୍ଥିତି ଦୃଷ୍ଟିରୁ ଏହା ବିଳମ୍ବ ହୋଇଥିଲା। ଇତି ମଧ୍ୟରେ ଏହି ସଫ୍ଟୱେୟାର ଡେଭ୍‌ଲପ କରାଯାଇ ପରୀକ୍ଷଣସ୍ତରରେ ଅଛି। ଚଳିତ ମାସ ସପ୍ତାହରେ ବିଧିବଦ୍ଧ ଭାବରେ ସାରା ରାଜ୍ୟରେ ଲାଗୁ ହେବାକୁ ଯାଉଛି। ଏହି ବ୍ୟବସ୍ଥା ଅନୁଯାୟୀ ପ୍ରଥମ ଦଫାରେ ରାଜ୍ୟରେ ନୂତନ ଭାବରେ ଆରମ୍ଭ ହେବାକୁ ଯାଉଥିବା ସମସ୍ତ କୋଠା ବାଡ଼ି, କଳକାରଖାନା ଓ ଅନ୍ୟାନ୍ୟ ଅଗ୍ନି ପ୍ରବଣ ପ୍ରତିଷ୍ଠାନ ପାଇଁ ଲାଗୁ କରାଯିବ। ସେମାନେ ଅନ୍‌ଲାଇନ୍ ଜରିଆରେ ଏହି ସେବା ପାଇପାରିବେ ଓ ସେମାନଙ୍କୁ ଆଉ ଅଗ୍ନିଶମ ବିଭାଗର ବିଭିନ୍ନ ଅଫିସ ଦ୍ୱାରସ୍ଥ ହେବାକୁ ପଡ଼ିବନାହିଁ। ପରବର୍ତ୍ତୀ ସମୟରେ ଅସ୍ଥାୟୀ ଶିବିର, ଅଗ୍ନି ଦୁର୍ଘଟଣା ପ୍ରମାଣପତ୍ରର ଓ ଅକ୍ଟୋବର ୨୦୧୭ ମସିହା ପୂର୍ବରୁ ଗଢ଼ି ଉଠିଥିଲା କୋଠା ଓ ପ୍ରତିଷ୍ଠାନଗୁଡ଼ିକ ପାଇଁ ବ୍ୟବସ୍ଥା ଲାଗୁ କରାଯିବ। ଏହି ବ୍ୟବସ୍ଥାରେ ଜନସାଧାରଣଙ୍କୁ ୩୦ଦିନ ମଧ୍ୟରେ ଅଗ୍ନି ନିରାକରଣ ସୁପାରିସ ଓ ୧୮ଦିନ ମଧ୍ୟରେ ଅଗ୍ନି ନିରାକରଣ ପ୍ରମାଣପତ୍ର ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ପ୍ରଣାଳୀ ସରକାରଙ୍କ ମୋ ସରକାର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଉଚ୍ଚପଦସ୍ଥ ଅଧିକାରୀମାନେ ଲୋକଙ୍କ ନିକଟରୁ ଏହି ସେବା ବାବଦରେ ଫିଡ୍‌ବ୍ୟାକ୍ ନେଇ ପାରିବେ। ଗତ ନଭେମ୍ବର-୨୦୧୯ରେ ସରକାର ଅଗ୍ନିଶମ ପ୍ରମାଣପତ୍ର ଦେବା ବ୍ୟବସ୍ଥାକୁ ଲୋକବହୁମୁଖୀ ଓ ତ୍ୱରିତ କରିବା ପାଇଁ ଏକ ସରକାରୀ ବିଜ୍ଞପ୍ତି ଜାରି କରିଥିଲେ। ଏହି ବିଜ୍ଞପ୍ତି ଅନୁଯାୟୀ ସମସ୍ତ ଅଗ୍ନିଶମ କେନ୍ଦ୍ରର କେନ୍ଦ୍ର ଅଧିକାରୀମାନେ ଲୋକମାନଙ୍କ ଦ୍ୱାରା ତିଆରି କରାଯାଉଥିବା ଅସ୍ଥାୟୀ ଶିବିରମାନଙ୍କୁ ସିଧା ଅଗ୍ନିଶମ ପ୍ରମାଣପତ୍ର ଯୋଗାଇ ଦେଇପାରିବେ। ସେହିପରି ୩୫ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ କୋଠାଗୁଡ଼ିକ ପାଇଁ ମୁଖ୍ୟ ଅଗ୍ନିଶମ ଅଧିକାରୀ ଓ ଉପ ଅଗ୍ନିଶମାଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରାଯାଇଅଛି। ଏହି ପ୍ରଣାଳୀ ଲାଗୁ ହେବା ଦ୍ୱାରା ଜନସାଧାରଣ ଅଗ୍ନିଶମ ପ୍ରମାଣପତ୍ର ପାଇବାରେ ତ୍ୱରିତ ସେବା ପାଇପାରିବେ ବୋଲି ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି ଆଶାବ୍ୟକ୍ତ କରିଛନ୍ତି।

## ନକ୍ସଲମୁକ୍ତ ହେଲା ଆଉ ୫ ଜିଲ୍ଲା

**ଭୁବନେଶ୍ୱର :** ରାଜ୍ୟରେ ମାଓଉପଦ୍ରବ ଜିଲ୍ଲା ୧୫ରୁ ୧୦କୁ ଖସିଛି। ୫ଟି ଜିଲ୍ଲାକୁ ନକ୍ସଲ ମୁକ୍ତ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ଅନୁଗୁଳ, ବୌଦ୍ଧ, ସମ୍ବଲପୁର, ଦେବଗଡ଼ ଓ ନୟାଗଡ଼। ମାଓ ହିଂସା ପ୍ରତି ଜିରୋ ଟଲେରାନ୍ସ ନୀତି ଉପଦ୍ରବ କମାଇବାରେ ବେଶ ସହାୟକ ହୋଇଛି। ଆଗକୁ ମାଓ ଉପଦ୍ରବ ଜିଲ୍ଲା ସଂଖ୍ୟାରେ ଅହୁରି ହ୍ରାସ କରାଯିବ ବୋଲି ପୋଲିସ ଡିଜି ଶ୍ରୀ ଅଭୟ କହିଛନ୍ତି। ଏଥିସହିତ ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି କହିଛନ୍ତି, କେନ୍ଦ୍ର ଗୃହ ମନ୍ତ୍ରଣାଳୟ (ଏମ୍‌ଏଚଏ) ରିପୋର୍ଟ ଅନୁସାରେ ଦେଶରେ ମାଓ ପ୍ରଭାବିତ ଅଞ୍ଚଳ କମିବାରେ ଲାଗିଛି। ସାରା ଦେଶରେ ମାଓଉପଦ୍ରବ ଅଞ୍ଚଳ କମୁଥିବା ବେଳେ ଓଡ଼ିଶାରେ ଆଉ ୫ ଜିଲ୍ଲା ନକ୍ସଲ ମୁକ୍ତ ହୋଇଛି। ପୂର୍ବରୁ ଓଡ଼ିଶାର ୧୯ଜିଲ୍ଲା ମାଓପ୍ରବଣ ଜିଲ୍ଲା ଭାବେ ଗଣନା କରାଯାଉଥିବା ବେଳେ ଏବେ ଏହା ୧୦କୁ ଖସି ଆସିଛି। ବିଗତ କିଛିବର୍ଷ ମଧ୍ୟରେ ରାଜ୍ୟ ପୋଲିସର ବଳିଷ୍ଠ ସୁରକ୍ଷାମୂଳକ ପଦକ୍ଷେପ ଓ ସରକାରଙ୍କ ବ୍ୟାପକ ବିକାଶ କାର୍ଯ୍ୟକ୍ରମ ଚାଲୁ ରହିବା ଯୋଗୁଁ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଘଟିଛି। ଡିଜିପି କହିଛନ୍ତି, ଦିନକୁ ଦିନ ମାଓବାଦୀଙ୍କ ଆତ୍ମସମର୍ପଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୯ରେ ୧୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୨୦୨୦ ଜୁଲାଇ ସୁଦ୍ଧା ୧୭ ଜଣ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ମୁଖ୍ୟସ୍ରୋତରେ ସାମିଲ ହେଉଥିବା ମାଓବାଦୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପ୍ରୋତ୍ସାହନ ଦିଆଯାଉଛି। ଏଥିସହିତ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଥଇଥାନ ମଧ୍ୟ କରାଯାଉଛି। ତେଣୁ ମାଓବାଦୀମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁସାରେ, ଗତ ତିନି ଦଶନ୍ଧି ଧରି ଓଡ଼ିଶାରେ ବାମପନ୍ଥୀ ସନ୍ତ୍ରାସବାଦଜନିତ କାର୍ଯ୍ୟକଳାପ ଜାରି ରହିଛି। ୨୦୧୨ ମସିହା ବେଳକୁ ରାଜ୍ୟରେ ମାଓ କାର୍ଯ୍ୟକଳାପ ୧୯ ଜିଲ୍ଲାକୁ ବ୍ୟାପି ଯାଇଥିଲା। ସେହି ଜିଲ୍ଲାଗୁଡିକ ହେଲା, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ଼, ଯାଜପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗର, ନୟାଗଡ଼, ନୂଆପଡ଼ା, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ଼। ଯାହା ରାଜ୍ୟ ସରକାର ଓ ପୁଲିସ ପାଇଁ ମୁଣ୍ଡବ୍ୟାଥାର କାରଣ ସାଜିଥିଲା। ରାଜ୍ୟରୁ ମାଓ ଉପଦ୍ରବ ହ୍ରାସ କରିବା ଲାଗି ଗୋଇନ୍ଦାକୁ ସୁଦୃଢ଼ କରାଯିବା ସହ ଆନ୍ତଃରାଜ୍ୟ ସୁରକ୍ଷା ଏଜେନ୍ସି ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଥିଲା। ସଠିକ ଗୋଇନ୍ଦା ତଥ୍ୟ, ସୁରକ୍ଷାକର୍ମୀଙ୍କ ଉଚିତ ମୁକାବିଲା ଓ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଯୋଗୁଁ ୨୦୧୮ ଏପ୍ରିଲରେ ୬ ଜିଲ୍ଲାକୁ ମାଓମୁକ୍ତ କରାଯାଇପାରିଥିଲା। ରାଜ୍ୟର ଗଜପତି, ଗଞ୍ଜାମ, ଯାଜପୁର, ଢେଙ୍କାନାଳ, ମୟୁରଭଞ୍ଜ, କେନ୍ଦୁଝର ମାଓପ୍ରବଣ ଜିଲ୍ଲାରୁ ବାଦ ପଡ଼ିଥିଲା। ଫଳରେ ମାଓଉପଦ୍ରବ ୧୩ ଜିଲ୍ଲାକୁ ଖସି ଆସିଥିଲା। ପୁଲିସର ସର୍ଚ୍ଚ ଅପରେସନ, କମ୍ବିଂ ଓ ମାଓ ହିଂସା ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁଁ ସେତେବେଳେ ୬ଟି ଜିଲ୍ଲାକୁ ମାଓବାଦୀ ମୁକ୍ତ କରାଯାଇଥିଲା। ବିଶେଷ କରି ଯାଜପୁରରେ ଥିବା ମାଓଦୁର୍ଗକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇପାରିଥିଲା।

## 'ରାଜଧାନୀକୁ ବିପଦ ହଟ୍‌ସ୍ପଟ୍ ଫେରନ୍ତା'

**ଭୁବନେଶ୍ୱର :** ବାହାର ଜିଲ୍ଲାରୁ ଲୋକ ଆସୁଥିବାରୁ ଭୁବନେଶ୍ୱରରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ବିଶେଷ କରି ହଟ୍‌ସ୍ପଟ ଜିଲ୍ଲାରୁ ଲୋକେ ବିଭିନ୍ନ କାମରେ ଭୁବନେଶ୍ୱର ଚାଲି ଆସୁଥିବାରୁ ରାଜଧାନୀରେ ବଢ଼ିଚାଲିଛି ସଂକ୍ରମିତଙ୍କ ସଂଖ୍ୟା। ଫଳରେ ୧୦ ଦିନରେ ୩୧୦ ନୂଆ ସଂକ୍ରମଣ ଚିହ୍ନଟ ହୋଇଛି। ଏ ମଧ୍ୟରୁ କେବଳ ୬୧ଜଣଙ୍କୁ ବିଭିନ୍ନ ଡାକ୍ତରଖାନାରୁ ଚିହ୍ନଟ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ। ସଙ୍ଗରୋଧରେ ଥିବା ଲୋକମାନଙ୍କର କୋଭିଡ-୧୯ ରିପୋର୍ଟ ନେଗେଟିଭ ଆସିବା ପରେ ଏବେ ଭୁବନେଶ୍ୱରର ୪ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ମୁକ୍ତ କରାଯାଇଛି। କଣ୍ଟେନମେଣ୍ଟ ଜୋନ୍ ମୁକ୍ତ ହୋଇଥିବା ଅଞ୍ଚଳ ମଧ୍ୟରେ ରହିଛି ମଞ୍ଚେଶ୍ୱରସ୍ଥିତ ବ୍ଲୁହୁଇଲ ହସ୍ପିଟାଲ, ମଞ୍ଚେଶ୍ୱରର ଏକ ଶିଳ୍ପ, ଲକ୍ଷ୍ମୀବଜାର ବସ୍ତି ଏବଂ ସୁବାସନଗର ବସ୍ତି। ଏହି ୪ଟି ସ୍ଥାନରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯିବା ସହ ଅନ୍ୟ ଲୋକମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ କୁହାଯାଇଥିଲା। ଏବେ ସେମାନଙ୍କ କୋଭିଡ ରିପୋର୍ଟ ନେଗେଟିଭ ଆସିବା ପରେ ୪ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ମୁକ୍ତ କରାଯାଇଛି। ବ୍ଲୁହୁଇଲ ହସ୍ପିଟାଲରୁ ମୋଟ ୪୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୪୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିଲେ ଏବଂ ୨ଜଣ ପ୍ରାଣ ହରାଇଥିଲେ। ପ୍ରାଣ ହରାଇଥିବା ୨ଜଣ ରୋଗୀ ବ୍ଲୁହୁଇଲ ହସ୍ପିଟାଲରେ କରୋନା ଦ୍ୱାରା ଆକ୍ରାନ୍ତ ହେବା




ପୂର୍ବରୁ ଚିକିତ୍ସିତ ହେଉଥିଲେ ବୋଲି ଜଣାପଡିଛି। ୪୩ଜଣ ଚିହ୍ନଟ ପରେ ତାଙ୍କର ସଂସ୍ପର୍ଶରେ ଆସିଥିବା ୨୫୦ଜଣ ହସ୍ପିଟାଲ କର୍ମଚାରୀଙ୍କୁ ସଙ୍ଗରୋଧରେ ରଖାଯାଇଥିଲା। ପରେ ସେମାନଙ୍କ ସ୍ୱାବ ନମୁନା ପରୀକ୍ଷା କରାଯିବା ପରେ ରିପୋର୍ଟ ନେଗେଟିଭ ଆସିଥିଲା। ସେହିଭଳି ମଞ୍ଚେଶ୍ୱରର ଏକ ଇଣ୍ଡଷ୍ଟ୍ରିରୁ ୩୮ଜଣ ଲୋକ କରୋନା ଆକ୍ରାନ୍ତ ହେବା ପରେ ଇଣ୍ଡଷ୍ଟ୍ରିକୁ ସିଲ୍ କରାଯାଇ ୮୭ଜଣଙ୍କୁ ସଙ୍ଗରୋଧରେ ରହିବା ପାଇଁ କୁହାଯାଇଥିଲା। ଚିକିତ୍ସା ପରେ ବର୍ତ୍ତମାନ ୩୮ଜଣ ସୁସ୍ଥ ହୋଇଯାଇଥିବା ବେଳେ ସଙ୍ଗରୋଧରେ ଥିବା ୮୭ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି। ଦୁଇଟି ବସ୍ତି ଅଞ୍ଚଳ ଲକ୍ଷ୍ମୀବଜାର ଏବଂ ସୁବାସ ନଗରରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏହି ଦୁଇଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଥିଲା। ଡୁମଡୁମା ନିକଟସ୍ଥ ସୁବାସନଗର ବସ୍ତିରେ ୬ଜଣ ଲୋକ କରୋନା ଆକ୍ରାନ୍ତ ହୋଇଥିଲେ। ଚିକିତ୍ସିତ ହେବା ପରେ ଏବେ ୬ଜଣ ସୁସ୍ଥ ହୋଇଯାଇଛନ୍ତି। ୬ଜଣ କରୋନା ଆକ୍ରାନ୍ତ ବୋଲି ଜଣାପଡିବା ପରେ ସୁବାସନଗର ବସ୍ତିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବା ସହ ୫୪ଟି ଘରକୁ କଣ୍ଟେନମେଣ୍ଟ କରାଯାଇଥିଲା। ୧୪ଦିନିଆ ଆକ୍ଟିଭ ସର୍ଭିଲାନ୍ସ କରାଯାଇ ୧୮୨ ଲୋକଙ୍କର ସ୍ୱାବ ପରୀକ୍ଷା କରାଯାଇଥିଲା, ଯାହା ପରେ ସମସ୍ତଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ଏବେ ସୁବାସ ନଗର ବସ୍ତି କଣ୍ଟେନମେଣ୍ଟ ଜୋନ୍ ମୁକ୍ତ ହୋଇଛି। ଗତକାଲି ଲକ୍ଷ୍ମୀବଜାର ବସ୍ତିକୁ ମଧ୍ୟ କଣ୍ଟେନମେଣ୍ଟ ଜୋନ୍ ମୁକ୍ତ କରାଯାଇଛି। ଏହି ବସ୍ତିରୁ ୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଚିକିତ୍ସିତ ହେବା ପରେ ଏବେ ୯ଜଣ ସୁସ୍ଥ ହୋଇଯାଇଛନ୍ତି। ୯ଜଣ କରୋନା ଆକ୍ରାନ୍ତ ବୋଲି ଜଣାପଡିବା ପରେ ସୁବାସନଗର ବସ୍ତିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯିବା ସହ ୬୩ଟି ଘରକୁ କଣ୍ଟେନମେଣ୍ଟ କରାଯାଇଥିଲା। ୧୪ ରାଉଣ୍ଡ ଆକ୍ଟିଭ ସର୍ଭିଲାନ୍ସ କରାଯାଇ ୧୦୮ ଲୋକଙ୍କର ସ୍ୱାବ ପରୀକ୍ଷା କରାଯାଇଥିଲା, ଯାହାପରେ ସମସ୍ତଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ଏବେ ଲକ୍ଷ୍ମୀବଜାର ବସ୍ତି କଣ୍ଟେନମେଣ୍ଟ ଜୋନ୍ ମୁକ୍ତ ହୋଇଛି।

## ସଂଗଠନ, ସେବା, ସଂଘର୍ଷ ଓ ସମ୍ବାଦକୁ ଆଧାର କରି ଆଗକୁ ବଢ଼ିବା ପାଇଁ ରଣନୀତି ପ୍ରସ୍ତୁତ ହେଉ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ବିଜେପି ପଦାଧିକାରୀଙ୍କ ପ୍ରଥମ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ବୈଠକରେ ଆଗାମୀ ୬ ମାସ ପାଇଁ ରାଜନୈତିକ ଖସଡ଼ା ପ୍ରସ୍ତୁତ କରାଯାଇଛି। ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଦଳ ସଂଗଠନ, ସେବା, ସଂଘର୍ଷ ଓ ସମ୍ବାଦକୁ ଆଧାର କରି ଆଗକୁ ବଢ଼ିବା ପାଇଁ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ରାଜନୀତିରେ ସେବାକୁ ହିଁ ମହତ୍ୱ ଦିଆଯାଇଛି। ଦଳ ନିର୍ବାଚନ ଜିତିବା ପାଇଁ ନୁହେଁ, ଦଳର ସଂଗଠନ କେବଳ କ୍ଷମତା ଦଖଲ କରିବା ପାଇଁ ନୁହେଁ ବରଂ ସମାଜକୁ ଭଲ ପାଇ ସେବା କରିବା, ସେବା ହିଁ ସଗଠନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ବିଗତ ସାଢେ ୩ ମାସ ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ କ୍ରିୟାନ୍ୱୟନ କାରଣରୁ ଭାରତ ସରକାର ଦେଶର ନାଗରିକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିପାରିଛନ୍ତି। କରୋନା ମହାମାରୀ ସମୟରେ ଦଳ ପକ୍ଷରୁ ଗରିବଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯିବା ସହ ମାସ୍କ ବଣ୍ଟାଯିବା ଓ ରକ୍ତଦାନ ଶିବିର ଆୟୋଜନ କରିବା ଭଳି ଅନେକ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିଛି। ଏହାସହ ବିଭିନ୍ନ ଭର୍ଚୁଆଲ ଜନସମ୍ବାଦ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଂଚାଯାଇ ପାରିଛି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶକୁ ପ୍ରାଥମିକତା ଦେଇଥିବା ବେଳେ ଓଡିଶାକୁ ବିକାଶର ପ୍ରୟୋଗଶାଳା କରାଯିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ୧୧୫ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ଓଡିଶାର ୧୦ଟି ଜିଲ୍ଲାକୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ଏହସବୁ ଜିଲ୍ଲାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ଯୋଜନାର ଅଧିକ ଲାଭ ଓଡିଶା ପାଇଛି। କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ଅଧିକ ଲାଭ ଓଡିଶା ପାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଗାମୀ ୫ ମାସ ଯାଏଁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାକୁ ମଧ୍ୟ ଆହୁରି ତିନିମାସ ବୃଦ୍ଧି କରାଯାଇଛି। ନିକଟରେ ଆତ୍ମନିର୍ଭର ପ୍ୟାକେଜରେ କୃଷି କ୍ଷେତ୍ର କିମ୍ବା ଏମଏସଏମଇ ହେଉ ଏହି ଯୋଜନାର ଅଧିକ ଲାଭ ଓଡିଶା ପାଇଛି। ଏହି କଥାକୁ ଲୋକମାନଙ୍କ ପାଖରେ ପହଁଚାଇବାର ଦାୟିତ୍ୱ ଦଳକୁ ନେବାର ଆବଶ୍ୟକତା ରହିଛି। ଏହବ୍ୟତିତ ଓଡିଆଙ୍କ ହକ୍ ପାଇଁ ଲଢିବାକୁ ବିଜେପିର କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ କରିଛନ୍ତି ଶ୍ରୀ ପ୍ରଧାନ।



କରୋନା ମହାମାରୀ ସତ୍ୱେ ଚଳିତବର୍ଷ ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ମାନ୍ୟବର ସୁପ୍ରିମକୋର୍ଟଙ୍କ ସମେତ ଗୋବର୍ଦ୍ଧନ ମଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ମହାରାଜ, ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ, ପୁରୀର ଜନସାଧାରଣ, ଛତିଶା ନିଯୋଗ, ସେବାୟତ ତଥା ମନ୍ଦିର ପ୍ରଶାସନକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଦଳର ସମସ୍ତ ନେତୃବୃନ୍ଦ ଏବଂ ପଦାଧିକାରୀ ଧନ୍ୟବାଦ ଦେଇଥିଲେ। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ଦଳର କାର୍ଯ୍ୟକର୍ତ୍ତାମାନେ ଟିମୱାର୍କ କରି ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜବୁତ୍ କରି କେନ୍ଦ୍ରୀୟ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବାର ଆବଶ୍ୟକତା ରହିଛି। ସମସ୍ତଙ୍କର ବ୍ୟାପକ ଦକ୍ଷତାକୁ ପରିପ୍ରକାଶ କରି ସାଢେ ୪ କୋଟି ଓଡିଆଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାମ କରିବାକୁ ପଡିବ ବୋଲି ଶ୍ରୀ ମହାନ୍ତି ଆହ୍ୱାନ କରିଛନ୍ତି। ସମଗ୍ର ଓଡିଶାକୁ ବିକାଶରେ ସାମିଲ କରିବା ଓ ରାଜ୍ୟକୁ ଦୁର୍ନୀତି ମୁକ୍ତ କରିବା ସଂଗଠନର ଲକ୍ଷ୍ୟ ରହିବା ଉଚିତ୍। ଏହା ସହ ନିକଟରେ କାର୍ଯ୍ୟକର୍ତ୍ତାମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କ୍ରିୟାନ୍ୱିତ ହୋଇଥିବା ଗରିବ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଯୋଜନାକୁ ସମାଜର ସବୁଠୁ ତଳ ଶ୍ରେଣୀରେ ପହଁଚାଇବା ପାଇଁ କାମ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟ ବିଜେପି ସାଧାରଣ ସଂପାଦକ ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି ଯେ କେନ୍ଦ୍ର ସରକାର ଗରିବଙ୍କ ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ କରୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର କୋଭିଡ୍ ପରିଚାଳନାରେ ସରକାର ବିଫଳ ହୋଇଛନ୍ତି। ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଛି। ମନରେଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବି ଦୁର୍ନୀତି ହୋଇଛି ବୋଲି ଶ୍ରୀ ହରିଚନ୍ଦନ ଅଭିଯୋଗ କରିଥିଲେ। ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଏହି ପଦାଧିକାରୀ ବୈଠକର ପରିଚାଳନା କରିଥିଲେ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ପଦାଧିକାରୀଙ୍କୁ ଶ୍ରୀ ମହାପାତ୍ର ସ୍ୱାଗତ କରିଥିଲେ। ଆଗାମୀ କାର୍ଯ୍ୟକ୍ରମ ବିଷୟରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ ଗଲୱାନ ଘାଟିରେ ଶହୀଦ ହୋଇଥିବା ବୀର ଯବାନ, ଦିବଙ୍ଗତ ନେତା ଏବଂ ବ୍ୟକ୍ତିବିଶେଷମାନଙ୍କ ଉପରେ ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହି ପ୍ରସଙ୍ଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକ ଶେଷରେ ଅନ୍ୟତମ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ରବି ନାଏକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବିଏଲ ସନ୍ତୋଷ ଯୋଗ ଦେଇ ସେବା ମାଧ୍ୟମରେ ସଂଗଠନକୁ ମଜବୁତ୍ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ବିଜେପି ରାଜ୍ୟ ପ୍ରଭାରୀ ଅରୁଣ ସିଂହ ଦଳକୁ ଆଗେଇ ନେବା ନେଇ ପ୍ରଦାଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କରୋନା ସମୟରେ ରାଜ୍ୟ ବିଜେପି ପକ୍ଷରୁ କରାଯାଇଥିବା ବିଭିନ୍ନ ସାମାଜିକ ଭିତିକ କାର୍ଯ୍ୟକ୍ରମ ଯଥା ଗରିବଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଂଟନ କରିବା, ମାସ୍କ ବଣ୍ଟନ, ରକ୍ତଦାନ ଶିବିର ପ୍ରଭୃତି କାର୍ଯ୍ୟକ୍ରମ ଉପରେ ଏକ ଭିଡିଓ ପ୍ରେଜେନଟଂସେନ ଉପସ୍ଥାପନ କରାଯାଇଥିଲା। ଏହି ବୈଠକରେ ରାଷ୍ଟ୍ରୀୟ ସଂଗଠନ ସହ ସମ୍ପାଦକ ସୌଦାନ ସିଂହ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସଂପାଦକ ସୁରେଶ ପୁଜାରୀ, ପୂର୍ବତନ ମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେ.ଭି.ସିଂହଦେଓ, ବିଧାୟକ ଦଳ ନେତା ପ୍ରଦୀପ ନାଏକ ପ୍ରମୁଖଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ଜୁଲାଇ, ୨୦୨୦

# କେଉଁପଥେ ଜୀବନ !



ତାରକ ମହାନ୍ତି

ଯେବେଠାରୁ ମହାମାରୀ କରୋନାର ଆର୍ବିଭାବ ଘଟିଛି, ସେବେଠୁ ଲୋକଙ୍କ ଭିତରେ ଗୋଟେ ଅଦୃଶ୍ୟ ଭୟ ଜାତ ହୋଇଛି। ସମଗ୍ର ବିଶ୍ୱ ଏହି ଭୟ ମଧ୍ୟରେ ବଞ୍ଚିବାର ନୂଆ କଳା କୌଶଳ ହାସଲ ପାଇଁ ଲାଗିପଡିଛନ୍ତି। ସବୁଠି ଲାଗି ରହିଥିବା ଅସ୍ଥିରତାରୁ ମୁକୁଳି ପୁଣି କିଭଳି ସ୍ୱାଭାବିକ ଜୀବନ ଜିଇଁହେବ ସେନେଇ ଉଦ୍ୟମ ଆରମ୍ଭ ହୋଇଛି। କୃଷିରୁ ଶିଳ୍ପ, ଶିକ୍ଷାରୁ ଗବେଷଣା ପର୍ଯ୍ୟନ୍ତ ସବୁଠି ନୂତନ ଚିନ୍ତାର ନବୋନ୍ମେଷ ଘଟିବା ଆରମ୍ଭ କଲାଣି। ଏବେ ବାୟୁମଣ୍ଡଳରେ ଭାସମାନ ଅବସ୍ଥାରେ କରୋନା ଭୂତାଣୁ ବୁଲୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହବା ଆରମ୍ଭ କରିଛି। ଏହା ବୁଠୁ ଭୟଙ୍କର ତଥ୍ୟ, ଯାହା ମାନବ ସଭ୍ୟତା ପାଇଁ ବିପଦ ଆଣିଦେବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କଲାବେଳେ ଜୀବନ ସୁରକ୍ଷିତ ରଖିବା କେତେ କଷ୍ଟକର ତାହା ଏହି ତଥ୍ୟରୁ ଜଣାପଡେ।

ଏବେ ଆସିବା ପ୍ରସଙ୍ଗ ଭିତରକୁ, ଯେଉଁଠି ସମୟ ବଳିୟାନ ଓ ମଣିଷ ନିମିତ୍ତ ମାତ୍ର ଭୂମିକାରେ ବୋଲି ବୁଝିବାକୁ ହେବ। କାରଣ ମହାମାରୀ କରୋନା ଯେବେଠାରୁ ମଣିଷକୁ ମୃତ୍ୟୁଗାମୀ କରିଛି, ସେବେଠାରୁ ଏହି ଭୂତାଣୁ ପ୍ରକୋପରୁ ବଞ୍ଚି ରହିବା ପାଇଁ ୨୦୦ରୁ ଊର୍ଦ୍ଧ୍ୱ ଦେଶ ଯେଭଳି ସଙ୍କଟ ମୁହଁରେ ଥାଇ ଚେଷ୍ଟା ଜାରି ରଖିଛନ୍ତି ତାହା ବାସ୍ତବ ପକ୍ଷେ ଚିନ୍ତାଜନକ। ବିଶ୍ୱର କ୍ଷୁଦ୍ର ରାଷ୍ଟ୍ର ଠାରୁ ଆରମ୍ଭ କରି ବିକାଶଶୀଳ ଓ ବିକଶିତ ରାଷ୍ଟ୍ରମାନେ ସମାନ କଷ୍ଟ ଓ ସମାନ ଭାବନା ଭିତରେ ବୁଡି ରହିଛନ୍ତି। ସ୍ୱାଭାବିକ ବିଶ୍ୱରେ ଏଭଳି ଅସ୍ୱାଭାବିକ ପରିସ୍ଥିତି କ୍ୱଚିତ ଆସିଥାଏ। ତେଣୁ ସେହି ବିନାଶକାରୀ ଭୂତାଣୁ ସହ ସଭ୍ୟତାର ଜୋରଦାର ଲଢ଼େଇ ଚାଲିଛି। ପ୍ରତିଦିନ ନୂଆ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ମୃତକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଗତ ୪ ମାସ ମଧ୍ୟରେ ସଂକ୍ରମଣ ରୋକିବା ଓ ଏହାର ଶୃଙ୍ଖଳା ଭାଙ୍ଗିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦେଶରେ ଅନେକ ବଳିଷ୍ଠ ପଦକ୍ଷେପ ନେଉଥିଲେ ବି ପ୍ରତିକାରରେ ଆଖିଦୃଶିଆ ସଫଳତା ମିଳିନି ଏଯାଏ। କେବଳ ଆଶ୍ୱସ୍ତିର ଖବର ଏତିକି ଯେ, ସଂକ୍ରମିତ ସୁସ୍ଥ ହେବା ସଂଖ୍ୟା ବଢ଼ିଚାଲିଛି। ଭାରତର ଜନସଂଖ୍ୟା ଦୃଷ୍ଟିକୋଣରୁ ବିଚାର କଲେ ସଂକ୍ରମଣ ଓ ମୃତ୍ୟୁହାର ଆୟତ୍ତରେ ଥିବା ମନେହୁଏ। କାରଣ ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ରରେ ଏତେ ସଂଖ୍ୟକ ଲୋକଙ୍କ ଜୀବନ ଓ ଜୀବିକା ଉଭୟକୁ ସୁରକ୍ଷିତ ରଖିବା ଯେକୌଣସି ସରକାର ପାଇଁ ଏକ ଆହ୍ୱାନ। କାର୍ଯ୍ୟ ସହ ସାମିଲ ନଥିବା ବା ଏହାକୁ ପ୍ରତ୍ୟେକ୍ଷ ଭାବେ ଅନୁଭବ ନକରି ସମାଲୋଚନା କରିବା ଲୋକଙ୍କ ସଂଖ୍ୟା ଆମ ଦେଶରେ ଅଧିକ। କରୋନା କେବେହେଲେ ଏକ ରାଜନୈତିକ ପ୍ରସଙ୍ଗ ହୋଇନପାରେ। ଏଥିରେ ସରକାରଙ୍କ ଦାୟିତ୍ୱ ସହ ଜନସାଧାରଣଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଲକଡାଉନ ଓ ସଟଡାଉନ୍ ଭଳି ବ୍ୟବସ୍ଥାକୁ ମାନି ଜନସାଧାରଣ ସଚେତନ ଓ ଦାୟିତ୍ୱବାନ ନହେଲେ ଆଇନ କେବେ ସଂକ୍ରମଣ କାମ କରିପାରିବ ନାହିଁ। ସରକାର ଯେତିକି ସଚେତନ କରୁଛନ୍ତି ତାହାକୁ ପାଳନ ନକରି ଲୋକ ଯଦି ବାହାନା ଖୋଜି ନିୟମକୁ ଖିଲାପ କରିଚାଲିବେ ଏହା ନକରାତ୍ମକ ଅବସ୍ଥା ନିଶ୍ଚୟ ସୃଷ୍ଟି କରିବ। ଏହା ସତ୍ୟ ଯେ, ଜୀବନ ପାଇଁ ଜୀବିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ଜୀବନ ସୁରକ୍ଷିତ ରଖି ଜୀବିକା ବଞ୍ଚାଇବା ଏହାଠାରୁ ଅଧିକ ପ୍ରାସଙ୍ଗିକ। ସୁସ୍ଥ ନିରୋଗ ବ୍ୟକ୍ତି ହିଁ ରୋଜଗାରକ୍ଷମ ଓ କ୍ରିୟାଶୀଳ ହୋଇଥାନ୍ତି। ସବୁ ଭିତରେ ଅର୍ଥନୀତି ଦୁର୍ବଳ ହୋଇଗଲେ ଗୋଟିଏ ରାଷ୍ଟ୍ର ସହଜରେ ଦୁର୍ବଳ ହୋଇପଡେ। ଏହାର ପ୍ରଭାବ ଦେଶବାସୀଙ୍କ ଉପରେ ପଡେ। ତେଣୁ କରୋନା ଏଭଳି କିଛି ସଙ୍କଟ ସୃଷ୍ଟି କରିବାକୁ ଯାଉଛି। ସଂକ୍ରମଣ ନକମିଲେ ଓ ମୃତ୍ୟୁହାର ବଢ଼ି ଚାଲିଲେ ବ୍ୟବସ୍ଥା ସ୍ୱାଭାବିକ ହେବାକୁ ଅଧିକ ଦିନ ଲାଗିବ। ଯାହାଫଳରେ ଉତ୍ପାଦନ ହ୍ରାସ ସାଙ୍ଗକୁ ବେକାରୀ ଓ ବେରୋଜଗାରୀ ମଧ୍ୟ ବଢ଼ିବ। ଯାହା ସରକାରଙ୍କୁ ଅସ୍ଥିରତାରେ ପକାଇବ, ଦେଶ ସଙ୍କଟ ମଧ୍ୟକୁ ଚାଲିଯିବ। ବେଳେ ବେଳେ ବିଭ୍ରାନ୍ତକାର ତଥ୍ୟ ମିଥ୍ୟା ଗୁଜବ ମଧ୍ୟ ବିପଦ ସୃଷ୍ଟି କରୁଛି। ସାମାଜିକ ଗଣମାଧ୍ୟମରେ କିଛି ବ୍ୟକ୍ତି ନିଜର ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣିଶୁଣି ଅନେକ ଭୁଲ ଖବର ପରିବେଷଣ କରିବା ଦ୍ୱାରା ସମାଜରେ ଏହା ମଧ୍ୟ ଏକପ୍ରକାର ଅସନ୍ତୋଷ, ସନ୍ଦେହ ବଢ଼ାଉଛି। କରୋନା ହେଉ କି ଅନ୍ୟ କୌଣସି ଖବର ଦାୟିତ୍ୱହୀନ ଭାବେ ଲୋକଲୋଚନକୁ ଆସିବା ଫଳରେ କେତେକ ବ୍ୟକ୍ତି ଘଟଣାର ସତ୍ୟାସତ୍ୟ ନଜାଣି ଏହାକୁ ବିଶ୍ୱାସ କରିଦିଅନ୍ତି। ଫଳସ୍ୱରୂପ ଏହାର କୁପ୍ରଭାବ ସମାଜ ଉପରେ ପଡିଥାଏ। ତେଣୁ ସନ୍ଦେହ, ଗୁଜବ ଭଳି ଏହା ମଧ୍ୟ ଏକ ନକରାତ୍ମକ ବାତାବରଣ ତିଆରି କରିଥାଏ। ବିପଦ ଓ ବିପର୍ଯ୍ୟୟ ସମୟରେ ଧୈର୍ଯ୍ୟର ସହକାରେ ଏହାକୁ ମୁକାବିଲା କରିବା ପାଇଁ ସାହସ ଆବଶ୍ୟକ। ତେଣୁ ସ୍ଥଳ ବିଶେଷରେ ଏହି ସାହସ ହିଁ ବଞ୍ଚିବା ଓ ବଢ଼ିବାର ପ୍ରେରଣା ଦିଏ। ସ୍ୱାଭାବିକ ଭାବେ ଦେଖିଲେ ମଣିଷ ସର୍ବଦା ଭଲରେ ବଞ୍ଚିବାକୁ ସ୍ୱପ୍ନ ଦେଖେ। ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଅହନିଶ ଉଦ୍ୟମ ମଧ୍ୟ ଜାରି ରଖିଥାଏ। ହେଲେ କେତେକ ସ୍ଥଳରେ ଦେଖାଯାଉଛି ଯେ, ସ୍ୱପ୍ନ ପୂରଣ ପାଇଁ କିଛି ବ୍ୟକ୍ତି ଅନ୍ୟାୟ ଓ ଅନୀତିର ପନ୍ଥାକୁ ସହଜରେ ଗ୍ରହଣ କରିନେଉଛନ୍ତି। ଯାହାକି ସମାଜ ବ୍ୟବସ୍ଥା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ଏହାର କୁପରିଣାମ ଭୋଗ କରୁଛନ୍ତି ନିରୀହ ଲୋକ। ଏହା ବି ବ୍ୟବସ୍ଥାରେ ବ୍ୟତିକ୍ରମ ସୃଷ୍ଟିର ଅନ୍ୟତମ କାରଣ ବୋଲି ଚିନ୍ତା କରିବାକୁ ହେବ। ଅଧିକନ୍ତୁ ସ୍ୱାର୍ଥ ହାସଲ ପାଇଁ ମଣିଷ ମଣିଷ ଭିତରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଅଶାନ୍ତିର ଅସଲ କାରଣ ହୋଇଥିଲା ବେଳେ ଏଥିରୁ ନିବୃତ୍ତ ହେବାର ଲକ୍ଷ୍ୟ କାହାର ନାହିଁ। ସତେ ଯେମିତି ଏତେବଡ ପୃଥ୍ୱୀରେ କେବଳ ନିଜର ଅସ୍ତିତ୍ୱ ହିଁ ସର୍ବଶ୍ରେଷ୍ଠ ଓ ଅନ୍ୟମାନେ ଅତ୍ୟନ୍ତ ଗୌଣ ହୋଇ ବଞ୍ଚିବାକୁ ବାଧ୍ୟ ଯେମିତି। ପାରିପାର୍ଶ୍ୱିକ ପରିସ୍ଥିତି, ପରିବେଶ, ସମୟ ଉପରେ ଦୃଷ୍ଟି ନଦେଇ କେବଳ ଅହଂକାରକୁ ଜାହିର କରିବାକୁ ଯାଇ ଅନେକ ଏଭଳି କିଛି କାର୍ଯ୍ୟ କରିବସନ୍ତି ଯଦ୍ୱାରା ଅନ୍ୟର ତ କ୍ଷତି ହୁଏ, ହେଲେ ପ୍ରକାରାନ୍ତେ ପରୋକ୍ଷରେ ଏଭଳି ପରିସ୍ଥିତି ଦେଖାଯିଏ ଯାହା ଉଭୟ ପକ୍ଷର ଅଶାନ୍ତି ବଢ଼ିଥାଏ। କେତେକ ସ୍ଥାନରେ ନିଜର ବେଦନା ଅପ୍ରକାଶ୍ୟ ରହିଲେ ବି ଯନ୍ତ୍ରଣାର ମଞ୍ଜି ନିର୍ଦ୍ଦିଷ୍ଟ ଜାଗାରେ ନିଜ ପାଇଁ ସ୍ଥାନ ଆବୋରିସାରିଥାଏ। ପରିଣାମ ବିଚାର ନକରି ଅବିଚାରିତ ଭାବେ କେବଳ ଧ୍ୱଂସର ମାର୍ଗ ବାଛି ନିଜକୁ ଅଧିକ ଗତିଶୀଳ କରାଇବାରେ ସାର୍ଥକତା ଅନୁସାରେ ବିଫଳତା ଅଧିକ।

ତେବେ ମଣିଷ ନିଜ ଇଚ୍ଛାରେ ବାଟ ଚାଲି ଯେଉଁଠି ପହଞ୍ଚିଛି, ସେଥିପାଇଁ ଦୀର୍ଘବର୍ଷର କଠୋର ସାଧନା, ଦିନରାତି ପରିଶ୍ରମ ରହିଛି। ହେଲେ ପ୍ରକୃତି ବିପକ୍ଷରେ ଯାଇ ମଣିଷ ଯାହାକିଛି କରିଛି ବୋଲି କହୁଛି, ତାହା ପ୍ରକୃତିର ସାମାନ୍ୟ କ୍ରୋଧରେ ଧୂଳିସାତ ହୋଇପଡିବ। ବର୍ତ୍ତମାନ ପରିସ୍ଥିତିରେ ଦୀର୍ଘ ୬ମାସ ହେଲା କରୋନା ଭୂତାଣୁ ସମଗ୍ର ବିଶ୍ୱରେ ଯେଭଳି କାୟା ବିସ୍ତାର କରିଚାଲିଛି ତାହା ଶିକ୍ଷା, ସଭ୍ୟତା ପ୍ରତି ଏକ ବଡ ଆହ୍ୱାନ। ଏହାର ମୁକାବିଲା ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଚାଲିଥିଲେ ମଧ୍ୟ ଏଥିରୁ ବଞ୍ଚିବାର ସଫଳ ଭ୍ୟାକ୍ସିନ କେବେ ଆସିବ ତାହା ଅନିଶ୍ଚିତତା ମଧ୍ୟରେ। ତେଣୁ ଆମେ କିଭଳି ନିଜକୁ ଶ୍ରେଷ୍ଠ ବା ସର୍ବୋତ୍ତମ ଜ୍ଞାନୀ ବୋଲି କହିପାରିବା।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଶାନ୍ତ ମନର ଅଶାନ୍ତ ବିଦ୍ରୋହ

## ପଙ୍କଜ କୁମାର ପାଣିଗ୍ରାହୀ

ଅବଚେତନର ଅବସାନରେ ମାନବିକତା ହରାଇ ବସିଥିବା ମଣିଷର ଗନ୍ତବ୍ୟ ଲକ୍ଷକୁ ବୁଝିବା ଯେତିକି ଜଟିଳ, ତାକୁ ଭେଦ କରିବା ମଧ୍ୟ ତାହାଠାରୁ କିଛି କମ ନୁହେଁ! ବିଚାରଶୀଳ ନିଷ୍ପାୟକ ଧାର୍ଯ୍ୟ କରାନଗଲେ ମଣିଷ ସମାଜର ସାଧାରଣ ଜୀବନଯାତ୍ରା ବାଧିତ ହେବା ଅବଶ୍ୟମ୍ଭାବୀ !

ବୌଦ୍ଧ ଧର୍ମର ଉତ୍ପତ୍ତି ସ୍ଥଳ, ଅଖଣ୍ଡ ଭାରତବର୍ଷରେ ତାହାର ଯେତିକି ମାନ୍ୟତା, ଜନାଦୃତତା ଅଛି ତାହାଠାରୁ ଆଶାତୀତ ଅଧିକ ଆମ ପଡୋଶୀ ରାଷ୍ଟ୍ର ଗୁଡିକରେ ଅଦ୍ୟାବଧି ଦେଖିବାକୁ ମିଳିବ । ମହାତ୍ମା ବୁଦ୍ଧଙ୍କର ନୀତି, ବାଣୀ ଏବଂ ମାନବିକ ଚାରିତ୍ରିକ ବିଶ୍ଳେଷଣ ଓ ଚର୍ଯ୍ୟା ଗୁଡିକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମେ ମଣିଷର ଜୀବନଚର୍ଯ୍ୟା, ଦ୍ୱିତୀୟରେ ମଣିଷ ଜୀବନର ରହସ୍ୟ ଉନ୍ମୋଚନ, ତୃତୀୟରେ ମାନବ ସମାଜ ପାଇଁ ଅବଦାନ ଏବଂ ଚତୁର୍ଥରେ ନିଜର ସୁରକ୍ଷା, ଏହିଭଳି ଚାରୋଟି ମୁଖ୍ୟ ବିଷୟ ଉପରେ ଆଧାରିତ ବୌଦ୍ଧଧର୍ମ। ଖ୍ରୀଷ୍ଟପୂର୍ବ ୬୦୦ ବର୍ଷ ତଳେ ଜନ୍ମଗ୍ରହଣ କରିଥିବା ଜଣେ ମଣିଷ ଏତେ ପ୍ରଗାଢ଼ ଅନ୍ତର୍ଜ୍ଞାନର ଅଧିକାରୀ ହୋଇ ପାରିଥିଲେଯେ ତାହା ପରବର୍ତ୍ତୀ ଏକବିଂଶ ଶତାବ୍ଦୀରେ ପାଦଦେଇ ସୁଦ୍ଧା ଗୋଟିଏ ମଣିଷ ତାଙ୍କରି ସମତୁଲ୍ୟ ହୋଇଥିବା ଦେଖିବାକୁ ମିଳୁନି ଅଦ୍ୟାବଧି ! ଅତି ଆଶ୍ଚର୍ଯ୍ୟର କଥାଯେ ଯେଉଁମାନେ ବୌଦ୍ଧଧର୍ମକୁ ଅନୁସରଣ କରି ନିଜର ଜୀବନଚର୍ଯ୍ୟାକୁ ରୂପାନ୍ତରିତ କରିପାରିଲେ ସେହି ମଣିଷ ଗୁଡିକ ଆଜି ପୃଥିବୀର ଗୋଟିଏ ଗୋଟିଏ ପ୍ରତିଭାବାନ ବିକଶିତ ରାଷ୍ଟ୍ର ଭଳି ଦେଖିବାକୁ ମିଳୁଛନ୍ତି, ଏହିକଥା କେହି ଅସ୍ୱୀକାର କରିପାରିବେ ନାହିଁ। ପୃଥିବୀର ସବୁ ମଣିଷଙ୍କ ଭାବଧାରା ସମାନ ନଥିବାବେଳେ ବୌଦ୍ଧ ଧର୍ମାବଲମ୍ବୀ ମଣିଷ ମାନଙ୍କର ଚାରିତ୍ରିକ ଏବଂ ମାନବିକ ମୂଲ୍ୟବୋଧ ଯଥେଷ୍ଟ ଉର୍ଦ୍ଧରେ ରହୁଥିବା ସ୍ୱୀକାର ଯୋଗ୍ୟ। କିନ୍ତୁ ପରିବେଶ, ପରିସ୍ଥିତି ଏବଂ ଜନ୍ମଗତ ଚାରିତ୍ରିକ ବିଚାରଧାରାକୁ ନେଇ କିଛି ବିପରୀତଧର୍ମୀ ମଣିଷ ବୌଦ୍ଧ ସମାଜରେ ରହିବା କୌଣସି ଆଶ୍ଚର୍ଯ୍ୟାନ୍ୱିତ କଥା ନୁହେଁ। ସେହି ବିପରତିଧର୍ମୀ କିଛି ମଣିଷଙ୍କୁ ସମାଜର ଉର୍ଦ୍ଧସ୍ଥାନର କ୍ଷମତା ପ୍ରଦାନ କରାଯିବାରେ ସମଗ୍ର ପରିପାର୍ଶ୍ୱିକ ପରିସ୍ଥିତି, ଅବସ୍ଥିତି ବିପର୍ଜନକ ହେବା ଅନିବାର୍ଯ୍ୟ ! ଆଜିସମୟର କରାଳତା ଉପରେ ଆଧାରକରି ଜାଣିହେବ, ସେହି ବିପରୀତମୁଖୀ ମଣିଷର ଷଡ଼ଯନ୍ତ୍ରରେ କବଳିତ ସମଗ୍ର ବିଶ ସହିତ ଯୁଦ୍ଧର ଦୁର୍ଦ୍ଦିନ ପରବର୍ତ୍ତୀ କରାଳତାର ଅପେକ୍ଷାରେ ସାଧାରଣ ଜୀବନର ଗତି କେଉଁଆଡେ ବିଚରକରି ଦେଖିବା... !

ହିନ୍ଦୁଧର୍ମର ଦଶାବତାର ମଧ୍ୟରୁ ବୌଦ୍ଧବତାର ଗୋଟିଏ ବୋଲି ବର୍ଣ୍ଣନା କରାଯାଇ ସ୍ଥାନ ଦିଆଯାଇଥିଲେ ମଧ୍ୟ ବୌଦ୍ଧପ୍ରାପ୍ତ ସ୍ଥାନ ଭାରତବର୍ଷରେ ତାଙ୍କର ମାନ୍ୟତା ସାଧାରଣ ଲୋକଙ୍କ ପାଖରେ କ୍ଷୀଣ ପଡ଼ିଯାଇଥିବା ସ୍ୱିକାରଯୋଗ୍ୟ । କିନ୍ତୁ ପ୍ରାୟତଃ ସବୁ ପଡୋଶୀ ରାଷ୍ଟ୍ର ଗୁଡିକ ବୌଦ୍ଧଧର୍ମ ତଥା ବୁଦ୍ଧଙ୍କ ପ୍ରତି ପ୍ରଗାଢ଼ ଅନୁରାଗ ରଖିଆସୁଛନ୍ତି । ସେମାନେ ବୁଦ୍ଧଙ୍କୁ ଭଗବାନ ବୋଲି ମାନୁଛନ୍ତି । ସେହି ଭଗବାନ ମାନ୍ୟତା ପାଇଥିବା ବୁଦ୍ଧ ଅବତାର ଶାନ୍ତିର ପ୍ରତୀକ ବୋଲି ବର୍ଣ୍ଣନା କରାଯାଏ । କିନ୍ତୁ ସେହି ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ଭିତରେ ପ୍ରକାଣ୍ଡ ଆକ୍ରମଣ ରୋଧକ କ୍ଷମତା, ଶକ୍ତି ଥିଲା ଯାହା ସେ କେବେହେଲେ ବ୍ୟବହାର କରିନଥିଲେ ! ଭୟଙ୍କର ଜଙ୍ଗଲ ଭିତରେ ନିରୋଳା ଏକାକୀ ଧ୍ୟାନମଗ୍ନ ରହୁଥିବାବେଳେ ବନ୍ୟ ହିଂସ୍ର ଜନ୍ତୁଙ୍କ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସେ ସେମାନଙ୍କ ଆଚରଣବିଧି ଏବଂ ପ୍ରତିରକ୍ଷା କୌଶଳ ଗୁଡିକୁ ଅନୁକରଣ, ଅଭ୍ୟାସ କରି ଭିନ୍ନ ଭିନ୍ନ ଜନ୍ତୁ ମାନଙ୍କର ଆକ୍ରୋସର ଶିକାର ହେଲେ ସେମାନଙ୍କୁ ନମାରି କେବଳ ଭୟଭୀତ କରାଇ ଘଉଡାଉଥିଲେ ! ପରବର୍ତ୍ତୀ ସମୟରେ ନିଜ ଅନୁଭୂତିରୁ ସେହିସବୁ କୌଶଳ ଜ୍ଞାନ ଗୁଡିକ ଲିପିବଦ୍ଧ କରି ବିଭିନ୍ନ ସମୟରେ ମଣିଷ ମାନେ ନିଜକୁ କିଭଳି ସୁରକ୍ଷିତ ରହିବେ, ସେହି ଶିକ୍ଷା ଦେଇଥିଲେ। ଯାହା ଆଜି ଆମେ କରାଟେ, କୁଂଫୁ, ଜୁଡୋ ବୋଲି କହୁଛେ ସେସବୁର ଉଦ୍ଭାବକ ସ୍ୱୟଂ ବୁଦ୍ଧହିଁ ଅଟନ୍ତି ! କିନ୍ତୁ ଏତେଗୁଡିଏ ଶକ୍ତିର ଅଧିକାରୀ ହୋଇ ମଧ୍ୟ ସେ ନିଜକୁ କାହା ଆଗରେ ପ୍ରକାଶ ନକରି ବରଂ ପ୍ରେମ ବାଣ୍ଟି ସମାଜକୁ ଏକ କରିବାର ସ୍ୱପ୍ନ ଦେଖି ବୌଦ୍ଧଧର୍ମ ପ୍ରଚାରରେ ନିଜକୁ ପ୍ରେମ ଭିକ୍ଷୁକ ସଦୃଶ ଉପସ୍ଥାପନ କରୁଥିଲେ ! ଜଣେ ମହାରାଜା ନିଜକୁ ଭିକ୍ଷୁକ ରୂପରେ ସଜାଇ ଲୋକଙ୍କ ପ୍ରେମ ଭିକ୍ଷା କରି ବୁଲି ବୁଲି ଜଗତ ଉଦ୍ଧାର କରିବା ଲକ୍ଷ ରଖିଥିବା ବେଳେ ତାଙ୍କରି ଚେତନାରେ ଅନୁପ୍ରାଣିତ ଜଣେ ମଣିଷ ଆଜି ତାହାର ବିପରୀତ ଚିନ୍ତନ, ବୌଦ୍ଧ ଧର୍ମ ପ୍ରତି ଘାତକତା ବୋଲି କହିବା ଅଯୌକ୍ତିକ ନୁହେଁ !! ଅଖଣ୍ଡ କ୍ଷମତାର ଅଧିକାରୀ ବୁଦ୍ଧଙ୍କ ଶାନ୍ତ ମନରେ କେବେହେଲେ ଅଶାନ୍ତିର ବିଦ୍ରୋହ ସୃଷ୍ଟି କରିପାରିନଥିବା ବେଳେ ଜଣେ ବୌଦ୍ଧ ଧର୍ମୀ ତାଙ୍କର ବିପରୀତ ଚିନ୍ତା କରିବା, ବୁଦ୍ଧଙ୍କର ସେହି ମାନବବାଦୀ ଚିନ୍ତାଧାରା ପ୍ରତି କୁଠାରଘାତ ବୋଲି କୁହାଯିବ ଅଥବା ସେହି ମଣିଷକୁ ଜଣେ ଲାଳାୟିତ ପଶୁ ବୋଲି ବିବେଚନା କରାଯାଇପାରେ, ବିଚାରଯୋଗ୍ୟ !

ବୌଦ୍ଧଧର୍ମ ଏକ ମାନାବାଦୀ ଧର୍ମ ଯାହା ମଣିଷକୁ ନିଜର ଜୀବନଚର୍ଯ୍ୟା ଶିକ୍ଷାଦେଇ ମଣିଷକୁ ମଣିଷ ଭଳି ଗଢିତୋଳିବା ଲକ୍ଷ ରଖିଥାଏ। କୌଣସି ଅଲୌକିକ ଶକ୍ତିକୁ ଅନ୍ଧ ବିଶ୍ୱାସ ନକରି କେବଳ ମଣିଷକୁ ନିଜର କର୍ତ୍ତବ୍ୟ ଅକର୍ତ୍ତବ୍ୟ ଶିକ୍ଷା ଦେଇଥାଏ ବୌଦ୍ଧ ଧର୍ମ। ଧ୍ୟାନ ମାଧ୍ୟମରେ ନିଗୁଢ଼ ମନୋନିବେଶ ମଣିଷର ଅନ୍ତର୍ଜ୍ଞାନ ଉଦୟକରେ ଯାହାଦ୍ୱାରା ମଣିଷ ନିଜ ଜୀବନର ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଥାଏ, ତାହାରି ଉପରେ ଗୁରୁତ୍ୱାରୋପ କରିଥାଏ ବୌଦ୍ଧଧର୍ମ। ମଣିଷ ଜୀବନର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାହାର ଜୀବନଧାରଣ ପ୍ରକ୍ରିୟା ସମାପ୍ତି ପରବର୍ତ୍ତୀ ସମୟ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରି ଏକ ପ୍ରେମମୟ ମଣିଷ ସମାଜ ଗଠନ କରିବାର ଶିକ୍ଷା ଦେଇଥାଏ ବୌଦ୍ଧଧର୍ମ। ଶେଷରେ କୌଣସି ବିପତ୍ତି ଆସିଲେ ନିଜକୁ ସୁରକ୍ଷିତ ରଖିବା ଉଦେଶ୍ୟରେ ଯୋଗାଭ୍ୟାସ ଶିକ୍ଷା ଦେଇଥଏ ବୌଦ୍ଧଧର୍ମ। କିନ୍ତୁ କୌଣସି ସମୟରେ କାହାକୁ ଆଘାତ ନକରି ବରଂ ନିଜେ ଦୁଃଖ, କଷ୍ଟ ସହନ କରି ଅନ୍ୟକୁ ସାହାଯ୍ୟ କରିବା ବୌଦ୍ଧଧର୍ମର ମୂଳତତ୍ତ୍ୱ କହିଲେ ଅଯୁକ୍ତି ହେବନାହିଁ ! ଆଜିର ମଣିଷ କିନ୍ତୁ ସେସବୁକୁ ପଛରେ ପକାଇ ପୁଣି ସେହି ମାନବୀୟ ଚେତନାର ବିପରିତରେ କାର୍ଯ୍ୟ ନିର୍ବାହ କରୁଥିବା ଅତ୍ୟନ୍ତ ପରିତାପର ବିଷୟ।

ବର୍ତ୍ତମାନର ପରିସ୍ଥିତିକୁ ସମୀକ୍ଷା କଲେ ଜଣାଯାଏ ଯେ ବୁଦ୍ଧଙ୍କର ସେହି ଚାରୋଟି ମୂଳ ଉପାଦାନ ମଧ୍ୟରୁ ଚତୁର୍ଥଟିକୁ ବିପରୀତ ବ୍ୟବହାର କରାଯାଇ ଅମାନୁଷିକ ଭାବେ ଯେଉଁଭଳି ପରିସ୍ଥିତି ସୃଷ୍ଟି କରାଯାଉଅଛି ସେଇଥିରେ ପ୍ରେମ ବଦଳରେ ହିଂସାର ବାତାବରଣ ଖେଳିଯାଇଅଛି, ଯାହାଦ୍ୱାରା ନିରୀହ ସାଧାରଣ ଲୋକଙ୍କ ମନରେ ଦ୍ୱେଷଭାବ ସୃଷ୍ଟିହୋଇ ଏକରକମ ଅପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି ! କୌଣସି ମଣିଷ ହଜାର ହଜାର ବର୍ଷ ବଞ୍ଚିରହିବାର କ୍ଷମତା ରଖିନଥାନ୍ତି ! ଅଧିକରୁ ଅଧିକ ଏକଶତ ବର୍ଷ ବଞ୍ଚିରହିବା ଅସମ୍ଭବ ହୋଇପଡିଛି ଆଜିର ବାତାବରଣରେ ! ସେତିକି ସମୟ ମଧ୍ୟରେ ଜଣେ ଯାହା କରିପାରେ ତାକୁ ଉପଭୋଗ କରି ଚାଲିଗଲାପରେ ସେହି ମଣିଷ ପୁନର୍ବାର ସେହି ସ୍ଥାନରେ ସେସବୁ ଉପଭୋଗ କରିବାପାଇଁ କୌଣସି ପ୍ରାବଧାନ ରଖିନାହିଁ ପ୍ରକୃତି ଯିଏ ତାକୁ ଜନ୍ମଦେଇ ସଂସାରକୁ ପଠାଇଥାଏ ! କିନ୍ତୁ ମଣିଷର ସେହି କାର୍ଯ୍ୟକଳାପରେ ପ୍ରଭାବିତ ସାମାଜିକ ବ୍ୟବସ୍ଥାରେ ଯୁଗଯୁଗ ପାଇଁ ଦାଗ ହୋଇ ରହିଯାଇଥାଏ, ଯାହା କୋଟି କୋଟି ଭବିଷ୍ୟତ ପିଢିଙ୍କୁ ସବୁଦିନେ ଜାଳି ଜାଳି କ୍ଷୁର୍ଣ୍ଣ କରିବାରେ ସମର୍ଥନ ହୋଇଥାଏ ! ମଣିଷର ଅମାନୁଷିକ ଚିଂତନରୁ ଉଧୃତ ସେହି ରାକ୍ଷସ ପ୍ରକୃତି କେତେଯେ ଧନଜୀବନକୁ ପ୍ରଭାବିତ କରିପାରେ, ସେହି କେଳେଙ୍କାରୀ ଘାତକ ମଣିଷର ବୁଝିବା କ୍ଷମତା ବର୍ହିଭୁତ ! କ୍ଷମତାର ଅଭିବୃଦ୍ଧି ଲକ୍ଷ୍ୟରେ ଅମାନୁଷିକ ବର୍ବର କାଣ୍ଡ ଭିଆଇ କେବଳ ଧନ, ଜୀବନ କ୍ଷତି କରିବା ବ୍ୟତୀତ ଆଜି ସମୟରେ ଅନ୍ୟ କୌଣସି ଲାଭ ହେବନାହିଁ ବୋଲି ବିଚାର ନଥିବା ସେହି ମଣିଷଙ୍କୁ ପଦଚ୍ୟୁତ କରାନଗଲେ ସମସ୍ୟା ପ୍ରଶମିତ ହେଲେ ମଧ୍ୟ ତାହାର କୁହୁଳା ଧୂଆଁ ସବୁବେଳେ ଅସ୍ଥିରତା ମଧ୍ୟରେ ରଖିବା ନିଶ୍ଚିତ ! ତେଣୁ ମଣିଷ ନିଜ ମନକୁ ଶାନ୍ତ କରି ରଖିପାରିଲେ ସେଇଥିରେ ଅଶାନ୍ତର ବିଦ୍ରୋହ ଶୃଷ୍ଟିନହୋଇ ଏକ ସୁନ୍ଦର ପ୍ରେମମୟ ମଣିଷ ସମାଜ ଗଠନ ହୋଇପାରିଥାନ୍ତା ଯାହା ବୁଦ୍ଧଙ୍କର ସ୍ୱପ୍ନ ଥିଲା ! କିନ୍ତୁ ପଥଭ୍ରଷ୍ଟ ମଣିଷ ଆଜି ତାହାର ବିପରୀତମୁଖୀ ହେଉଥିବାହେତୁ ସମଗ୍ର ବିଶ ଆତଙ୍କିତ ଦ୍ୱେଷ ଭରା ପରିବେଶ ପରିସ୍ଥିତିରେ ଉବୁଟୁବୁ ହେଉଥିବା ଦେବାକୁ ମିଳୁଛି ! ଠିକଣା ସମୟରେ ସାଧାରଣ ମଣିଷ ସମାଜ ତାହାର ଉପଯୁକ୍ତ ଜବାବ ଦେବା ଲକ୍ଷରଖି ଏକ ବିଶାଳ ଗଣ ଆନ୍ଦୋଳନର ଡାକରା ଦେଇ ସେହି ଘାତକ ମାନଙ୍କୁ ବିଲୁପ୍ତ କରିବା ବିଧେୟ କିନାହିଁ ବିଚାର ଆପଣ ମାନଙ୍କର !

*ସୋସିଆଲ ଫୋରୁମ (ଭାରତ)*
*ଛତ୍ରପୁର, ଗଞ୍ଜାମ, ଦୂରଭାଷ-୯୪୩୭୭୩୨୪୯୧୭*

# କଂଗ୍ରେସ-ଚୀନ ବୁଝାମଣା



## ସୌମେନ୍ଦ୍ର ଜେନା

(ପୂର୍ବପ୍ରକାଶ ଉତ୍ତାରୁ)

ଏବେ କଂଗ୍ରେସ ଦଳର ମନରେ ଥିବା ରାଜନୀତିକ ଅସହିଷ୍ଣୁତାକୁ ଦେଖାଯାଉ । ରାହୁଲ ଗାନ୍ଧି ସୀମାରେ ଯବାନମାନେ କାହିଁକି ଅସ୍ତ୍ର ପ୍ରୟୋଗ କଲେ ନାହିଁ ବୋଲି ମୂର୍ଖତାପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି । କାରଣ ତାଙ୍କୁ ଜଣାନାହିଁ ଯେ ୧୯୯୬ ଏବଂ ୨୦୦୫ରେ ଦୁଇଦେଶ ମଧ୍ୟରେ ଯେଉଁ ଆଲୋଚନା ହୋଇଥିଲା ସେଥିରେ ପ୍ରକୃତ ନିୟନ୍ତ୍ରଣ ରେଖାଠାରୁ ଦୁଇ କିଲୋମିଟର ଅଞ୍ଚଳରେ ଦୁଇଦେଶର ଯବାନ ଗୁଳିଫୁଟାଇ ପାରିବେ ନାହିଁ ବୋଲି ସ୍ଥିର ହୋଇଥିଲା । ଏବେ ଯବାନଙ୍କ ଉପରେ ଚୀନ ସେନା ଆକ୍ରମଣ କରିବା ଉତ୍ତାରୁ କେନ୍ଦ୍ର ସରକାର ପୂର୍ବର ସେହି ବୁଝାମଣାକୁ ନିରସ୍ତ କରି ଭାରତୀୟ ସେନା ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନେଇପାରିବେ ବୋଲି ଅନୁମତି ପ୍ରଦାନ କରିଛନ୍ତି ।

ଏବେ କଥା ଉଠୁଛି କଂଗ୍ରେସ ଏବଂ ଚୀନ ମଧ୍ୟରେ ଏତେ ଘନିଷ୍ଠତାର କାରଣ କଣ । କଥା ହେଲା ୨୦୦୭ରେ ରାହୁଲ ଗାନ୍ଧି ଚୀନ ଗସ୍ତରେ ଯାଇଥିଲେ। ୨୦୦୮ରେ ରାହୁଲଙ୍କ ମାଆ ସୋନିଆ, ଭଉଣୀ ପ୍ରିୟଙ୍କା, ଭିଣୋଇ ରବର୍ଟ ଭଦ୍ରା, ଦୁଇ ଭଣଜା ମଧ୍ୟ ବେଜିଂ ଅଲିମ୍ପିକ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେବାଲାଗି ଚୀନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ପାଇ ବେଜିଂ ଗସ୍ତ କରିଥିଲେ । ସେମାନଙ୍କ ସହ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମଧ୍ୟ ରହିଥିଲେ । ଉକ୍ତ ଗସ୍ତ କାଳରେ ଚୀନର ଏକଦଳିଆ ରାଜନୀତିର ସରକାରୀ ଦଳ ଚୀନ କମ୍ୟୁନିଷ୍ଟ ପାର୍ଟି ସହ ଭାରତର ଜାତୀୟ କଂଗ୍ରେସ ଦଳ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏଥିରେ ତତ୍‌କାଳୀନ ଚୀନ ପ୍ରଧାନମନ୍ତ୍ରୀ ଲି ଜିନ୍‌ପିଙ୍ଗ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧି ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଜିନପିଙ୍ଗ୍ ସେ ସମୟରେ ଚୀନ କମ୍ୟୁନିଷ୍ଟ ପାର୍ଟିର ଉପସଭାପତି ଥିଲେ । ଦୁଇ ଦଳ ପରସ୍ପରକୁ ଠିକଣା ସୂଚନା ପ୍ରଦାନ କରିବା, ପରସ୍ପରକୁ ସମ୍ମାନ ଜଣାଇବା ପାଇଁ ବଦ୍ଧପରିକର ହେବାପାଇଁ ବୁଝାମଣାରେ ଉଲ୍ଲେଖ ରହିଲା । ଯେଉଁଥିପାଇଁ ୧୭-୧୮ମାର୍ଚ୍ଚ ୨୦୧୮ରେ କଂଗ୍ରେସ ଦଳର ୨୪ତମ ସ୍ୱତନ୍ତ୍ର ଅଧିବେଶନ କାଳରେ ଚୀନ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୁଭେଚ୍ଛା ଜଣାଇ ଏକ ପତ୍ର କଂଗ୍ରେସ ଦଳପାଇଁ ପଠାଯାଇଥିଲା । ଏହି ବୁଝାମଣା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ଚୀନ ସରକାରଙ୍କ ବିରୋଧରେ ଯେଉଁ ପଦକ୍ଷେପ ନେଉଛନ୍ତି ରାହୁଲଙ୍କୁ ତାହା ହୃଦ୍‌ଘାତ ହେଲାପରି ମନେ ହେଉଛି । ଚୀନ ସହ କଂଗ୍ରେସର ଏପରି ବୁଝାମଣା ଯୋଗୁ ଚୀନ ସେନା ବାହିନୀ ଭାରତର ତିନ୍ତାପଙ୍ଗନକ୍ (୨୦୦୮), ଋବଜୀ ଘାଟୀ (୨୦୦୮), ଡୁମଚେଲି(୨୦୦୯), ଡେମ୍‌ଋେକ (୨୦୧୨), ରାକୀନୁଲା (୨୦୧୩) ଅଞ୍ଚଳକୁ ନିଜ ଦଖଲକୁ ନେଲାପରେ ମଧ୍ୟ ତତ୍‌କାଳୀନ କଂଗ୍ରେସ ସରକାର କିଛି କରିନଥିଲେ । ଏପରିକି ଏହି ସୂଚନା କେନ୍ଦ୍ର ସରକାର ପାଇଲା ପରେ ମଧ୍ୟ ଚୀନର ବିରୋଧ କରିବା ଦୂରେଥାଉ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିନଥିଲେ।

ଏହା ପୂର୍ବରୁ କଂଗ୍ରେସ ସରକାରଙ୍କ ଶାସନ କାଳରେ ୧୯୬୨ରେ ଅକସାଇ ଚୀନ ଏବଂ ୧୯୬୩ରେ କାରାକୋରମ ଘାଟୀ ଚୀନ ହାତକୁ ଯାଇଥିଲା । ଅଥଚ ନରେନ୍ଦ୍ର ମୋଦିଙ୍କ ଶାସନରେ ଡୋକଲାମ (୨୦୧୭), ଲିପୁଲେଖ (୨୦୨୦), ପେଗାଙ୍ଗ ତସ୍ମୋ (୨୦୨୦), ଗଲୱାନ ଘାଟୀ (୨୦୨୦)ଅଞ୍ଚଳକୁ ନିଜ ଦଖଲକୁ ନେବାପାଇଁ ଉଦ୍ୟମ କରି ଚୀନ ସେନା ବିଫଳ ହୋଇଛି । ଭାରତ ସରକାର ଇଞ୍ଚେ ମାଟି କାହାକୁ ଦେବେ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କଲାପରେ କଂଗ୍ରେସ ଦଳ ପକ୍ଷରୁ ମୋଦି ବିରୋଧୀ ଏବଂ ବିଜେପି-ଆରଏସ୍‌ଏସ୍ ବିରୋଧକୁ ତୀବ୍ର କରାଗଲାଣି । ସୋସିଆଲ ମିଡିଆରେ ଅନେକଗୁଡିଏ ଜାଲ ବ୍ଲଗ ପ୍ରସ୍ତୁତ କରାଯାଇ କଂଗ୍ରେସ ନେତାମାନଙ୍କ ଭାଷଣକୁ ଚୀନ ଲୋକଙ୍କୁ ଦେଖାଇବାଲାଗି ସେଠାକାର କମ୍ୟୁନିଷ୍ଟ ସରକାର ଲାଗିପଡିଛି । କଂଗ୍ରେସ ଦଳ ପକ୍ଷରୁ ସଫେଇରେ କୁହାଯାଇଛି ଯେ ଏମିତି ବୁଝାମଣା ଦକ୍ଷିଣ ଆଫ୍ରିକାର କଂଗ୍ରେସ ଦଳ ସହ ମଧ୍ୟ ହୋଇଛି । କହିବା କଥା ହେଲା ଦକ୍ଷିଣ ଆଫ୍ରିକା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବା ହେତୁ ସେଠାକାର ଦଳ ସହ କଂଗ୍ରେସର ବୁଝାମଣା ସମ୍ଭବ ହୋଇପାରେ । କିନ୍ତୁ ଏକଛତ୍ରବାଦୀ ଓ ସାମ୍ରାଜ୍ୟବାଦୀ ଦଳ ଚୀନ କମ୍ୟୁନିଷ୍ଟ ପାର୍ଟି ସହ ଭାରତର କଂଗ୍ରେସ ଦଳ ଏପରି ବୁଝାମଣା କରିବା ଏବଂ ଯୁଦ୍ଧସ୍ଥିତିରେ ଶତ୍ରୁର ସମର୍ଥନରେ ବାହାରିବା ଉଦ୍ୟମ ଆଦୌ ଗ୍ରହଣୀୟ ନୁହେଁ । ବିଶେଷ କରି ୨୦୧୩ରେ ତତ୍‌କାଳୀନ କଂଗ୍ରେସ ଦଳର ପ୍ରତିରକ୍ଷା ମନ୍ତ୍ରୀ ଏକେ ଆଣ୍ଟୋନୀ ସଂସଦରେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ ଦେଶର ଉତ୍ତରସୀମାରେ ଗମନାଗମନ ପଥ ନିର୍ମାଣ ନ କରିବା କଂଗ୍ରେସ ସରକାରର ଏକ ନୀତି ଭାବେ କାର୍ଯ୍ୟକାରୀ ହୋଇଛି । ସେସବୁ ଅଞ୍ଚଳରେ ବିକାଶ ହେବା ଅର୍ଥ ଚୀନକୁ ସାମନା କରିବା । କିନ୍ତୁ ଚୀନ ସହ ସଂଘର୍ଷର ୫୮ବର୍ଷ ପରେ ମଧ୍ୟ ସୀମାକୁ ଦୁର୍ବଳ କରିବା ସହ ଚୀନ ସହ ନ ଲଢିବା ଲାଗି କଂଗ୍ରେସର ଏପରି ଦୁର୍ବଳ ମାନସିକତା ଦେଶ ପାଇଁ ଯେ କ୍ଷତି କରିବ ତାହା ଯେ କେହି କହିବ । ସେଥିପାଇଁ ଚୀନକୁ ଭାରତ ଆଖି ଦେଖାଇଲେ କଂଗ୍ରେସୀ ନେତାଙ୍କ ମୁଣ୍ଡରେ ବଜ୍ରପାତ ହେଉଛି । ସେମାନେ ଶତ୍ରୁର ସ୍ୱାର୍ଥକୁ ସୁହାଇଲା ପରି ବକ୍ତବ୍ୟମାନ ପ୍ରଦାନ କରି ଦେଶ ସୁରକ୍ଷାକୁ ଦୁର୍ବଳ କରିବାରେ ଲାଗିପଡିଛନ୍ତି ।

ଏବେ ନେପାଳ ସରକାର ଭାରତକୁ ଚୀନର ପରାମର୍ଶରେ ଆଖି ଦେଖାଇବାକୁ ଆରମ୍ଭ କରିଛନ୍ତି । ହେଲେ ୧୯୫୧ରେ ନେପାଳର ତତ୍‌କାଳୀନ ରାଜା ତ୍ରିଭୁବନ ଦେବ ଭାରତରେ ନେପାଳର ବିଲୟ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାକୁ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ନେହେରୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୪୮ରେ ବେଲୁଚିସ୍ତାନର ଭାରତରେ ମିଶ୍ରଣ ପାଇଁ ସେଠାକାର ନବାବ ପ୍ରସ୍ତାବ ପଠାଇଥିଲେ ମଧ୍ୟ ନେହେରୁ ପ୍ରତ୍ୟାଖ୍ୟାନ କରିବା ପରେ ସେ ଅଞ୍ଚଳକୁ ପାକିସ୍ଥାନ ଦଖଲ କରିନେଇଥିଲା। ଓମାନ ପକ୍ଷରୁ ଗ୍ୱାଦର ବନ୍ଦରକୁ ୧୯୪୭ରେ ଭାରତକୁ ଦେବାକୁ ପ୍ରସ୍ତାବ ମିଳିଥିଲା ର ହେଲେ ନେହେରୁ ତାହା ଗ୍ରହଣ ନକରିବାରୁ ପାକିସ୍ଥାନକୁ ତାହା ବିକ୍ରି କରାଯାଇଥିଲା । ୧୯୫୪ରେ ମଣିପୁରର ୧୧୦୦୦ ବର୍ଗ କିମି କ୍ଷେତ୍ର ବିଶିଷ୍ଟ ମଣିପୁର ରତ୍ନ ଭାବେ ପରିଚିତ କାବୁ ହ୍ୱେଲିକୁ କଂଗ୍ରେସ ସରକାର ସ୍ଥାନୀୟ ଲୋକମାନଙ୍କ ପ୍ରତିବାଦ ସତ୍ତ୍ୱେ ବର୍ମାକୁ ଟେକି ଦେଇ ଥିଲେ। ବଙ୍ଗଳାଦେଶକୁ ତିନିବିଘା, ବର୍ମାକୁ କୋକୋ ଦ୍ୱୀପ, ଶ୍ରୀଲଙ୍କାକୁ କଚ୍ଛାତିଭୁ ଅଞ୍ଚଳ କଂଗ୍ରେସ ସରକାର ଦେଇଥିଲେ। ଏବେ କୋକୋ ଦ୍ୱୀପରେ ଚୀନ ଭାରତ ଉପରେ ଦୃଷ୍ଟି ରଖିବାକୁ ବ୍ୟବସ୍ଥା କରିଛି । ନେହେରୁଙ୍କ ଅନୁପସ୍ଥିତିର ସୁଯୋଗରେ ୧୩ ସେପ୍ଟେମ୍ବର ୧୯୪୮ରେ ହାଇଦ୍ରାବାଦକୁ ଭାରତରେ ସର୍ଦ୍ଦାର ପଟେଲ ମିଶାଇ ଦେଇଥିଲେ। ବିଦେଶ ଗସ୍ତରୁ ଆସୁଥିବା ନେହେରୁ ଏହି ଖବର ପାଇଲାକ୍ଷଣି ଫୋନ୍‌କୁ ରାଗରେ ଫିଙ୍ଗି ଦେଇଥିଲେ।

ଏହିସବୁ ତଥ୍ୟରୁ ଯାହା ଜଣାପଡେ ଦେଶର ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ନଦେବା ହେତୁ କଂଗ୍ରେସ ଶାସନ କାଳରେ ଭାରତ ହଜାର ହଜାର ବର୍ଗ କିଲୋମିଟର ପରିମିତ ଅଞ୍ଚଳ ଶତ୍ରୁ ଦେଶର ହାତରେ ହରାଇଛି । ଏକ ଶତ୍ରୁଦେଶର ଦଳସହ କଂଗ୍ରେସ ଦଳ କିପରି ବୁଝାମଣା କଲା ତାହାର ଅନୁସନ୍ଧାନ କରାଯିବା ନିହାତି ଆବଶ୍ୟକ । ଏହା ପଛରେ ଯଦି କିଛି ଅଭିସନ୍ଧି ଥାଏ ତାହା ଲୋକଲୋଚନକୁ ଅଣାଯିବା ଆବଶ୍ୟକ । ଏହି ବୁଝାମଣା ମାଧ୍ୟମରେ ଯଦି ଦେଶର କ୍ଷତି କରିବାକୁ ପ୍ରୟାସ ହେଉଥାଏ ତେବେ ତାହା ବନ୍ଦ ହେବା ଦରକାର । କାରଣ ୨୦୦୪ ବେଳକୁ ଚୀନ ଭାରତକୁ ୬ ବିଲିଅନ ଡଲାର ମାଲ ପଠାଉଥିଲା ବେଳେ କଂଗ୍ରେସ ସରକାର କ୍ଷମତାରୁ ଯିବା ବେଳକୁ ତାହା ବଢି ବଢି ୨୦୧୪ରେ ୫୬ ବିଲିଅନ ଡଲାରରେ ପହଞ୍ଚିଥିଲା । ଅଥଚ ଏବେ ରାହୁଲ ଗାନ୍ଧି ଭାରତର ବଜାରରେ ଚୀନା ମାଲ ବିରୋଧକୁ କଟାକ୍ଷ କରୁଛନ୍ତି ଯାହା ସନ୍ଦେହ ସୃଷ୍ଟି କରିଛି । ତେଣୁ ଚୀନ-କଂଗ୍ରେସ ସଂପର୍କ ସନ୍ଦେହାସ୍ପଦ ରହିଛି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

### ଅପ୍ରପଲମ୍ :-

ପଞ୍ଚତନ୍ତ୍ର ଓ ହିତୋପଦେଶ ଜୀବନଶୈଳୀ ପାଇଁ ଏକ ପ୍ରକାଶସ୍ତମ୍ଭ ଅଟେ। ସେଥିରେ ଅତି ସରଳ ଭାବରେ ଜୀବନର ଗୁଢ଼ ରହସ୍ୟକୁ କଥା ମାଧ୍ୟମରେ ବା ଗପ ମାଧ୍ୟମରେ କୁହାଯାଇଛି। ଏମିତି ଏକ କଥା 'କିଲୋତ୍ପାଟୀ ବାନର'ର ରହିଛି। କଥାଟି ହେଲା ଗୋଟିଏ କାଠୁରିଆ ଜଙ୍ଗଲରେ କାଠ କାଟି ତାକୁ ଚିରି ଘରକୁ ଆଣି ଆସୁଥିଲା। ସେ କାଠ ଚିରିବା ବେଳେ କେବେ ଯଦି ସଂଧ୍ୟା ହୋଇଯାଏ ତେବେ ସେ ସେଠାରେ ଅଧା କାମ ରଖି ଘରକୁ ଫେରୁଥିଲା ଓ ପରଦିନ ଯାଇ ସେହି ଅଧାକାମରୁ କାମ ଆରମ୍ଭ କରୁଥିଲା। ଏଭଳି ଦିନେ ତାର କାଠ ଚିରାକାମ ପୁରା ନହେବାରୁ ସେ ଚିରୁଥିବା କାଠ ମଝିରେ ଖିଲିଟିଏ ରଖି ସଂଧ୍ୟା ହେବାରୁ ଘରକୁ ଫେରିଥିଲା। ଖିଲି ରଖିବାର କାରଣ ତା'ପରଦିନ ସେହିଠାରୁ କାମ କରିବା ତା' ପାଇଁ ସହଜ ହୋଇପାରିବ। ସେମାନେ କାଠ ଉପରେ କୁଦାକୁଦି କରି ଉପରେ କୁଦାକୁଦି କରି ଖେଳିବାକୁ ଲାଗିଲା। କାଠଟି ଦୁଇଫାଳ ହୋଇ ଖିଲିଦ୍ୱାରା ଟେକି ହୋଇ ରହିଥିବାରୁ ତାକୁ ଭାରି ମଜା ଲାଗୁଥିଲା ତା ଉପରେ ଖେଳିବା ପାଇଁ ଓ ସେ ଭୁଲି ଯାଇଥିଲା ସେଥିରେ ଖିଲି ଲାଗିଛି ବୋଲି। କିଛି ସମୟ ପରେ ଖିଲିଟି ବାହାରି ଯାଇଥିଲା ଏବଂ ଦୁଇଭାଗ ହୋଇଥିବା କାଠଟି ଯୋଡି ହୋଇଯିବାରୁ ମାଙ୍କଡର ଲାଙ୍ଗୁଡ ତା ମଝିରେ ରହି ଚିପି ହୋଇ ଯାଇଥିଲା। ସେ ଯେତେଚେଷ୍ଟା କଲେ ମଧ୍ୟ ସେଥିରୁ ତା ଲାଙ୍ଗୁଡ ବାହାରି ପାରି ନଥିଲା। ଶେଷରେ ସେ ଛଟପଟ ହୋଇ ସେଠାରେ ମରି ଯାଇଥିଲା। ସେଥିପାଇଁ କୁହାଯାଇଛି :-

ଅବ୍ୟାପାରେଷୁ ବ୍ୟାପାରଃ ଯୋ ନରୋ କର୍ତ୍ତୁମିଚ୍ଛତି।
ସ ନରୋ ନିଧନୋ ଯାତି କିଲୋତ୍ପାଟୀବ ବାନରଃ ।।

ଯେଉଁ କାମ ତୁମର ନ କରିବା କଥା ଯଦି ତୁମେ ଅକାରଣେ ସେ କାମ କର ତେବେ ଖିଲି ବାହାରି ଲାଗୁଙ୍ଗ ଚିପି ହୋଇ ମରିଥିବା ମାଙ୍କଡ ପରି ତୁମର ମୃତ୍ୟୁ ହେବ।

ଦଶବର୍ଷ ତଳେ ଉତ୍ତରକାଶୀରେ ଭୂକମ୍ପ ଆସିଥିଲା। ସେତେବେଳେ ଯେଉଁ ସାଧୁ ମଣ୍ଡଳୀ ସେବା ସହାୟତା କରିବା ପାଇଁ ଯାଉଥିଲେ ସେମାନଙ୍କର ନେତୃତ୍ୱର ଦାୟିତ୍ୱ ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦଜୀଙ୍କୁ ଦିଆଯାଇଥିଲା। ସହାୟତା ସାମଗ୍ରୀ ନେଇ ଏକ ଟ୍ରକ କୈଳାସ ଆଶ୍ରମ ଉଜେଲୀରେ ପହଞ୍ଚିଥିଲା। ସେହି ଟ୍ରକକୁ ନେଇ ଯାଇଥିବା ସନ୍ୟାସୀ ସ୍ୱାମୀ ଆଧାତ୍ମାନନ୍ଦଜୀଙ୍କୁ ସବୁ ଦାୟିତ୍ୱ ଦେଇ ଚାଲି ଆସିଥିଲେ। ସେଠାରୁ କିଛି ଦୂର ଗବାଣା କରି ଏକ ଗ୍ରାମକୁ ସହାୟତା କରିବା ପାଇଁ ଦୁଇ ମଜୁରିଆଙ୍କୁ ନେଇ ଟ୍ରକ ସାଥିରେ ଆଗକୁ ଗଲେ। କିଛି ଦୂର ଯିବା ପରେ ଯେଉଁ ରାସ୍ତାରେ ଯାଉଥିଲେ ସେଠାରେ ଏକ ପୋଲ ପଡିଥିଲା ଏବଂ ସେହି ପୋଲଟି ଅଧାରୁ ଭାଙ୍ଗି ଯାଇଥିଲା। ତେଣୁ ଟ୍ରକ ଡ୍ରାଇଭର ନଦୀ ପାଣିରେ ପଶି ପାରିହେବା ପାଇଁ ଚେଷ୍ଟା କଲା। ହେଲେ ଅଧା ନଦୀରେ ଟ୍ରକ ଚକା ଫସି ଅଟକି ଯାଇଥିଲା ଆଗକୁ ଆଉ ଯାଇପାରି ନଥିଲା। ଡ୍ରାଇଭର କହିଲା କିଛି ଜିନିଷ କାଢ଼ିଦେଲେ ବୋଧେ ଗାଡିଟି ପାର ହୋଇଯିବ। ସେହି ଶୂନଶାନ ଜାଗାରେ ସାହାଯ୍ୟ କରିବାକୁ କେହି ନ ଥିବାରୁ ଟ୍ରକରେ ଯେତେ ଜିନିଷ ଥିଲା ଦୁଇଟି ମଜୁରିଆ ଓ ସ୍ୱାମୀଜୀ ମିଶି ବୋଡି ବୋହି କୂଳରେ ରଖିଥିଲେ।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



(କ୍ରମଶଃ)




**ଶୁ**କୁଟୀ ବଡ଼ବୋଉ କହିଲା- "ଭଉଣୀଟା ଆସି ବୁଢ଼ୀ ହେଲାଣି, ବାପ ଘରେ ବଇଚି। ବାପା ଆଶା କରିଥିଲା ପୁଅ ଚାକିରୀ କରିବ, ଚାକିରୀଆ ପୁଅ ବାହାଘର କରି ଯାନିଯଉତୁକ ଯାହା ପାଇବ, ସେଇଥିରେ ଉଠେଇଦେବ ଝିଅକୁ... ହାଇରେ କପାଳ!!"

"ମୁଁ ଯାଏ ଲୋ ମା" - ପାଣି ଗରାକୁ କାଖକୁ ଉଂଭେ ମାଳ ଖୁଡ଼ୀ କହିଲା- 'ଯା ବାପା ଆଉ ଟିକେ ପରେ କାମରୁ ଫେରି ରୋଷେଇ ନ ହୋଇଥିବାର ଦେଖିଲେ କମ୍ପେଇବ ଖଣ୍ଡମଣ୍ଡଳ।"

ତା'ଲେ ଲୋ ମାଳ! ମିଣିପେ ଫେରିଲେଣି କାମରୁ। ବୁଢ଼ାଟା ସକାଳୁ ଯାଇଚି କ୍ଷୀର ନେଇ ରଘୁନାଥପୁର ବଜାର। ଚୋକଡ଼ ବସ୍ତାଏ ଆଣି ଓଇଛା ଆସି ପହଞ୍ଚିବ ଯେ ମେତେ ଘରେ ନ ପାଇ ଚଉଦ ବ୍ରହ୍ମାଣ୍ଡ ଖେଦି। - କୋକିଳ ଆଇ କହିଲା ଏବଂ ଉଠି ଆସିଲା ପାଣି ଭିତରୁ। ଗାଧୁଆ ତୁଠରୁ ହାଟଭାଙ୍ଗି ଯେ ଯାହା ଘରକୁ ପଳେଇଲେ। ତୁଠ ଶୂନ୍‌ଶାନ୍ ହୋଇଗଲା କ୍ଷଣିକ ମଧ୍ୟରେ

ସେଦିନ ଖରାବେଳେ ଅଭାବିତ ଘଟଣାଟିଏ ଘଟିଲା ସନାତଙ୍କ ଘରେ। ପୂର୍ବଦିନ ସାରାରାତି କାନ୍ଦିଥିଲା ମମତା। କାନ୍ଦି କାନ୍ଦି ସୁରେନ୍ଦ୍ରକୁ କହିଥିଲା ସହରକୁ ପଳେଇବା ପାଇଁ। ମମତାକୁ ବୁଝେଇ ବୁଝେଇ ଥକି ଯାଇଥିଲା ସୁରେନ୍ଦ୍ର। ସାପ ପଦ୍ମତୋଳା ଦ୍ୱାରା ଶାନ୍ତ ହୁଏ ସିନା, ପିଠି ଆଉଁଷା ଦ୍ୱାରା ନୁହେଁ। ରାତିରେ ଚୁପ୍ ଚାପ୍ ଶୋଇଲା ମମତା କିଛି ନ ଖାଇ। ସକାଳେ, ଗାଧୁଆବେଳେ ଶାଶୁ ମାଆଲୋ ଧନଲୋ କହି, ହତ ଓଠ ଧରି ଯେତେ ଡାକିଲା, ଚଙ୍କିଲାନି ମୋଟେ। ଏକ୍‌କା ଜିଦ୍, ସେ ଖାଇବନି।

କିଂକର୍ତ୍ତବ୍ୟବିମୂଢ଼ ହୋଇ ସନାତନ ବସିଥିଲେ ଲଂଘାରେ।

ଦେହରେ ସାର୍ଟ ଖଣ୍ଡେ ଗଳାଇ ସୁରେନ୍ଦ୍ର ବାହାରିଲା ଦାଣ୍ଡ ଆଡ଼େ।

ଖରାବେଳଟାରେ ସୁରେନ୍ଦ୍ରକୁ ଦେଖି ନଟଦାସ ମୁହଁରେ ପୁଳେ ହସ ଫୁଟେଇ କହିଲେ- "ଆହେ ସୁରେନ୍ଦ୍ର! କୁଆଡେ ଏ ଅବେଳଟାରେ? ମାସେ ହେଲାଣି ଆସିଲଣି, ଏ ବଡ଼ବାପା କଥା ଟିକେ ମନେପଡିଲାନି? ଶୁଣିଲି ତୁମର ବାହାଘର ହୋଇଯାଇଛି କଟକରେ।

ସୁରେନ୍ଦ୍ର ଏ କଥାର କୌଣସି ଜବାବ ଦେଲାନି। ବସିଥିଲା ଚୁପ୍ ଚାପ୍।

ନକୁଳ ଅଜା ଆସି ପହଞ୍ଚିଲା ସେହି ସମୟରେ। ସୁରେନ୍ଦ୍ରକୁ ଦେଖି ଚମକି ପଡି କହିଲା - "କ୍ୟୋ ଅପୂର୍ବ? ହଇରେ ନାତିଟୋକା, ଭୋଜିଭାତ ସବୁ ଏକା ଏକା ଖାଇଲୁ? ଆମେ କ'ଣ ତୋର ଶତ୍ରୁ? ହଉ...!

"କଥା କ'ଣ କି ବାପ? - ନଟଦାସ ପଚାରିଲେ- "ତୋ ମୁହଁ କାଇଁକି ଶୁଖିଯାଇଛି?

'ବଡବାପା!' - କଥାଟିକୁ କେମିତି ଆରମ୍ଭ କରିବ, କହିବ କି ନ କହିବ ଦୋ' ଦୋ ପାଞ୍ଚ ହେଲା ସୁରେନ୍ଦ୍ର ଏବଂ କହିଲା- ଗୋଟେ କଥା କହିଥା'ନ୍ତି ଯେ...। କ'ଣ କହୁନୁ? - ନଟଦାସ ପଚାରିଲେ।

- ମତେ ଟଙ୍କା ହଜାରେ ଦେଇଥାଅ ବଡ଼ବାପା! ମାସ ତିନିଟାରେ ମୁଁ ଶୁଝିଦେବି। ଯାହା ସୁଧ ପଡିବ ମୁଁ ଦେବି।"

ନଟଦାସ ଟିକେ ଚୁପ୍ ରହି କହିଲେ- "ଏଇ ଗୋଟାଏ କଥା, ତୁ ଏମିତି ଥତମତ ହଉଚୁ? ଧନ୍ୟ କହିବରେ। ଏଣେ ବଡବାପା ବୋଲି ଡାକୁଛୁ, ତେଣେ କହୁଛି ସୁଧରେ ଟଙ୍କା ନବୁ?

-ନାଇଁ ଯେ ବଡ଼ବାପା... ମୁଁ କ'ଣ କହୁଥିଲି କି...

- କ'ଣଟା ତୁ ଆଉ ଅଧିକ କହିବୁ? ଆଁ? ମୋରି ଆଗରେ ନଙ୍ଗଳା ହେଇ ଡେଉଁଥିଲୁ, ଆଜି ବଡ ହୋଇଗଲୁ ବୋଲି, ମୁଣ୍ଡକୁ ହାତ ପାଇଗଲା ବୋଲି ବଡ଼ବାପା ଆଗରେ କହୁଚୁ କ'ଣ ନା ସୁଧ ଦେବି? -ନଟଦାସ ଅଭିଯୋଗ ଭରା କଣ୍ଠରେ କହିଲେ।

ଚୁପ୍ ଚାପ ଶୁଣୁଥିଲା ସୁରେନ୍ଦ୍ର।

- 'ହେଲେ ବାପ, -ନଟଦାସ ସ୍ୱଭାବ ସୁଲଭ ଢଙ୍ଗରେ କହିଲେ- 'ଏଇକ୍ଷିଣା ତ ମୋ ହାତ ଏକବାର ଖାଲି। ଗଲା ଫଗୁଣରେ ଝିଅ ବାହାଘର କଲି। ଲକ୍ଷେ ପାଖାପାଖି ଲାଗିଗଲା। ଧାରଉଧାର ବି ବେଜାଏ ହେଇଛି...। ନଟଦାସ କହିଲେ ଏବଂ ମୁହଁରେ ମେଞ୍ଚାଏ ଦୁଃଖ ବୋଳିଦେଇ ଯୋଗକଲେ- ଆଃ, ପୁଅଟା ମୋର ଅକାଳେ ନାଇଁ ସକାଳେ ନାଇଁ କେବେ ମୁହଁ ଖୋଲିନି... ଆଜି ନଥିଲା ବେଳେ...।"

ନକୁଳ ଅଜା ଚୁପ୍ ଚାପ ବସିଥିଲା। ମୁହଁ ଖୋଲିଲା - "ନଟ, ପିଲାଟାର ସେମିତି ବିଶେଷ ଦରକାର ନ ଥେଲେ, ସେ ମୁହଁ ଖୋଲିବା ପାଲା ନୁହଁ। ତା ବାପ ସନିଆଟା ସେମିତିଆ ନୁହଁକି? ମରିଯିବ ପଛେ ପାଟି ଫିଟେଇବ ନି। ତୁ କୋଉଠୁ ଯୋଗାଡ ଯନ୍ତ୍ର କରି ହଜାରେ ନ ହେଲେ ନାଇଁ ଟଙ୍କା ପାଁ'ଶ ଖଣ୍ଡେ ତାକୁ ଦେ...।"

ନଟଦାସ କହିଲେ- "ଦାଦି, ଦେଖୁଛ କାଠ, ପୋଛୁଚ ଚନ୍ଦନ! ତମରି ଆଗରେ ପରା ଝିଅ ବାହାଘର କଲି। ତମଠୁ ଆଣିଥିବା ଟଙ୍କା ପାଞ୍ଚ ହଜାରେ ଏ ପର୍ଯ୍ୟନ୍ତ ଶୁଝିଲିଣି? ସେଥିରେ ତମେ କହୁଛ...। ନଟଦାସ ଟିକେ ଚୁପ୍ ରହି କ'ଣ ଗୋଟାଏ ମନେପଡ଼ିଯିବ ଭାବି କହିଲେ- ଦାଦି, ସେ ଗଉଡସାହି ମାଗୁଣି ପରା ସୁଧ କାରବାର କରେ? ତମେ ତାକୁ ଟିକେ କହନ୍ତ ନି?

ମୁହଁଟାକୁ ବିକୃତ କରି ନକୁଳ ଅଜା କହିଲେ- "ହାତ୍, ଖରାବେଳଟାରେ ସେ ଶଳା କଞ୍ଜୁସ୍, ମଖିଚୁଷ୍‌ଟାର ନାଁ ଧରିଲୁଣି, ଆଜି ଖାଇବାକୁ ମିଳିବନି। ସେ ବେହିପୁଅ ପରା କାବୁଲିବାଲା! ଏ ହାତରେ ଧରିବ, ସେ ହାତରେ ଦେବ! ବନ୍ଧକ କିଛି ନ ରଖିଲେ ସେ କ'ଣ ମୁହଁକୁ ଚାହିଁବ।"

ସୁରେନ୍ଦ୍ର ବସିଥିଲା ବସିଥିଲା ହଠାତ୍ ଉଠି ପଡି ନକୁଳ ଅଜାଙ୍କୁ ନିଜ ହାତଘଣ୍ଟାଟି ଖୋଲି ବଢ଼ାଇ ଦେଇ କହିଲା, ଅଜା, ଏ ଘଣ୍ଟା ଗଲାବର୍ଷ ମେଲୋଡି ମାଲିକ ମତେ ଉପହାର ଦେଇଥିଲେ। ଦାମିକା ଘଣ୍ଟା। ପନ୍ଦରଶହ ଉପରେ ଯା' ଦାମ୍। ଯା'କୁ ନିଅ। ସେ ଯେତେ ଟଙ୍କା ଚଢ଼ା ହାରରେ ସୁଧ ନେବ ନେଉ। ମୁଁ ଦି' ତିନି ମାସ ଭିତରେ ଟଙ୍କା ଶୁଝି ଘଣ୍ଟା ମୁକୁଳେଇନେବି।

-ହଉ ତୁ ବାପା ଯା! ଖରା ଟିକେ ନଇଁଲେ ମୁଁ ଯିବି ମଗୁଣି ପାଖକୁ। ଏଇକ୍ଷଣି ପରା ସେ ନିର୍ଘାତିଆ ଶୋଇଥିବ। ହାତୀ ଚଢ଼ିଗଲେ ବି ଉଠିବନି। ସଞ୍ଜ ବେଳକୁ ଆସି ଟଙ୍କା ନେଇଯିବୁ ମୋ ଠାରୁ।" ଘଣ୍ଟାକୁ ଏପଟ ସେପଟ କରୁକରୁ କହିଲା ନକୁଳ ଅଜା।

ସୁରେନ୍ଦ୍ର ଚାଲିଗଲା।

ସେ ଚାଲିଯିବା ପରେ ମନଖୋଲା ହସ ଦିଓଟି ହସିଲେ ନଟଦାସ ଓ ନକୁଳ ଅଜା।

ନକୁଳ ପ୍ରଧାନ ହସିହସି କହିଲା- ଭଲ ଚାଲ୍‌ଟିଏ ଖେଳିଲୁ ତ ବାପ ନଟ! ତୋ ବୁଦ୍ଧିକୁ ମାନିବାକୁ ହବ...।

'ସେମିତିଆ ଚାଲ ନ ଖେଳିଲେ ଦାଦି ଏ କଳିଯୁଗରେ ତିଷ୍ଠି ହେବ? ଯେମିତି ଲୁହାକୁ ସେମିତି ପାଣି।' -ପାଟିରେ ଚଉକସିଆ ପାନ ଖଣ୍ଡେ ପୂରାଇ କହିଲେ ନଟଦାସ।

'ହଉ, ନେ ରଖ୍ ଏ ଘଣ୍ଟା। ତାକୁ କେତେ ଦବୁ? - ନକୁଳ ପଧାନ ପଚାରିଲା।

ଘଣ୍ଟାଟିକୁ ତଳ ଉପର ବାଁ ଡାହାଣ କରି ଦେଖିସାରି ନଟଦାସ କହିଲେ- "ପାଞ୍ଚ ଶହଠାରୁ ଗୋଟିଏ ଛଦାମ୍ ଅଧିକ ନୁହେଁ।

-କେତେ ପଇସା ସୁଧରେ ବା?

-ତମେ କ'ଣ ଜାଣିନା ଦାଦି ଯେ ପଚାରୁଛ? ଦୁନିଆ ସାରା ଚାଲିଛି ଟଙ୍କାକେ ଛ' ପଇସା। ଖାଲି ଚିହ୍ନାଜଣା ଶିକ୍ଷିତ ପିଲାଟା ବୋଲି ପାଞ୍ଚ ପଇସା ନେଉଛି! -ନଟଦାସ ବାମ ହାତରେ ଘଣ୍ଟା ପିନ୍ଧୁ ପିନ୍ଧୁ କହିଲେ ଏବଂ ଘର ଭିତରକୁ ଉଠିଯାଇ ଟଙ୍କା ଧରି ଆସି ନକୁଳ ପଧାନ ହାତକୁ ବଢ଼ାଇ ଦେଇ କହିଲେ- "ଗୋଟିଏ ମାସର ସୁଧ ବାବଦ ମୁଁ ପଚିଶ୍ ଟଙ୍କା କାଟି ରଖିଲି। ଏଇନିଆ ଚାରିଶହ ପଞ୍ଚସ୍ତରୀ ଟଙ୍କା। ହେଲେ ତାକୁ କହିଦେବ, ଦି ମାସ ଗଡିଲେ, ଘଣ୍ଟା କଥା ଭୁଲିଯିବ। ମୁଁ ଶୁଣିବା ଲୋକ ନୁହେଁ।"

ଟଙ୍କା ତକ ପାଇଁ ହାତ ବଢ଼ାଇ ନକୁଳ ପଧାନ କହିଲା - ହଉ ଦେ ଦେ। ତାକୁ ସେତକ ଧରାଇ ପୁଣି ମୁଁ ହାଟକୁ ଯିବି। ଇୟୁରିଆ ସାର ଗଣ୍ଡାଏ ଆଣିବି ବୋଲି ତିନି ହାଟ ପାଳି ଗଡିଲାଣି।

ଯିବା ବାଟରେ ଚାରିଶହ ପଞ୍ଚସ୍ତରୀରୁ ପଚିଶଟଙ୍କା ନିଜ ଅଣ୍ଟାରେ ଖୋସିଲା ନକୁଳ ପଧାନ। ଚିରୁଡାଏ ବାଙ୍କ ହସ ତା ଉଠରେ ଖେଳି ଯାଉଯାଉ ସେ ମନେମନେ କହିଲା - ନଟଦାସ ଦେଲା ଟଙ୍କାକେ ପାଞ୍ଚ ପଇସା ସୁଧରେ, ସନିଆପୁଅ ସୁରିଆ ନବ ଟଙ୍କାକେ ଦଶ ପଇସାରେ। ବାକି ପଚିଶ୍ ଟଙ୍କା...! ହାଃ ହାଃ...

କ୍ରମଶଃ

## ବିଶେଷ କବିତା



# ପିଳାଦିନ



ସୁଧାଂଶୁ ଶେଖର ଦ୍ୱିବେଦୀ

ହେ ଜୀବନ!
ତୁ ନେଇଚାଲ ମୋତେ
ସେ ପିଲାଦିନକୁ
ଯେଉଁ ଗଛ ତଳେ
ଖେଳୁଥିଲେ ଆମେ
ସାଙ୍ଗ ହୋଇ ପ୍ରତିଦିନ
ଝୁଲୁଥିଲୁ ଆମେ ଝୁଲଣରେ
ମନ କରି ବୃନ୍ଦାବନ
ନା ଦୁଃଖ ଥିଲା
ନା ଚିନ୍ତା ଥିଲା
ନା ଥିଲା ଲୋଭ, ମୋହ, ମାୟା?
ବାସ ଆଖି ଥିଲା ଆଦ୍ର
କିଛି ପାଇବା ପାଇଁ
ମନ ଥିଲା ଅଝଟ
କିଛି ଜାଣିବା ପାଇଁ।
ହେ ଜୀବନ!
ତୁ ନେଇଚାଲ ମୋତେ
ସେଇ ବଗିଚାକୁ



ଯେଉଁଠି ଫୁଲ ସବୁ ଖେଳୁଥିଲେ
ପ୍ରଜାପତି ଉଡୁଥିଲେ
କୋଇଲି ବି ଗାଉଥିଲା
ଭ୍ରମରର ଗୁଣୁଗୁଣୁ ଶୁଭୁଥିଲା।
ହେ ଜୀବନ!
ତୁ ନେଇଚାଲ ମୋତେ
ସେଇ ବିଦ୍ୟାଳୟର ଅଗଣାକୁ
ଯେଉଁଠି ଜ୍ଞାନ ବର୍ଷା ହେଉଥିଲା
ସାଙ୍ଗ ହୋଇ ଖେଳୁଥିଲେ
ଲଢ଼େଇ ଝଗଡା କରୁଥିଲେ
ବେତ ପାହାର ଖାଉଥିଲେ।
ହେ ଜୀବନ!
ତୁ ନେଇଚାଲ ମୋତେ
ସେଇ ମା'ର ପଣତ କାନି ପାଖକୁ
ନିଜ ପରିଚିତ ଅଗଣାକୁ
ଯେଉଁଠି ଆନନ୍ଦ ମିଳୁଥିଲା
ସ୍ନେହ ମମତାର ଧାରା ବହୁଥିଲା।
ଜୀବନ ତୁ ନେଇଚାଲ ମୋତେ
ସେଇ ପିଲା ଦିନକୁ
ଯେଉଁଠି ପିଲାଦିନ
ଅମାନିଆ ହେଉଥିଲା

*ବିସି-୭୪, ସେକ୍ଟର-୧,*
*ଦଲତ ଲେକ, କୋଲକାତା-୬୪*
*ଦୂରଭାଷ-୬୨୯୧୩୪୨୨୫୯*

# ମୋ ଗାଆଁ



ଦିଲ୍ଲୀପ କୁମାର ନନ୍ଦୀ

**ମୋ** ଗାଆଁ ମତେ ଭାରି ଭଲଲାଗେ
ହେଲେ ହେଉ ଧୂଳି ଧୂସର
ମୋ ଘର ମତେ ଭାରି ଭଲ ଦିଶେ
ଥିଲେ ଥାଉ ନଡ଼ା ଛପର।

ମୋ ଭାଷା ମତେ ଭାରି ଭଲଲାଗେ
ଶୁଣିବାକୁ କେଡ଼େ ମଧୁର
ମୋ ମାଆ ମତେ ଭାରି ଭଲଲାଗେ
ହେଲେ ହେଉ ପଛେ ଗାଆଁର।

ମୋ କ୍ଷେତବାଡି ଭାରି ଭଲଲାଗେ
ଥିଲେ ଥାଉ ଖାଲଖମାର
ମୋ ବନ୍ଧୁ ମତେ ଭାରି ଭଲଲାଗେ
ଥିଲେ ଥାଉ ଦେଶବାହାର।
ମୋ ଗାଁ ଦାଣ୍ଡରେ ସୁରୁଜ ନଇଁଲେ
ଯମି ଯାଏ ସଞ୍ଜ ଆସର
ମୋ ଗାଆଁ ଝିଅ ଭାରି ସେନେହିଟେ
ନଥାଏ ତା'ବାଛ ବିଚାର।



*ଭବାନୀପାଟଣା*
*କଳାହାଣ୍ଡି*

# ମେଘନା ଦାଶ

ଲକ୍ଷ୍ମୀପ୍ରିୟା ଓଝା





**ମେ**ଘନା ଦାଶ। ସେଇ ମେଘନା ଦାଶ ମ ଯିଏ କାନରେ ଖୁବ୍ ବଡ ବଡ ଝୁମକା ପିନ୍ଧେ, ଡ୍ରେସ ସହ ମ୍ୟାଚିଙ୍ଗ ପର୍ସ ଧରେ। ଖୁବ୍ ଷ୍ଟ୍ରଙ୍ଗ ସେଣ୍ଟ ମାରେ, ବାଳକୁ ଷ୍ଟ୍ରେଟେନ କରେ। ଦିନରେ ଅତିକମରେ ଥରେ ଗାଡି ବାହାର କରି ସପିଙ୍ଗ, ପାର୍ଲର, ଗେଟ ଟୁଗେଦର, ସୋସିଆଲ ୱାକ କି ଲଙ୍ଗ ଡ୍ରାଇଭରେ ଯାଏ। ବୁଲିବା ତାକୁ ଖୁବ୍ ଭଲ ଲାଗେ। ଗପିବା, ଶାଢ଼ୀ ପିନ୍ଧିବା ତା'ଠୁ ଅଧିକ। ମେଘନା ଦାଶ, ନ୍ୟୁଜର୍ସି ଇଣ୍ଡିଆନ ସୋସାଇଟିରେ ରୁହେ। କେରଳରୁ କାଶ୍ମୀର, ଗୁଜରାଟରୁ ଗ୍ୟାଙ୍ଗଟକ ଯାଏ ଆମେରିକାରେ ଭାରତର ଛୋଟ ରିପ୍ଲିକା 'ବସୁଧୈୟମ କୁଟୁମ୍ବକମ' ସୋସାଇଟି। ବାହାରକୁ ଏକାଭଳି ଦିଶୁଥିବା ଘରେ ଭିତରେ ନିଜ ନିଜ ରାଜ୍ୟର ମହକ ବାରିହୋଇପଡେ ଏଇ ସୋସାଇଟିରେ। ମେଘନା ଦାଶ ରୁହେ ଏଇଠି। ତା'ର ଘର ସାମ୍ନା ଲନରେ ଜାତି ଜାତି ଫୁଲ, ମର୍ମେଡ, କୋଣାର୍କ ଚକ୍ରର ଫାଉଣ୍ଟେନ ତା ରୁଚକୁ ଦର୍ଶାଏ। ଖୁବ ଅତ୍ୟାଧୁନିକତା ଭିତରେ ବି ଡ୍ରଇଠ ରୁମ୍ କାନ୍ଥରେ ପିପିଲି ଚାନ୍ଦୁଆ, ଜଗନ୍ନାଥ ଫଟୋ, ମଥାରେ ଲାଲ ବଡ ବିନ୍ଦି ଆମେରିକାରେ ବି ତା ଓଡ଼ିଆତ୍ୱକୁ ଜାହିର କରେ। ଯେବେ ଓଡ଼ିଶା ଆସେ ଆମେରିକାର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଶୈଳୀ ଉପରେ ଖୁବ୍ ଉତ୍ଫୁଲିତ ହେଇ ସାଙ୍ଗ ସାଥୀ, ଭାଇଭଉଣୀ, ବନ୍ଧୁବାନ୍ଧବଙ୍କୁ କୁହେ। ଆମେରିକା ତାକୁ ଭଲ ଲାଗେ। ଓଡ଼ିଶାର ବେରୋଜଗାରୀ, ଗରିବୀ ଉପରେ ଦୁଃଖକରେ। ଆସିଲା ବେଳକୁ ଚକୋଲେଟ, ପରଫ୍ୟୁମ, ଲିପିଷ୍ଟିକ ନେଇକି ଆସେ। ଫେରିଲା ବେଳେ ଜଗନ୍ନାଥଙ୍କ ପ୍ରସାଦ, ଲିଙ୍ଗରାଜଙ୍କ କୋରା ଆଉ ଛେନାପୋଡ ନେଇଯାଏ। ଏଇତ ଆସିଥିଲା ଗତବର୍ଷ। କହି ଯାଇଥିଲା ଆରବର୍ଷ ହୋଲିରେ ଆସିବ ବୋଲି। ରଙ୍ଗ ତାକୁ ଖୁବ୍ ଭଲ ଲାଗେ। ଠିକ୍ ହୋଲି ପୂର୍ବରୁ ଅଦେଖା ଭୂତାଣୁର ଅନ୍ଧକାର, ଅକସ୍ମାତ ପ୍ରବେଶ ସାଙ୍ଗକୁ ଅଜଣା ଭୟ ଗ୍ରାସିଗଲା ସୁନାମୀ ପରି ସମଗ୍ର ବିଶ୍ୱକୁ। ବନ୍ଦ ହେଇଗଲା ସଦାସର୍ବଦା ଉନ୍ମୁକ୍ତ ରହୁଥିବା କବାଟ ସବୁ ସ୍ୱେଚ୍ଛାକୃତ ଭାବରେ। ଚଳଚଞ୍ଚଳ ପାଦ ଶିଥିଳ ହେଇଗଲା ବନ୍ଦ କବାଟ ପଛପଟେ। ଲକଡାଉନ୍, କ୍ୱାରେଣ୍ଟାଇନ, ସେଲ୍ଫ ଆଇସୋଲେସନ ଅଶୁଣା ଶବ୍ଦ ସବୁ ନିତିଦିନିଅ ଜୀବନଶୈଳୀର ଅଂଶ ହେଇଗଲା। ସମଗ୍ର ବିଶ୍ୱ ପରି ମେଘନା ଦାଶର ସୋସାଇଟି ମଧ୍ୟ ହେଇଗଲା ଲକଡାଉନ। ଦିନେ ଝରକା ଭିତରୁ ନିଜ ତେଲଗୁ ପଡେଶୀ ପବିତ୍ରାକୁ ପଚାରିଲା, ଆଜି ସୋସାଇଟି ହ୍ୱାଟସଆପ ଗ୍ରୁପରେ ମେସେଜ ଆସିଛି ସଂଧ୍ୟା ଚାରିଟା ବେଳେ ସମସ୍ତେ ଶାଢ଼ୀପିନ୍ଧି ନିଜ ନିଜ ଘର ସାମ୍ନାରେ ଠିଆ ହେବା ପାଇଁ। ଜଷ୍ଟ ଫର ହାପିନେସ। ଘରେ ରହି ରହି ବୋର ହେଇଗଲେଣି। କିନ୍ତୁ ବାହାରେ ଯାଇ ଠିଆ ହେବାକୁ ଡର ଲାଗୁଛି। ତୁମେ ଠିଆ ହେବ କି? ପବିତ୍ରା ହଁ ମାରିଲା ପରେ, କିଛି ସମୟ ନୀରବ ରହି କହିଲା, ତୁମ ବଗିଚାରୁ କିଛି ଭୃସଙ୍ଗ ପତ୍ର, କଞ୍ଚା ଲଙ୍କା ଦେବ କି? ତା ବଦଳରେ ମୁଁ ତୁମକୁ ମୋ ଗାର୍ଡେନରୁ ଟମାଟୋ ଦେବି। ବାହାରୁ ପରିବା କିଣିବାକୁ ଡର ଲାଗୁଛି। ନଜାଣେ କୋଉଥିଣେ ଭାଇରସ ଆସିଯିବ। ପବିତ୍ରାଠୁ ଲଙ୍କା ଓ ଭୃସଙ୍ଗ ପତ୍ର ନେଇ ଟମାଟୋ ଦେଲା ବେଳେ ଓ ଆଉଥରେ ଲେଟର ବାକ୍ସରୁ ଲେଟର ନେଲା ବେଳେ ସମୁଦାୟ ଦି ଥର ତାକୁ ବାହାରକୁ ବାହାରିବାର ଦେଖିଥିଲେ ଲୋକ ଦି ମାସ ଭିତରେ। ଅଚାନକ ଦିନେ ସୋସାଇଟିରେ ହଲଚଲ ବଢ଼ିଗଲା। ଆମ୍ବୁଲାନ୍ସ, ଡାକ୍ତର, ପୋଲିସ ଟିମ ଆସି ଠିଆହେଲେ ମେଘନା ଦାଶ ସାମ୍ନାରେ। ମେଘନାକୁ ନିଶ୍ୱାସ ନେବାକୁ କଷ୍ଟ ହେଉଥିଲା। ଆମ୍ବୁଲାନ୍ସରେ ଗଲା ମେଘନା ଆଉ ତା' ଘର ସାମ୍ନାରେ କ୍ୱାରେଣ୍ଟାଇନର ଲାଗିଗଲା ଷ୍ଟିକର। ସୋସାଇଟି ସିଲ। ମେଘନା ଦାଶଙ୍କୁ କରୋନା ହୋଇଥିଲା। କରୋନା? ନା ସେ ବାହାରକୁ ବାହାରିଥିଲା, ନା ତା ଘରକୁ କେହି ଆସିଥିଲେ। ପବିତ୍ରାକୁ ଟମାଟୋ ହାତକୁ ନଦେଇ ପାଚେରୀ ଉପରେ ରଖିଦେଇଥିଲା ସେ ଆଉ ଭୃସଙ୍ଗ ପତ୍ର, କଞ୍ଚା ଲଙ୍କା ମଧ୍ୟ ନେଇଥିଲା ସେମିତି। ପୁଣି କରୋନା ଆସିଲା କୋଉଠୁ? ଲେଟର ବାକ୍ସରୁ? ମେଲରୁ...? ମେଘନା ଦାଶ ଫେରି ନଥିଲା। ଚାଲିଗଲା କରୋନାରେ। ଏବେବି ତା ଲେଟର ବକ୍ସରେ ଲେଖାଥିଲା, ମେଘନା ଦାଶ, ୨୦୪, ବସୁଧୈୟମ କୁଟୁମ୍ବକମ, ନ୍ୟୁଜର୍ସି, ୟୁଏସ୍‌ଏ।

*ବି-୪୦୧, ଦି ଆଟ୍ଲାଣ୍ଟିକ,*
*ନିଅର ଏସ୍ ଆର ପି ଗ୍ରାଉଣ୍ଡ-୯*
*ମକରପୁର ରୋଡ, ବରୋଦା,*
*ଗୁଜୁରାଟ-୩୯୦୦୧୦*
*ଦୂରଭାଷ : ୭୪୯୦୯୯୬୮୬୫*








ଶ୍ରଦ୍ଧା ସୁରଭି
ଷ୍ଟାଣ୍ଡାର୍ଡ-୪
ଡିଏଭି ପବ୍ଲିକ ସ୍କୁଲ
ୟୁନିଟ୍-୮, ଭୁବନେଶ୍ୱର

# ଆକାଶଟିଏ ଲୋଡା



ଅଦିତି ଦାସ

"ରାତିଟି ଥିଲା,
ଛୁଆଟିଏ ଥିଲି ମୁଁ
ଖୋଜୁଥିଲି ଏକ ନୀଳ ଆକାଶ।
ଦିନଟେ ପରେ
ଦେଖିଲି ତା'କୁ,
କାହିଁକି କେଜାଣି ଥିଲା କଳା।
ମା' କହିଲା, "ବାତ୍ୟା ଆସୁଛି,
ଘରକୁ ଚାଲ୍, କାଲି ଆଣିବି ଆକାଶ।"
ନାଁ ତା'ଆର ଆକାଶ ଆସିଲା,
ନାଁ ତା'ଆର ଆଖି ଫେରିଲା।"
ତା'ରି ପାଇଁ (ମୋ ସାଙ୍ଗ) ମୋତେ
ଆକାଶଟିଏ ଲୋଡା।



ମାର୍ଫତ୍ : ହରେକୃଷ୍ଣ ଦାସ
ପ୍ଲାଟ୍-୩୦୩, ବ୍ଲକ-ଏ,ପଣ୍ଡା ରେସିଡେନ୍ସି, ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,ଭୁବନେଶ୍ୱର

# ଶକ୍ତିକ୍ଷେତ୍ରକୁ ସ୍ୱାଭାବିକ କରିବା ପାଇଁ କେନ୍ଦ୍ର ସହଯୋଗ ଲୋଡ଼ିଲା ରାଜ୍ୟ

**ଭୁବନେଶ୍ୱର :** କୋଭିଡ୍-୧୯ରେ କ୍ଷତିର ସାମ୍ନା କରୁଥିବା ଶକ୍ତି କ୍ଷେତ୍ରକୁ ସୁଧାରିବା ପାଇଁ କେତେକ ପ୍ରସ୍ତାବ ସହ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂହଙ୍କୁ ଚିଠି ଲେଖିଛନ୍ତି। ଏଥିରେ ବିଦ୍ୟୁତ କ୍ଷେତ୍ର ପାଇଁ ଅଣାଯାଇଥିବା ଋଣର ସୁଧହାରକୁ ୯.୫%ରୁ କମାଇ ୬% କରିବା ସହିତ ଏହି ଋଣ ପରିଶାଧର ଅବଧିକୁ ୧୫ ବର୍ଷକୁ ବୃଦ୍ଧି କରିବାକୁ ସେ ଚିଠିରେ ଉଲ୍ଲେଖ କରଛନ୍ତି। ଶକ୍ତି ବିତରଣ କ୍ଷେତ୍ରରେ ରାଜ୍ୟରେ କ୍ରମାଗତ ଭାବେ ଫାନି, ବୁଲବୁଲ୍ ଓ ଅମ୍ଫନ୍ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଆସିଛି। ସେସବୁ ସତ୍ତ୍ୱେ ଏ କ୍ଷେତ୍ରରେ ସଂସ୍କାର ଆଣି ଗୁଣାତ୍ମକ ଓ ସ୍ଥିର ବିଦ୍ୟୁତ୍ ସେବା ଯୋଗାଇଦେବାରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା କାର୍ଯ୍ୟ କରିଆସୁଛି। ତେବେ ଚଳିତ କୋଭିଡ୍-୧୯ରେ କଳକାରଖାନା, ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଲକ୍‌ଡାଉନ୍ ହେବା ଯୋଗୁଁ ଶକ୍ତି ଚାହିଦା ହ୍ରାସ ପାଇଥିବା ଏବଂ ଆଶାନୁରୂପକ ବିଦ୍ୟୁତ ଦେୟ ଆଦାୟ ହୋଇ ପାରୁନଥିବା ଯୋଗୁଁ ଏକ ସଙ୍କଟମୟ ପରିସ୍ଥିତି ମଧ୍ୟରେ ଗତି କରୁଥିବା ସେ ଚିଠିରେ ଦର୍ଶାଇଛନ୍ତି। ନିକଟରେ ରାଜ୍ୟ ସରକାର ଗୋଟିଏ ବିଦ୍ୟୁତ ବିତରଣକାରୀ ସଂସ୍ଥାର ୫୧ ପ୍ରତିଶତ ଅଂଶଧନ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରି ପରିଚାଳନା ଭାରକୁ ସହଜ କରିବାର ଉଦ୍ୟମ କରିଛନ୍ତି ଏବଂ ଅନ୍ୟ ବିତରଣକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ଘରାଇ ସଂସ୍ଥାକୁ ହସ୍ତାନ୍ତର ଉପରେ ଅନୁଧ୍ୟାନ କରାଯାଉଛି। ଆମେ କେନ୍ଦ୍ର ସରକାରଙ୍କ ପରାମର୍ଶ ମୁତାବକ ସଂସ୍କାର ଯୁକ୍ତ ବିତରଣ ବ୍ୟବସ୍ଥା ଉପରେ ଜୋର୍ ଦେଇଆସିଛୁ ଏବଂ ଚାଲୁଥିବା ଦୀନଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଆଇପିଡିଏସ୍-୧୧ ଏବଂ ସୌଭାଗ୍ୟ ଭଳି କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଅନ୍ତରାୟ ସୃଷ୍ଟି କରୁଥିବା ଦୃଷ୍ଟିରୁ ଏହା ବିଳମ୍ବ ହୋଇଥିବା ସେ କହିଛନ୍ତି। ସରକାର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରକୁ ସ୍ୱାଭାବିକ କରିବା ପାଇଁ ଯେତେସବୁ ପଦକ୍ଷେପ ନେଲେ ବି କୋଭିଡ୍ ଯୋଗୁଁ ମାନ୍ଦାବସ୍ଥା ବର୍ଷବ୍ୟାପୀ ଜାରି ରହିବ। ଏଥିରେ ବିଦ୍ୟୁତ ଚାହିଦା ବହୁତ ମାତ୍ରାରେ ହ୍ରାସ ପାଇ ବିତରଣ ସଂସ୍ଥାଗୁଡ଼ିକର ଆର୍ଥିକ ଅବସ୍ଥାକୁ ପ୍ରଭାବିତ କରିବ। ତେଣୁ ବିତରଣ ସଂସ୍ଥାଗୁଡ଼ିକୁ ଜାତୀୟ ତାପଜ ବିଦ୍ୟୁତ ନିଗମ, ଜାତୀୟ ଜଳବିଦ୍ୟୁତ ନିଗମ ଓ ଭାରତୀୟ ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ରିହାତି ପ୍ରଦାନ ଓ ସୁଧ ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୩ ତାରିଖ ଦିନ ଆୟୋଜିତ ଦେଶର ସମସ୍ତ ଶକ୍ତିମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂରେ କ୍ୟାପ୍‌ଟେନ୍ ମିଶ୍ର ଉକ୍ତ ବିଷୟଗୁଡ଼ିକ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅକ୍ଟୋବର ୨ରୁ ...

ଅନ୍‌ଲାଇନ୍ ଆପ୍ଲିକେସନ୍, ଚିହ୍ନିତ ଜନସେବା ପ୍ରଦାନ ପରିଚାଳନା ପାଇଁ ଅନ୍‌ଲାଇନ୍ ମଡ୍ୟୁଲ୍। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଫ୍ଲାଗସିପ୍ କାର୍ଯ୍ୟକ୍ରମ ହେଉଛି ବ୍ଲୁଇସ୍। ଏଥିପାଇଁ ଏକ ୱେବ୍ ଏବଂ ମୋବାଇଲ୍‌ଭିତ୍ତିକ ସମାଧାନକୁ ବିକଶିତ କରାଯାଇଛି। ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ଜମିରେ ପରିବର୍ତ୍ତନକୁ ଏହା ଉଚ୍ଚ ରିଜୋଲ୍ୟୁସନ୍ ସାଟେଲାଇନ୍ ଚିତ୍ର ସଂଗ୍ରହ କରି ତଦାରଖ କରିବ। ଫଳରେ ସ୍ପେସ୍ ଟେକ୍ନୋଲୋଜି ଆପଣେଇବାରେ ଏବଂ ସରକାରୀ ଜମିର ସୁରକ୍ଷା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ହେବ। ବ୍ଲୁଇସ୍ ହେଉଛି ଭୁବନେଶ୍ୱରର ସମସ୍ତ ସରକାରୀ ଜମିର ଭୌଗୋଳିକ-ଟ୍ୟାଗ୍ ସଂଗ୍ରହାଳୟ। ଯାହା ସରକାରୀ ଜମିରେ ହେଉଥିବା ସମସ୍ତ ପରିବର୍ତ୍ତନକୁ ଉଚ୍ଚ ରିଜୋଲ୍ୟୁସନ୍ ସାଟେଲାଇଟ୍ ଚିତ୍ରରେ ଚିହ୍ନଟ କରିବ। ସେହିପରି ଅନଧିକୃତ ଜମି ବ୍ୟବହାର ମାମଲା ପାଇଁ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ସରକାରୀ ଜମିରେ ଯେକୌଣସି ଅନଧିକୃତ କାର୍ଯ୍ୟ ହେଉଥିଲେ, ନାଗରିକମାନେ ଏହା ମାଧ୍ୟମରେ ରିପୋର୍ଟ କରିପାରିବେ। ସେହିଭଳି ଇ-ପ୍ରବେଶ ହେଉଛି ଏକ ୱେବ୍ ଏବଂ ମୋବାଇଲ୍ ଆପ୍। ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନକୁ ଆସୁଥିବା ପରିଦର୍ଶକଙ୍କ ପ୍ରବେଶକୁ ସହଜ ଓ ପ୍ରାମାଣିକ କରିବ। ଏଥିରେ ମୁହଁକୁ ଚିହ୍ନିବାର ଜ୍ଞାନକୌଶଳ ବ୍ୟବହାର କରାଯାଉଥିବାବେଳେ ସୁରକ୍ଷାକର୍ମୀଙ୍କ ପାଇଁ ବିକଳ୍ପ ଯାଞ୍ଚ ଭାବେ କ୍ୟୁଆର୍ କୋର୍ଡ ଫିଚର୍ ପ୍ରଦାନ କରାଯାଇଛି। ଓଡ଼ିଶା ଭବନ ପରିଚାଳନା ପାଇଁ ଇ-ଭବନ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ସରକାରୀ କର୍ମଚାରୀ, ଲୋକପ୍ରତିନିଧି ଓ ନାଗରିକ ଏହା ଦ୍ୱାରା ସହଜରେ ଅନ୍ୟ ରାଜ୍ୟରେ ଥିବା ଭବନଗୁଡ଼ିକର ରୁମ୍ ବୁକିଂ କରିପାରିବା ସହ ଅନ୍ୟାନ୍ୟ ସୁବିଧା ପାଇପାରିବେ। ସେହିପରି ଭୁବନେଶ୍ୱରରେ ଥିବା ରାଜ୍ୟ ଅତିଥି ଭବନ ପରିଚାଳନା ପାଇଁ ଇ-ଅତିଥି ବ୍ୟବସ୍ଥା କରାଯାଇଛି। ଏହା ଫଳରେ ସମସ୍ତ ପ୍ରକ୍ରିୟା ସୁବ୍ୟବସ୍ଥିତ ହେବା ସହ ଅତିଥିଙ୍କ ଅନୁଭୂତିକୁ ବୃଦ୍ଧି କରିବ। ଏହାଛଡ଼ା ମୋବାଇଲ୍ ଓ ୱେବ୍ ମାଧ୍ୟମରେ ସିଙ୍ଗଲ ୱିଣ୍ଡୋରେ କର୍ମଚାରୀ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥାରେ ଛୁଟି, ଲୋନ୍ ଓ ଅନ୍ୟ ଆପ୍ଲିକେସନ୍ ଦାଖଲ ସହ ଇ-ସର୍ଭିସ୍ ବୁକ୍ ପାଇପାରିବେ। ସେହିଭଳି ଏଚ୍‌ଆର୍‌ଏମ୍‌ଏସ୍ ମୋବାଇଲ୍ ଆପ୍ ବ୍ୟବହାର କରି ପେ-ସ୍ଲିପ୍ ମଧ୍ୟ ଡାଉନ୍‌ଲୋଡ୍ କରିହେବ। ଜମିଜମା ବିବାଦ ପାଇଁ ଅନ୍‌ଲାଇନ୍ ଆପ୍ଲିକେସନ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ସରକାରୀ ଅଧିକାରୀ ଓ ଓକିଲଙ୍କ ମଧ୍ୟରେ ସମନ୍ୱୟ ରହିବ। ମାମଲାର ପ୍ରତିଟି ପର୍ଯ୍ୟାୟ ଜାଣିହେବ। ଓଆର୍‌ଟିପିଏସ୍‌ଏ ଅନ୍‌ଲାଇନ୍ ମଡ୍ୟୁଲ୍‌ରେ ୧୫୦ଟି ସେବା ଅନ୍ତର୍ଭୁକ୍ତ କରାଯାଇଛି। ଜନସାଧାରଣ ଏହି ପୋର୍ଟାଲ୍‌ରେ ସେବାରେ ବିଳମ୍ବ ନେଇ ଅଭିଯୋଗ କରିପାରିବେ। ସୂଚନାଥାଉକି, ଅଗଷ୍ଟ ୨୦୧୯ରେ ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମଗ୍ର ଦେଶର ଶାସନ କ୍ଷେତ୍ରରେ ଆମର ୫-ଟି କାର୍ଯ୍ୟକ୍ରମ ଓଡ଼ିଶାକୁ ଏକ ମଡେଲ୍ ରାଜ୍ୟ ଭାବେ ପରିଗଣିତ କରିଛି। ଅନ୍‌ଲାଇନ୍‌ରେ ୧୦୫ ପ୍ରକାର ସେବା ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୃହ ଏବଂ ଜିଏ ବିଭାଗର ପଦକ୍ଷେପକୁ ମୁଖ୍ୟ ସଚିବ ଅସିତ ତ୍ରିପାଠୀ ପ୍ରଶଂସା କରିଛନ୍ତି। ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର୍ ବାଲକ୍ରିଷ୍ଣନ୍, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭୂତ ବିକୁଛି ...

ଗିରଫ କରିଛି ବଡଗଡ ଥାନା ପୋଲିସ। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଜୋରଦାର ଚେଷ୍ଟା ଚଲିଛି।

ହେଲେ ତଥ୍ୟ ଅନୁସାରେ ଖୋର୍ଦ୍ଧା ଜିଲ୍ଲା ସବ୍‌ରେଜିଷ୍ଟ୍ରାର ଅଫିସ, ଭୁବନେଶ୍ୱରରେ ୨୦୨୦ ମସିହା ମେ' ୨୭ ତାରିଖରେ ଉକ୍ତ ଜମିର ବିକ୍ରୟ କବଲା କରାଯାଇଥିଲା। ଯାହାର ନମ୍ବର ୧୦୮୨୦୦୩୯୮୭। ଉକ୍ତ ଜମିକୁ କଟକ ଲାଲବାଗ ଅଞ୍ଚଳରେ ଥିବା କେନ୍ଦୁଝର କଲୋନୀ ନିବାସୀ ସ୍ୱର୍ଗତଃ ପ୍ରଦୀପ ମହାନ୍ତି। ସେ ଭୁବନେଶ୍ୱରର ପାଣ୍ଡରା ମୌଜାରେ ଥିବା ଖାତା ନମ୍ବର ୧୩୩୦/୩୯୨୨, ପ୍ଲଟ ନମ୍ବର-୧୦୧୬, ଏରିଆ ୦.୪୬ ଡେସିମିଲ ଜମି କିଣିଥିଲେ। ୨୦୨୦ ଫେବୃଆରୀ ୧୯ ତାରିଖରେ ପ୍ରଦୀପଙ୍କ ଦେହାନ୍ତ ହୋଇଥିଲା। ପ୍ରଦୀପଙ୍କ ଦେହାନ୍ତ ପରେ ଆଉ ଜଣେ ବ୍ୟକ୍ତି ନିଜକୁ ପ୍ରଦୀପ ମହାନ୍ତି ପରିଚୟ ଦେଇ ମେ' ମାସ ୨୭ ତାରିଖରେ ସଂଧ୍ୟାରାଣୀ ବେଉରା ନାମ୍ନୀ ଜଣେ ମହିଳାଙ୍କ ଠାରୁ ୪୦ ଲକ୍ଷ ୪୮ ହଜାର ଟଙ୍କା ନେଇ ବିକ୍ରୟ କବଲା କରି ଦେଇଥିଲେ। ଜମି ବିକ୍ରି କରିସାରିବା ପରେ ମିଛ ପ୍ରଦୀପ ମହାନ୍ତି କୁଆଡେ ଫେରାର ହୋଇଯାଇଛନ୍ତି। କିନ୍ତୁ ବଡଗଡ ଥାନାରେ ବିରଜାଙ୍କ ଅଭିଯୋଗ ପରେ ଘଟଣା ପଦାକୁ ଆସିଥିଲା। ବର୍ତ୍ତମାନ ପ୍ରଶ୍ନ ଉଠୁଛି ସବ୍‌ରେଜିଷ୍ଟ୍ରାର ଅଫିସର କର୍ମଚାରୀ କିଭଳି ଜାଣିପାରିଲେ ନାହିଁ ଜମିର ପ୍ରକୃତ ମାଲିକ କିଏ। ବର୍ତ୍ତମାନ ପୋଲିସ ଏହି ଘଟଣାରେ ଯେଉଁମାନେ ଅଭିଯୁକ୍ତ ସେମାନଙ୍କୁ ଖୋଜୁଛି। ଏହା କେବଳ ଗୋଟିଏ ଘଟଣା ନୁହେଁ। ଭୁବନେଶ୍ୱର ସବରେଜିଷ୍ଟ୍ରାର ଅଫିସ୍ ଓ ତହସିଲ ଅଫିସରେ ପ୍ରତ୍ୟେକ ଦିନ ମାଲମାଲ ଦଲାଲ କର୍ମଚାରୀଙ୍କୁ ହାତ କରି ଏଭଳି ବେଆଇନ କାର୍ଯ୍ୟ କରୁଥିଲେ ବି ତାଙ୍କ ଉପରେ ଲଗାମ ଲାଗିପାରୁ ନାହିଁ। ବିନା ପଞ୍ଜିକୃତ ମୋହରିର ଓ ଓକିଲ ମାନଙ୍କ ବ୍ୟତିରେକ ଏହି ଅଫିସ ଗୁଡିକରେ ବହୁ ଚତୁର ଜମି ଦଲାଲ ଏଭଳି କରୁଥିବା ଆଲୋଚନା ହେଉଛି। ଯେମିତି ପୁରୀ ଶ୍ରୀମନ୍ଦିରରେ ଅଣ ସେବାୟତ ନିଜକୁ ସେବାୟତ କରି ଯାତ୍ରୀମାନଙ୍କୁ ଲୁଟୁଛନ୍ତି ଏଠାରେ ମଧ୍ୟ ଦୀର୍ଘବର୍ଷ ଧରି ସେଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିଲେ ବି ଏଠାରେ କାର୍ଯ୍ୟ କରୁଥିବା ଓକିଲ, ମୋହରିର, ତହସିଲ ଅଫିସ କିମ୍ବା ସବ୍‌ରେଜିଷ୍ଟ୍ରାର ଅଫିସର କୌଣସି କର୍ମଚାରୀ ଏହା ବିରୁଦ୍ଧରେ ସ୍ୱର ଉଠାଇ ନାହାନ୍ତି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ କେତେଯେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଜମି ବିକ୍ରି ନ ହେବ ତାହା କିଏ କହିବ।

### କରୋନା ଟୀକା ...

ସେହି ସ୍ୱେଚ୍ଛାସେବୀମାନଙ୍କର ପ୍ରଥମ ଦଳକୁ ଜୁଲାଇ ୧୫ ଏବଂ ଦ୍ୱିତୀୟ ଦଳକୁ ଜୁଲାଇ ୨୦ରେ ଡିସଚାର୍ଜ କରାଯିବ। ଋଷିଆର ଗମାଲେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି ଏବଂ ମାଇକ୍ରୋବାୟୋଲୋଜି ଦ୍ୱାରା ପ୍ରସ୍ତୁତ ଏହି କରୋନା ଟୀକାର ଜୁନ୍ ୧୮ରେ କ୍ଲିନିକାଲ ପରୀକ୍ଷା ଆରମ୍ଭ ହୋଇଥିଲା। ସେଚେନୋଭ ୟୁନିଭରସିଟ୍‌ର ମେଡିକାଲ ପାରାସିଟୋଲୋଜି, ଟ୍ରପିକାଲ ଏବଂ ଭେକ୍ଟର-ବର୍ଣ୍ଣ ରୋଗ ବିଭାଗ ନିର୍ଦ୍ଦେଶକ ଆଲେକ୍ସଜାଣ୍ଡାର ଲୁକାଶେଭ କହିଛନ୍ତି, ମଣିଷ କ୍ଷେତ୍ରରେ ଏହି ଟୀକା କେତେ ନିରାପଦ ତାହା ଜାଣିବା କ୍ଲିନିକାଲ ପରୀକ୍ଷାର ଉଦ୍ଦେଶ୍ୟ ଥିଲା। ସେ କହିଛନ୍ତି ଯେ, ଟୀକାକରଣର ନିରାପତ୍ତା ନିଶ୍ଚିତ ହୋଇଛି। ଏହା ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଥିବା ଅନ୍ୟ ଟୀକା ଭଳି ସୁରକ୍ଷିତ। ଏହି ଟୀକାର ଉତ୍ପାଦନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ମହାମାରୀ ପରିସ୍ଥିତିର ଜଟିଳତା ଅନୁଯାୟୀ ଉତ୍ପାଦନ ବୃଦ୍ଧି ହେବାର ସମ୍ଭାବନା ରହିଛି।

### ପିସିସି ପରିବର୍ତ୍ତନ ...

ସଭାପତି ପରିବର୍ତ୍ତନ ନିମନ୍ତେ ମତ ଦେଇଛନ୍ତି। ତେବେ କିଏ ନୂଆ ସଭାପତି ହେବ ତାହାକୁ ନେଇ କୌଣସି ସ୍ପଷ୍ଟ ଚିତ୍ର ନାହିଁ କିମ୍ବା ଦଳରେ ସହମତି ନାହିଁ। କିନ୍ତୁ ଏକଥା ସ୍ପଷ୍ଟ ଯେ, ପିସିସି ସଭାପତି ନେଇ ସୋନିଆ କିଛି ସଙ୍କେତ ଦେଇ ନାହାନ୍ତି କିମ୍ବା ଯିଏ ସଭାପତି ହେବେ ତାଙ୍କୁ ପରିବର୍ତ୍ତନ ନ କରିବା ନେଇ ଯେ ମେଳି ନ ହେବ ସେ ନେଇ ଦଳୀୟ ନେତାମାନେ ମଧ୍ୟ କୌଣସି ପ୍ରତିଶ୍ରୁତିବଦ୍ଧ ନୁହଁନ୍ତି। ପୂର୍ବତନ ସାଂସଦ ପ୍ରଦୀପ ମାଝିଙ୍କ ନାମ ଚର୍ଚ୍ଚାରେ ଥିଲେ ମଧ୍ୟ ସେ ଏହି ଦୌଡରେ ନଥିବା ସ୍ପଷ୍ଟ କରି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ମହମ୍ମଦ ମୁକିକ, ତାରାପ୍ରସାଦ ବାହିନୀପତି, ପୂର୍ବତନ ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ ନେତା ଭକ୍ତ ଦାସ, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳଙ୍କ ନାଁ ଚର୍ଚ୍ଚାରେ ରହିଛି। ସେହିପରି କେହି କେହି ଯୁବ ନେତାଙ୍କୁ ଦଳର ସଭାପତି କରାଯାଉ ଓ ତାଙ୍କୁ ଦଳର ମୁହଁ ଭାବରେ ଉପସ୍ଥାପନ କରାଯାଉ ବୋଲି ମତବ୍ୟକ୍ତ କରିଛନ୍ତି।

### ଡିସିପି ଅଫିସରେ ...

ଲୋକଙ୍କ କହିବା କଥା ଖୋଦ ରାଜଧାନୀ ଭୁବନେଶ୍ୱରରେ ଯଦି ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ରାଜ୍ୟର ଅନ୍ୟ ସରକାରୀ କାର୍ଯ୍ୟାଳୟରେ ହେଉଥିବା ନିୟମ ବିରୋଧୀ କାର୍ଯ୍ୟ କିଏ ବନ୍ଦ କରିବ। ସୂଚନା ଅନୁସାରେ ଡିସିପି ଅଫିସରେ ଗାଦିମାଡି ବସିଥିବା କନଷ୍ଟେବଲଙ୍କର ଉପରେ ହାତ ରହିଛି। ଯେଉଁଥିପାଇଁ ତାଙ୍କ ବଦଳି ନେଇ କେହି ଇଚ୍ଛା ପ୍ରକାଶ କରୁନାହାନ୍ତି। ତେଣୁ ଗୋଟିଏ ସ୍ଥାନରେ ଦୀର୍ଘବର୍ଷ କାର୍ଯ୍ୟ କରିବା ହେତୁ ଏମାନେ ଏମାନଙ୍କ ପାରିବାରପଣିଆ ଜାହିର କରି ନିୟମ ବାହାରେ ଅନେକ କାର୍ଯ୍ୟ କରୁଥିବାର ମଧ୍ୟ ଅଭିଯୋଗ ହେଉଛି। ତେଣୁ ନିୟମ ଅନୁସାରେ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟ କରୁଥିବା କନଷ୍ଟେବଲଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ସାଧାରଣରେ ଦାବି ଉଠୁଛି।

### ରାଜସ୍ୱ ଲୁଟୁଛନ୍ତି ...

ନିଜ ଜିଲ୍ଲାରେ ଏତେ ବର୍ଷ କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଉକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ ବହୁବାର ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅନୁମାନ କରାଯାଏ କି ସେ କୌଣସି ନେତା ବା ଉଚ୍ଚପଦସ୍ଥ ଅଧିକାରୀଙ୍କ ଛତ୍ରଛାୟା ତଳେ ରହିଛନ୍ତି ବୋଲି ସାଧାରଣରେ ଆଲୋଚ୍ୟର ବିଷୟବସ୍ତୁ ପାଲଟିଛି। ତେବେ ଏହି କାର୍ଯ୍ୟାଳୟଟି ସୀମିତ ସ୍ଥାନରେ ରହିଥିବାରୁ ସାଧାରଣ ଲୋକ ଓ ମିଡିଆ ସହଜରେ ଜାଣିପାରନ୍ତି ନାହିଁ। ଏହି କାର୍ଯ୍ୟାଳୟରେ କିଛି ଦଲାଲ ଓ ଠିକାଦାରଙ୍କ ମାଧ୍ୟମରେ ପ୍ରଚୁର ଫଲ୍ସ ବିଲ୍ କରାଯାଉଥିବାର ସାଧାରଣରେ ଆଲୋଚନା ଜୋର ଧରିଛି। ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓ ବାସଭବନରେ ଦୁର୍ନୀତି ନିବାରଣ ଦ୍ୱାରା ତଦନ୍ତ କରାଗଲେ ବହୁ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରିଥିବାର ସନ୍ଧାନ ମଧ୍ୟ ମିଳିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ପ୍ରଥମଥର ...

ବିଜେପିର ମୋଦିଙ୍କ ହାୱା ଏବଂ ମଙ୍ଗୁ ଭାଇଶଙ୍କ ସମ୍ନାରେ ପ୍ରଭାବୀ ସାବ୍ୟସ୍ତ କରିପାରି ନଥିଲେ। ବିଜେଡିର ପ୍ରାର୍ଥୀ ୨୦୧୪ ନିର୍ବାଚନରେ ୪୭୬୧୫ (୩୩%) ଭୋଟ ପାଇଥିଲା ବେଳେ ଗତ ନିର୍ବାଚନରେ (୩୯%) ହାରରେ ୬୧୪୦୯ ଖଣ୍ଡ ଭୋଟ ପାଇଥିଲେ। ମାତ୍ର ୨୦୧୪ରେ ଭୋଟ ବିଭାଜନ ହୋଇଥିବାରୁ ବିଜେଡି ଜିତିଥିଲା। କଂଗ୍ରେସର ଅରୁଣ ଦେ ଏବଂ ସ୍ୱାଧୀନ ପ୍ରାର୍ଥୀ ମାନସଦାସ ପଟ୍ଟନାୟକ କିଛି ଭୋଟ ଅକ୍ତିଆର କରି ବିଜେଡି ପ୍ରାର୍ଥୀଙ୍କୁ ବିଜୟରେ ସାହାଯ୍ୟ କରିଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସର ଯୁବ ନେତା ବିକ୍ରମ ପଣ୍ଡାଙ୍କୁ କଂଗ୍ରେସ ଟିକଟ ନ ମିଳିବା ବିଜେପିକୁ ଏହି ସିଟ୍‌ରେ ବିଜୟ ପାଇଁ ସାହାଯ୍ୟ କରିଥିଲା। କାରଣ ବିକ୍ରମ ପ୍ରାୟ ଗତ ପାଞ୍ଚବର୍ଷ ହେଲା ଦଳୀୟ ସଂଗଠନ କରୁଥିଲେ। ଶେଷ ମୁହୂର୍ତ୍ତରେ ପାର୍ଟି ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଟିକେଟ ଦେଇ ନିଜ ଗୋଡରେ ନିଜେ କୁରାଢ଼ୀ ମାରି ଏଠାରେ ଥିବା କଂଗ୍ରେସର ଭୋଟ ବ୍ୟାଙ୍କକୁ କମେଇବାରେ ସାହାଯ୍ୟ କରିଥିଲା। ଅନ୍ୟପଟେ ଏକଥା ବି ସତ ୨୦୧୯ର ନିର୍ବାଚନରେ ବିଜେଡି ଦଳ ସପକ୍ଷରେ ଯାହାବି କିଛି ଭୋଟ ହାର ଅଧିକ ମିଳିଥିଲା ତାହା କେବଳ ବିଜେଡିର ସାଂସଦ ପ୍ରାର୍ଥୀ ରବିନ୍ଦ୍ର ଜେନାଙ୍କ ପାଇଁ ହି ସମ୍ଭବ ହୋଇଥିଲା। ତେବେ ବର୍ତ୍ତମାନ କରୋନା ମହାମାରୀ ସମୟରେ ବିଜେପିର ବରିଷ୍ଠ ନେତା ସୁ ସଂଗଠକ ମଙ୍ଗୁ ଭାଇଙ୍କ ଅକାଳ ମୃତ୍ୟୁ ପରେ ବିଜେପି ଦଳରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଦଳର ପରବର୍ତ୍ତୀ ମଙ୍ଗୁଆଳ କିଏ ହେବ ତାକୁ ନେଇ ଦଳ ଭିତରେ ମାନସ ମନ୍ଥନ ଚାଲିଛି। ସମସ୍ତଙ୍କ ନଜର ତାଙ୍କ ପରିବାର ସଦସ୍ୟ ତଥା ତାଙ୍କର ସହଧର୍ମିଣୀ ବା ପୁତ୍ର ମାନସ ଦତ୍ତଙ୍କ ଉପରେ ରହିଛି। ସେ ପାଞ୍ଚବର୍ଷ ପାଇଁ ନିର୍ବାଚିତ ବା ସଦର ବାସୀଙ୍କ ସେବା ପାଇଁ ଭୋଟ ପାଇଥିଲେ ତେଣୁ ଆହୁରି ଚାରିବର୍ଷ ବାକିଥିବାରୁ ତାଙ୍କ ପରିବାର ସଦସ୍ୟ ହିଁ ବିଜେପିର ପରବର୍ତ୍ତୀ ପ୍ରାର୍ଥୀ ହୁଅନ୍ତୁ ବୋଲି ତାଙ୍କ ସମର୍ଥକମାନେ ମତ ରଖୁଛନ୍ତି। ଯଦି ତାଙ୍କ ପରିବାରରୁ କାହାରିକୁ ଟିକଟ ନ ମିଳେ ତେବେ ବିଜେପିର ଭୋଟ ବିଭାଜନ ହେବା ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ବିଜେପିର ଯଦି ସମସ୍ତ ନେତା ଏକାଠି ହୋଇ ବିଜେପି ପାଇଁ କାର୍ଯ୍ୟ କରନ୍ତି ତେବେ ଏଠାରେ ବିଜେଡିର ରାସ୍ତା କଠିନ ହୋଇପାରେ। ସେପଟେ ବିଜେଡିରେ କିନ୍ତୁ ପ୍ରାକ୍ତନ ସାଂସଦ ତଥା ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର ଜେନାଙ୍କ ପ୍ରାର୍ଥୀତ୍ୱକୁ ନେଇ ଭୋଟର ମାନେ ଉତ୍ସୁକତା ଦେଖାଇ ଥିବାରୁ ଏହା ବିଜେଡି ସପକ୍ଷରେ ଯାଇପାରେ ବୋଲି ଚର୍ଚ୍ଚା ହେଉଛି। ୨୦୧୪ ନିର୍ବାଚନ ଅପେକ୍ଷା ୨୦୧୯ ନିର୍ବାଚନରେ ଅଧିକ ଭୋଟ ପାଇଥିବା ପୂର୍ବତନ ତଥା ପରାଜିତ ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ନିଜକୁ ଏଥର ବିଜେଡି ପ୍ରାର୍ଥୀ ରୂପେ ପୁଣିଥରେ ଟିକଟ ପାଇବାକୁ ଆଶା ବାନ୍ଧି ବସିଛନ୍ତି। କାରଣ ତାଙ୍କର ପ୍ରତି ପଞ୍ଚାୟତରେ ଭୋଟ ବ୍ୟାଙ୍କ ରହିଛି। ସର୍ବସମ୍ମତିରେ ଯଦି ବିଜେଡିରୁ ପୂର୍ବତନ ସାଂସଦ କିମ୍ବା ତାଙ୍କ ଧର୍ମପତ୍ନୀ ସମାଜସେବୀ ସୁବାସିନୀ ଜେନାଙ୍କୁ ପ୍ରାର୍ଥୀ କରାଯାଏ ଏବଂ ସମସ୍ତ ବିଜେଡି ନେତା କର୍ମୀ ଏକାଠି ରୁହନ୍ତି ତେବେ ଏଠାରେ ବିଜେଡି ଜିତିବା ନିଶ୍ଚିତ। ସବୁ ଦୃଷ୍ଟିରୁ କହିବାକୁ ଗଲେ ବର୍ତ୍ତମାନ ବିଜେଡି ହିଁ ଭଲ ସ୍ଥିତିରେ ବା ଆଗରେ ଅଛି। କାରଣ ବିଜେଡିରେ ଜିଲ୍ଲା ସଭାପତି ଭାବେ ମଙ୍ଗ ଧରିଥିବା ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଗତ ୨୦୧୯ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଭାବେ ପରାଜିତ ହୋଇ ମଧ୍ୟ ସମଗ୍ର ଜିଲ୍ଲାରେ ଦଳର ନେତୃତ୍ୱ ନେବାରେ ଯେଉଁ କଠିନ ପରିଶ୍ରମ ଏବଂ ଏହି ମହାମାରୀ ସମୟରେ ସମସ୍ତ ଦୁଃଖିରଖିଙ୍କ ଠାରେ ପହଞ୍ଚି ସାହାଯ୍ୟର ହାତ ବଢ଼ାଛନ୍ତି। ସେ ଦୃଷ୍ଟିରୁ ଦଳ ପୂର୍ବାପେକ୍ଷା ଜିଲ୍ଲାରେ ଅଧିକ ସଙ୍ଗଠିତ ରହିଛି। ପୁଣି ଇଂ ଜେନା ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ୨୦୧୯ ନିର୍ବାଚନ ପରଠାରୁ ଅଧିକ ସକ୍ରିୟ ହୋଇ ଘରକୁ ଘର ବୁଲି ଦଳ ପାଇଁ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ, ଦଳ ସହ ଛାତ୍ର, ଯୁବକ, ମହିଳା ଏପରିକି ସବୁବର୍ଗର ଲୋକଙ୍କୁ ଯୋଡିବା ପାଇଁ ଯେଉଁସବୁ ପଦକ୍ଷେପ ନେଇଛନ୍ତି ତାହାହିଁ ତାଙ୍କ ସପକ୍ଷରେ ଓ ଦଳ ସପକ୍ଷରେ ଏକ ହାୱା ସୃଷ୍ଟି କରୁଛି। ଯେଉଁ ହାୱାକୁ ଦେଖି ପ୍ରତିଦ୍ୱନ୍ଦ୍ୱୀ ବିଜେପି ଓ କଂଗ୍ରେସ ଏବେ ଚିନ୍ତାରେ ପଡିଛନ୍ତି। ବିଜେଡି ଭିତରେ ରବିନ୍ଦ୍ର ହିଁ ସଦର ନିର୍ବାଚନ ମଣ୍ଡଳୀର ସର୍ବମାନ୍ୟ ନେତା ଓ ଅନ୍ୟ ଯେକୌଣସି ନେତା ତୁଳନାରେ ରବିନ୍ଦ୍ରଙ୍କ ବିଜୟ ସମ୍ଭାବନା ଅଧିକ ବୋଲି ଦଳର ନେତା ଠାରୁ କର୍ମୀ ଯାଏ ସମସ୍ତେ ବିବେଚନା କରୁଛନ୍ତି। ଏପରିକି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରତାପ ଜେନା ମଧ୍ୟ ରବିନ୍ଦ୍ରଙ୍କ ସପକ୍ଷରେ ନିଜର ମତ ରଖିପାରନ୍ତି। ସେପଟେ ଅନ୍ୟ ଏକ ଖବର ଦୁଇ ଦଳ ବିଜେପି-ବିଜେଡି ଭିତରେ ଆତଙ୍କ ସୃଷ୍ଟି କରିଛି। କାଳେ ବିଜେପୁର ଭଳି ପ୍ରାର୍ଥୀ ଚୟନ ଏଠାରେ ହେବନି ତ? ଏପରି ଏକ ଗୁଜବକୁ ବିଜେଡିର ନେତାମାନେ ହଜମ କରିପାରୁ ନାହାନ୍ତି। ଏପରି ହେଲେ ଆଉ ଦଳ ପ୍ରତି ଆନୁଗତ୍ୟ ରଖି କେହି ନେତା କାମ କରି ପାରିବେ ନାହିଁ ବୋଲି ସୋସିଆଲ ମିଡିଆରେ ବିଭିନ୍ନ ମତ ଆସୁଥିବାର ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ମଙ୍ଗୁ ଭାଇଙ୍କ ପରେ ବିଜେପିର କିଏ ମଙ୍ଗୁଆଳ ହେବ ସେ ଗଣତିର ଅଙ୍କ ଏବେ ଦଳ ଭିତରେ ଛିଡୁ ନାହିଁ। ଗୋଟିଏ ଗୋଷ୍ଠୀଙ୍କୁ ମଙ୍ଗୁ ଭାଇଙ୍କ ପରିବାରରୁ କିମ୍ବା କେହି ନିକଟ ସମ୍ପର୍କୀୟ ପ୍ରାର୍ଥୀ ହେଲେ ଦଳ ସପକ୍ଷରେ ଅଧିକ ଅନୁକମ୍ପାମୂଳକ ଭୋଟ ମିଳିବ ଓ ଯଦ୍ୱାରା ବିଜୟ ସମ୍ଭାବନା ଅଧିକ ରହିବ ବୋଲି ଦାବି କରୁଥିବା ବେଳେ ଅନ୍ୟ ଗୋଟିଏ ଗୋଷ୍ଠୀ ଦଳ ଆଉ କାହାକୁ ପ୍ରାର୍ଥୀ ଘୋଷଣା କରୁ ବୋଲି ଦାବି କରୁଛନ୍ତି। କଂଗ୍ରେସ ୨୦୧୯ ନିର୍ବାଚନରେ ଏଠାରେ ଶୋଚନୀୟ ପରାଜୟ ବରଣ କରିଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା, ପାରମ୍ପରିକ ଭୋଟକୁ ଆୟୁଧ କରି ସଫଳତାର ସହ ନିର୍ବାଚନ ବୈତରଣୀ ପାରି ହେବ ବୋଲି କଂଗ୍ରେସର ସଂଜୀବ ଗିରି ଏବଂ ଅନ୍ୟ କିଛି ନେତା ଦାବି କରୁଛନ୍ତି। କଂଗ୍ରେସରେ ଥିବା ଏବଂ ଏଥର ଗେମ ଚେଞ୍ଜର ଅସନ୍ତୁଷ୍ଟ ଯୁବ ନେତା ବିକ୍ରମ ପଣ୍ଡା ଯଦି ପ୍ରାର୍ଥୀ ହୁଅନ୍ତି ତେବେ ଏଠାରେ ତିନି ଦଳରୁ କେଉଁ ପ୍ରାର୍ଥୀ ବିଜୟୀ ହେବ କହିବା ମୁସ୍କିଲ ହୋଇଯିବ। ସେହିପରି ସଦର ନିର୍ବାଚନ ମଣ୍ଡଳୀରେ ସିପିଆଇ (ଏମ୍)ର ମଧ୍ୟ ଏକ ନିଜସ୍ୱ ଭୋଟ ବ୍ୟାଙ୍କ ଅଛି। ତାହା ସହ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ସବୁବେଳେର ରାଜନୈତିକ ଗୋଟି ଚାଳନା କରୁଥିବା ଅରୁଣ ଦେଙ୍କ (ସର୍ବମାନ୍ୟ ଦାଦା)ଙ୍କ ଭୂମିକା ହିଁ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଉପରେ ନିର୍ଭର କରିପାରେ ବୋଲି ମଧ୍ୟ ରାଜନୈତିକ ବିଷାରଦ ମାନେ ମତ ରଖୁଛନ୍ତି। ସର୍ବଶେଷରେ ଏଠାରେ ଯଦି ସମସ୍ତ ଦଳର ନେତାଏ ଏକାଠି ହୁଅନ୍ତି ତେବେ ଏଠାରେ ତ୍ରିମୁଖୀ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିବ।

## ଉଚ୍ଚ କ୍ଷମତାସମ୍ପନ୍ନ ମନ୍ତ୍ରୀଗୋଷ୍ଠୀ ବୈଠକରେ ନିଷ୍ପତ୍ତି

# ଯାଞ୍ଚ ହେବ ଆୟୁର୍ବେଦିକ ଔଷଧ

**ଭୁବନେଶ୍ୱର :** ବଜାରରେ ବିକ୍ରି ହେଉଥିବା କୋଭିଡ୍-୧୯ର ସମସ୍ତ ଆୟୁର୍ବେଦିକ ଔଷଧଗୁଡ଼ିକ ଯାଞ୍ଚ କରାଯିବ। ଆୟୁଷ ନିର୍ଦ୍ଦେଶକ ଏହାର ନିରୀକ୍ଷଣ କରି ଗୁଣବତ୍ତା, କାର୍ଯ୍ୟଦକ୍ଷତା ଓ ପ୍ରକୃତ କାର୍ଯ୍ୟକାରିତାଗୁଡ଼ିକୁ ସୁନିଶ୍ଚିତ କରିବେ। ବଜାରରେ ମିଳୁଥିବା ଆୟୁର୍ବେଦିକ ଉତ୍ପାଦଗୁଡ଼ିକ ମଧ୍ୟରେ କିଛି ଭେଜାଲ ଓ ସ୍ୱାସ୍ଥ୍ୟ ହାନିକାରକ ଔଷଧ ମିଳୁଥିବାର ଆଶଙ୍କା ଥିବାରୁ ଚଢ଼ଉ କରି ତାର ପରୀକ୍ଷା ନିରୀକ୍ଷା କରାଯିବ। ଜିଲ୍ଲାସ୍ତରରେ ଏସବୁ ତନଖି କରି ରିପୋର୍ଟ ପ୍ରଦାନ କରାଯିବ। ବିଶେଷଜ୍ଞ କମିଟି ଆର୍‌ଟିପିସିଆର୍ ମେସିନ୍ ଓ ଟେଷ୍ଟିଂ କିଟ୍‌ଗୁଡ଼ିକ ମାଧ୍ୟମରେ ଯେଉଁ କୋଭିଡ୍ ପରୀକ୍ଷଣ ହେଉଛି, ତାକୁ ନିୟମିତ ଭାବେ ଯାଞ୍ଚ କରାଯିବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧକ୍ଷତାରେ ଭିଡିଓ କନ୍‌ଫରେନ୍ସିଂରେ କୋଭିଡ୍-୧୯ ସମ୍ପର୍କିତ ଉଚ୍ଚକ୍ଷମତା ସମ୍ପନ୍ନ ମନ୍ତ୍ରୀଗୋଷ୍ଠୀ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଓ ପରୀକ୍ଷଣ ଆବଶ୍ୟକତା ଦୃଷ୍ଟିରୁ କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ, ବୁର୍ଲାର ଭିମ୍‌ସାର, ପୁରୀସ୍ଥିତ ସଂକ୍ରାମକ ରୋଗ ନିରାକରଣ ହସ୍ପିଟାଲ୍ ପାଇଁ ଅତିରିକ୍ତ ଗୋଟିଏ ଲେଖାଏଁ ଆର୍‌ଟିପିସିଆର୍ ମେସିନ୍ ଯୋଗାଇ ଦିଆଯିବ। ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର ଓ କଳାହାଣ୍ଡି ଜିଲ୍ଲା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଅର୍ଥ ବରାଦରେ ଔଷଧ ନିଗମ ଜରିଆରେ ଆର୍‌ଟିପିସିଆର୍ ମେସିନ୍ ବ୍ୟବସ୍ଥା କରାଯିବ। ସେହିପରି କୋଭିଡ୍ ପରୀକ୍ଷା ନିମନ୍ତେ ଡିଏମ୍‌ଇଟିଙ୍କ ଅନୁମୋଦନ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୫ଟି ଟ୍ରୁନ୍ୟାଟ୍ ମେସିନ୍ କ୍ରୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବହୁଳ ପ୍ରଚାର ଓ ପ୍ରସାର କରାଯିବ। ନେଚରପାଥି, ଆୟୁର୍ବେଦ ଓ ହୋମିଓପାଥି ବିଶେଷଜ୍ଞଙ୍କୁ ନେଇ ପ୍ରାକୃତିକ ମାଧ୍ୟମରେ ଲୋକଙ୍କ ମଧ୍ୟରେ କିପରି ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରାଯାଇପାରିବ, ତାର ନିୟମାବଳୀ ପ୍ରସ୍ତୁତ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି, ରାଜ୍ୟର ସମସ୍ତ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଚିକିତ୍ସାଳୟ ଓ ସହରାଞ୍ଚଳ ପ୍ରାଥମିକ ଚିକିତ୍ସାଳୟର ପଞ୍ଜୀକରଣ କେନ୍ଦ୍ରଠାରେ ଇନ୍‌ଫ୍ରାରେଡ୍ ଥର୍ମୋମିଟର ବ୍ୟବସ୍ଥା କରାଯିବ। ଯେଉଁଠି ନାମ ପଞ୍ଜୀକରଣ ସମୟରେ ଶରୀରର ତାପମାତ୍ରାକୁ ରେକର୍ଡ କରାଯାଇପାରିବ। ଫଳରେ ଯେଉଁ ରୋଗୀଙ୍କ ଠାରେ ଅଧିକ ତାପମାତ୍ରା ପରିଲକ୍ଷିତ ହେବ। ପରବର୍ତ୍ତୀ ସମୟରେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ କୋଭିଡ୍ ହସ୍ପିଟାଲ୍‌କୁ ଅଧିକ ପରୀକ୍ଷା ନିମନ୍ତେ ପଠାଯାଇପାରିବ। ରାଜ୍ୟରେ ଏବେ ୧୯ଟି ସରକାରୀ ଓ ୭ଟି ଘରୋଇ ଲ୍ୟାବ୍ ମୋଟ୍ ୨୬ଟି ଲ୍ୟାବ୍‌ରେ ଦିନକୁ ୬ ହଜାରରୁ ଅଧିକ କୋଭିଡ୍ ପରୀକ୍ଷା ହେଉଥିବାବେଳେ ଆବଶ୍ୟକସ୍ଥଳେ କିଟ୍ ଟିବିଆଇ ଲ୍ୟାବ୍‌ରେ ପରୀକ୍ଷଣ ସଂଖ୍ୟା ବୃଦ୍ଧି କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଭିଡିଓ କନ୍‌ଫରେନ୍ସିଂରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର, ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## କରୋନା କଟକଣାକୁ ଫୁଁ'

# ଅବାଧରେ ଚାଲିଛି ଘରୋଇ କୋଚିଙ୍ଗ୍ ସେଣ୍ଟର

**ଭଦ୍ରକ :** କରୋନା ତା କାୟା ବିସ୍ତାର କରି ଚାଲିଥିବା ବେଳେ ଏହାର ଭୟାବହତାକୁ ଆଖି ଆଗରେ ରଖି ସରକାର ସମସ୍ତ ଶିକ୍ଷାନୁଷ୍ଠାନ ଯେପରିକି ସ୍ୱୀକୃତି ପ୍ରାପ୍ତ ସ୍କୁଲ, କଲେଜ ଓ ଅଣସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନ ସମେତ ସମସ୍ତ ଘରୋଇ କୋଚିଙ୍ଗ ସେଣ୍ଟର କୁ ମାର୍ଚ୍ଚ ମାସ ଠାରୁ ବନ୍ଦ କରିଥିବା ବେଳେ ଏହାର ଅବଧିକୁ ରାଜ୍ୟ ସରକାର ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଚଳିତ ଶିକ୍ଷା ବର୍ଷରେ କିପରି ଶିକ୍ଷାଦାନ କରାଯିବ ତାହାର ଗାଇଡ଼ଲାଇନ ପ୍ରସ୍ତୁତ କରିବାରେ ଲାଗିଛନ୍ତି । କିନ୍ତୁ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳରେ ଆଜିବି ଘରୋଇ କୋଚିଙ୍ଗ ସେଣ୍ଟର ଅବାଧରେ ଚାଲୁଥିବା ଦେଖିବାକୁ ମିଳୁଛି । ଚିରାଚରିତ ଢଙ୍ଗରେ ପିଲାମାନେ ସକାଳ ୭ଟାରେ ବହି ବସ୍ତାନି ଧରି ସାଇକେଲ ଓ ଚାଲିଚାଲି ଅନୁଷ୍ଠାନ ଗୃହକୁ ଆସିବା ସହ ବିନା ମାସ୍କରେ ଏକ ଛୋଟ ଘରେ ସାମିଜିକ ଦୂରତ୍ୱ ନରଖି ମିଳାମିଶା ହୋଇ ପଢୁଥିବାର ଦେଖାଯାଉଛି । କେଉଁଠି କୋଠରୀରେତ ଆଉ କେଉଁଠି ଛାତ ଉପରେ ପିଲାମାନେ କରୋନା କଟକଣାକୁ ଅବମାନନା କରି ପଢୁଛନ୍ତି । ଯାହାକି ଏକ ଭୟର ବାତାବରଣ ସୃଷ୍ଟି କରୁଛି । ଶିକ୍ଷକମାନେ ମଧ୍ୟ ବିନା ମାସ୍କରେ ପିଲାମାନଙ୍କୁ ପଢାଉଥିବାର ଦେଖାଯାଉଛି । ସଦ୍ୟ ଖବର ଅନୁଯାୟୀ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳର କିଛି ଛାତ୍ର ଘରୋଇ କୋଚିଙ୍ଗ ସେଣ୍ଟରରେ ଶିକ୍ଷା ଲାଭ କରୁଥିବା ବେଳେ ଶିକ୍ଷକଙ୍କ ସମେତ ସେମାନେ କରୋନାରେ ଆକ୍ରାନ୍ତ ହୋଇଛନ୍ତି ଓ ପ୍ରଶାସନ ତରଫରୁ ସଂପୃକ୍ତ ଅଂଚଳକୁ ସିଲ କରା ଯାଇଛି । ଏହିପରି ଘଟଣା ଘଟିବା ପରେ ମଧ୍ୟ ଅଭିଭାବକମାନଙ୍କ ସହିତ ଶିକ୍ଷକମାନେ ସଚେତନ ନହେବା ବଡ଼ ଆଶ୍ଚର୍ଯ୍ୟର ବିଷୟ । ସରକାର ଜୀବନର ମୂଲ୍ୟକୁ ପ୍ରାଧାନ୍ୟ ଦେଇ କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରୟାସ କରୁଥିବା ବେଳେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଏହି କାର୍ଯ୍ୟକଳାପ ଆଗାମୀ ଦିନରେ ଉକ୍ତ ଅଂଚଳକୁ ବିପଦରେ ନ ପକାଇବ କିଏବା କହିପାରିବ । ତେଣୁ ଏହାକୁ ଆଖି ଆଗରେ ରଖି ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିବା ସହ କରୋନା କଟକଣାକୁ ଅବମାନନା କରୁଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହ ଘରୋଇ କୋଚିଙ୍ଗ ସେଣ୍ଟର କୁ ବନ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଆଇଏନ୍‌ଏସ ଚିଲିକାରେ ପାସିଂଆଉଟ୍ ସମାରୋହ



**ଖୋର୍ଦ୍ଧା :** ଆଇ.ଏନ.ଏସ ଚିଲିକାର ପ୍ରଶିକ୍ଷାର୍ଥୀମାନଙ୍କ ପାଠ୍ୟକ୍ରମ ସମାପନ, ସମାରୋହ ଅନୁଷ୍ଠିତ ହୋଇଯାଇଛି। ୨୪୭୧ ଭାରତୀୟ ନୌ ସେନା ତଟରକ୍ଷା ବାହିନୀର ପ୍ରଶିକ୍ଷାର୍ଥୀମାନଙ୍କ ଏହି ପ୍ରାରମ୍ଭିକ ପ୍ରଶିକ୍ଷଣ ସମାରୋହକୁ ଆଇ.ଏନ.ଏସ୍ ଚିଲିକାର କମାଣ୍ଡିଂ ଅଧିକାରୀ କମାଣ୍ଡର ଋତୁରାଜ ସାହୁ ନୀରିକ୍ଷିତ ଅଧିକାରୀ ଭାବେ ନୀରିକ୍ଷଣ କରି ଯୋଗ୍ୟ ପ୍ରଶିକ୍ଷାର୍ଥୀମାନଙ୍କୁ ମେଡ଼ାଓ ଟ୍ରଫି ପ୍ରଦାନ କରିଥିଲେ। ନିରୀକ୍ଷିତ ଅଧିକାରୀ ତାଙ୍କ ଭାଷଣରେ ସ୍ନାତକ ପ୍ରଶିକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ଭାରତୀୟ ନୌସେନାର ମୂଳ ଲକ୍ଷ୍ୟ, କର୍ତ୍ତବ୍ୟ, ସମ୍ମାନ ଓ ସାହାସକୁ ସାଥିରେ ନେଇ ଗର୍ବ ଓ କର୍ମ କୁଶଳତାରେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ଗର୍ବିତ ପିତାମାତାଙ୍କୁ ଯଦିଓ ସେମାନେ ଉପସ୍ଥିତ ନଥିଲେ ତଥାପି ସେମାନେ ନିଜର ପିଲାଙ୍କ ଜରିଆରେ ସଶସ୍ତ ଦଳରେ ନେଇ ସମ୍ମାନ ଓ ଦେଶର ଅଖଣ୍ଡତାକୁ ଆପଣେଇ ଥିବାରୁ ଅଭିନନ୍ଦନ କରିଥିଲେ। ଏହି ଉତ୍ସବର ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ ଯେଉଁମାନେ ଦରକାରୀ ସାମରିକ ରୁଚି ଓ କୋଭିଡ଼-୧୯ ମହାମାରୀର ସମସ୍ତ ନିୟମାବଳୀକୁ ମାନି ଏବଂ ଅକଡ଼ାଡ଼ ପ୍ଲାନ ଅନୁସାରେ କଞ୍ଚାମାଲରୁ ସୁନ୍ଦର ଭୟହୀନ ନିଷ୍କଳଙ୍କ ସମୁଦ୍ର ଯୋଦ୍ଧା ପ୍ରଶିକ୍ଷଣ ଦ୍ୱାରା ପାଇଛନ୍ତି। ଅଭିଷେକ ସିଂହ ବରିଷ୍ଠ ସେକେଣ୍ଡାରୀ ରିକ୍ୟୁଟଏମ.ଡ଼ି. ରାଓ ନାବିକ (ସାଧାରଣ ଡ଼ିୟୁଟି ଭାରତୀୟ ନୌସେନା) ଏବଂ ତଟରକ୍ଷୀ ବାହିନୀର ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପାଠ୍ୟକ୍ରମ ଉତ୍ସବ ଶେଷରେ ନିମନ୍ତ୍ରିତ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଚାହାର ଆୟୋଜନ କରାଯାଇଥିଲା। ଯେଉଁଥିରେ ଆଇ.ଏନ.ଏସ ଚିଲିକାର ଗ୍ରୀଷ୍ମ କାଳୀନ ଦ୍ୱିଭାଷିକ ପତ୍ରିକା ଅଙ୍କୁରର ଉନ୍ମୋଚନ କରାଯାଇଥିଲା।

# ଚଳନ୍ତି ଓ ପ୍ରତକ୍ଷ ଦେବୀ ଶ୍ରୀଅଗ୍ନି ଗଙ୍ଗାମ୍ମା



**ଅମୁଲ୍ୟ ନିଶଙ୍କ**

ଆନ୍ଧ୍ରପ୍ରଦେଶ କୋରାପୁଟ ତଥା ରାୟଗଡ଼ା ଜିଲ୍ଲାର ସୀମାନ୍ତ ଅଞ୍ଚଳ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ନୀଲାବାଡୀ ଗ୍ରାମରେ ଶ୍ରୀ ଅଗ୍ନି ଗଙ୍ଗାମ୍ମା ପୂଜା ପାଉଛନ୍ତି। ଯାହାଙ୍କ ମହିମା ଅପାର। ସେ ସଦାସର୍ବଦା ଭକ୍ତଙ୍କ ଝୋଲି ଭରିଦିଅନ୍ତି ଯେଉଁ ଭକ୍ତ ଭକ୍ତିର ମାଁଙ୍କ ଠାରେ ପୂଜାର୍ଚ୍ଚନାକ ରି ମନସ୍କାମନା ରଖନ୍ତି ତାହା ନିଶ୍ଚିତ ଭାବେ ପୂରଣ ହୁଏ। ଆଜି ଆମେ ସେହି ମାଁଙ୍କ ବିଷୟରେ କହିବାକୁ ଯାଉଛୁ। ରାୟଗଡ଼ା କୋରାପୁଟ ଜାତୀୟ ରାଜପଥରେ ପ୍ରାୟ ୨୦ କିଲୋମିଟର ଗଲା ପରେ ଫୁଲକନା ନାମକ ଏକ ଛକ ପଡେ। ସେହି ଛକ ଦେଇ ପାହାଡ ପର୍ବତ ମାଳା ଅତିକ୍ରମ କରି କିମ୍ବାରିପୁଟ ଦେଇ ନୀଲାବଡୀରେ ପହଞ୍ଚି ମାଁଙ୍କ ଦର୍ଶନ କରିଥାନ୍ତି। ମାଁ କିପରି ସେହି ସ୍ଥାନରେ କିପରି ଭାବେ ଅଗ୍ନି ଗଙ୍ଗାମ୍ମା ରୂପେ ଆବିର୍ଭାବ



ହେଲେ ତାହା ବହୁ ରହସ୍ୟପୂର୍ଣ୍ଣ। ପୂର୍ବ କାଳରେ ୧୭୧୩-୧୭୫୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ରାଜ୍ୟର ଜୟପୁରରେ ମହାବୀର ଦ୍ୱିତୀୟ ବିଶ୍ୱମ୍ବର ଦେବ ନାମକ ଏକ ରାଜା ରାଜୁତି କରୁଥିଲେ। ତାଙ୍କର ଶାଶନ କାଳରେ ପ୍ରଜାମାନେ ଅତି ସୁଖରେ କାଳ କାଟୁଥିଲେ। କିନ୍ତୁ ଭିଲ୍ଲ ଜାତିର ଲୋକେ ଭୟଙ୍କର ବନ୍ୟଜନ୍ତୁଙ୍କ ଶିକାର ହେଉଥିଲେ ଏହି ଭିଲ୍ଲମାନେ ନିଜର ଜୀବନ ରକ୍ଷା ନିମନ୍ତେ ଗୁହାରୀ କରିଥିଲେ। ରାଜା ସେମାନଙ୍କ ଜୀବନ ରକ୍ଷା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ନିଜର ପ୍ରତିଶ୍ରୁତି ରକ୍ଷା ନିମନ୍ତେ ରାଜା ନିଜର ମନ୍ତ୍ରୀ, ସୈନ୍ୟ, ପ୍ରହରୀଙ୍କ ଅରଣ୍ୟକୁ ଯାଇ ତିନିଦିନ ଧରି ବହୁ ଭୟଙ୍କର ବନ୍ୟଜନ୍ତୁକୁ ମାରି ଭିଲ୍ଲ ମାନଙ୍କ ଜୀବନ ରକ୍ଷା କରିଥିଲେ ଓ ତୃତୀୟ ଦିନ ସଂଧ୍ୟା ହେବାରୁ ଅରଣ୍ୟ ମଧ୍ୟରେ ତମ୍ଭୁ ଟାଣି ରାତ୍ରି ବିଶ୍ରାମ କରି ସଖାଳୁ ରାଜଧାନୀ ଅଭିମୁଖେ ଯିବା ନିମନ୍ତେ ସ୍ଥିର କରି ରାତ୍ରୀ ତମ୍ଭୁ ମଧ୍ୟରେ ରାଜା ନିଜର ପରିବାରଙ୍କ ସହିତ ବିଶ୍ରାମ ନିଅନ୍ତି। ବାହାରେ ପ୍ରହରୀମାନେ ପଇଁତରା ମରୁଥାନ୍ତି। ଠିକ୍ ଏହି ସମୟରେ ଦୂରରୁ ଏକ ପକ୍ଷୀର ବିକଟାଳ ଶବ୍ଦ ଶୁଣାଗଲା। ସଙ୍ଗେ ସଙ୍ଗେ ସମଗ୍ର ଅରଣ୍ୟ ମଧ୍ୟରେ ପକ୍ଷୀର ରାବରେ ପ୍ରତିଧ୍ୱନିତ ହେବାରେ ଲାଗିଲା। ତାହା ସାଙ୍ଗକୁ ଶୃଗାଳ ମାନଙ୍କ ଭୟଙ୍କର ଶବ୍ଦ ଶୁଣାଗଲା। ଏହି ଭୀଷଣ ପବନ ସାଙ୍ଗକୁ ଝଡ ବର୍ଷା ଆରମ୍ଭ ହେଲା। ପବନରେ ଛୋଟ ବଡ ଗଛ ମାନ ଉପୁଡିବାରେ ଲାଗିଲା। ଅରଣ୍ୟ ମଧ୍ୟରେ ରହୁଥିବା ସମସ୍ତ ଜୀବଜନ୍ତୁ ପକ୍ଷୀଗଣ ଏକ ବୃକ୍ଷ ମୂଳେ ଆଶ୍ରୟ ନେଇ ମୃତ୍ୟୁବରଣ କରିଲେ। ଏଣେ ତମ୍ଭୁ ପବନରେ ଉଡିଗଲା ଓ ସେହି ସ୍ଥାନରେ ମଶାଲ ନିର୍ବାପିତ ହେଲା। ଘନ ଅନ୍ଧକାରରେ ପ୍ରହରୀମାନେ ଦିଗ ଜାଣି ନ ପାରି ଧାଇଁବାରେ ଲାଗିଲେ। ପ୍ରହରୀଙ୍କ ବିକଳ ଚିତ୍କାର ଶୁଣି ରାଜା ବାହାରକୁ ଆସି କିଛିକ୍ଷଣ ସ୍ତବ୍ଧ ହୋଇଗଲେ ଓ ମନ୍ତ୍ରୀଙ୍କୁ ଡାକ ପକାଇଲେ ତମ୍ଭୁ ଉଡିଯିବାରୁ ରାଜା ବଟ ବୃକ୍ଷର ଓହଳକୁ ଧରି ନିଜର ପ୍ରାଣ ରକ୍ଷା କରିଥିଲେ। କିନ୍ତୁ ପରିବାର ମନ୍ତ୍ରୀ ସୈନ୍ୟ ପ୍ରହରୀ କୁଆଡେ ଗଲେ କିଛି ଜଣାଗଲା ନାହିଁ। ରାଜା ଏହି ସମୟରେ ନିଜର ଇଷ୍ଟଦେବୀ ମାଁ ଦୁର୍ଗାଙ୍କୁ ବିକଳର ସହିତ ନିଜ ପରିବାର ରକ୍ଷା ନିମନ୍ତେ ପ୍ରାର୍ଥନା କରିଲେ ଓ ମାଁଙ୍କ ପ୍ରତି ଭକ୍ତିରେ ହୃୟ ବିଗଳିତ ହେଲା। କିଛି ସମୟ ପରେ ରାଜା ଭୂମିରେ ପଡିଗଲେ। ଏହି ସମୟରେ ରାଜା ପ୍ରାଣମୂର୍ଚ୍ଛା ଅବସ୍ଥାରେ ପଡିଥାନ୍ତି। ବର୍ଷା ସମ୍ପୂର୍ଣ୍ଣ ରୂପେ କମିଯାଇ ଏକ ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବେଶ ମଧ୍ୟ ଶାନ୍ତ ଶୀତଳ ହୋଇଯାଇଥିଲା। ଠିକ୍ ଏହି ସମୟରେ ଏକ ଦିବ୍ୟ ଦୃଶ୍ୟମାନ ହେଲା। ସେହି କାନ୍ତି ମଧ୍ୟରୁ ଏକ ଆଠବର୍ଷର ବାଳିକା ପ୍ରତ୍ୟକ୍ଷ ହେଲେ ସେହି ବାଳିକା ଜଣକ।

ଅପୂର୍ବ ଶୋଭାରେ ଝଲସୁଥିଲେ ସେ ନିଜର ପରିବାରଙ୍କ ସହିତ। ଫଳମୂଳ ବାଉଁଶ ନଳୀରେ ପାଣି ଓ ହାଣ୍ଡିରେ ଅଗ୍ନି ଆଣି ରାଜାଙ୍କୁ ନିଆଁରେ ସେକ ଦେଇ ଶୋଷ ମେଣ୍ଟାଇବା ନିମନ୍ତେ ଜଳଦାନ କରିଥିଲେ। ରାଜନ ମୁଣ୍ଡରୁ ରକ୍ତ ସଫା କରି ଦେଇଥିଲ ନିଜର କମଳ ହସ୍ତରେ। ରାଜାଙ୍କୁ ଛୁଇଁ ନିଜର କେଶ ରାଶି ଦ୍ୱାରା ରାଜାଙ୍କର ମସ୍ତକ କୁଆଡେ କେଶରେ ସୁଶୋଭିତ କରିଥିଲେ ଓ ମଧୁର ଫଳ ରାଜାଙ୍କୁ ଖାଇବାକୁ ଦେଇଥିଲେ। ଫଳ ଭକ୍ଷଣ କରି ରାଜା ଉଠି ପ୍ରକୃତିସ୍ଥ ହୋଇ ପ୍ରାଣଦାତ୍ରି ମାଁଙ୍କୁ ନିଜର ବିନମ୍ର ପ୍ରାଣ ଜଣାଇଲେ ଓ ରାଜା ବିନମ୍ରତାର ସହିତ ହାତ ଯୋଡି ମାଁ ଏଭଳି ବିପଦ ସମୟରେ ମୋର ରକ୍ଷା ପାଇଁ ଆସିଛ ମୁଁ ତୁମକୁ ନିତ୍ୟ ପୂଜା କରିବା ପାଇଁ ମୋତେ ମୋର ପରିବାର କୁଆଡେ ସୁଯୋଗ ଦେବା ଲାଗି ବର ପ୍ରାର୍ଥନା କରିଥିଲେ। ମା’ ମୋର ରାଜ୍ୟର ଯେକୌଣସି ସ୍ଥାନରେ ତୁମର ଇଚ୍ଛାରେ ନିବାସ କରିବା ପାଇଁ ମେର ଅନୁରୋଧ। ଏହାଶୁଣି ବାଳିକା ସହସ୍ୟ ବଦନରେ କନ୍ଦମୂଳ ଫଳ ରଜାଙ୍କ ହସ୍ତରେ ଅର୍ପଣ କଲେ। ଏହାପରେ ରାଜା କହିଲେ ମାଆ ମୋର ପରିବାର, ମନ୍ତ୍ରୀ, ସୈନ୍ୟ ଗଣ କୁଆଡେ ଗଲେ ବର୍ତ୍ତମାନ ମୁଁ ଏକାକୀ ମୁଁ ରାଜ୍ୟକୁ ଫେରି କ’ଣ କରିବି ଏହା ବାଳିକା କହିବା ସହିତ ସ୍ମିତହାସ୍ୟର ସହିତ ବାମ ଅଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ କରୁଥିବା ଦିଗରୁ ରାଜାଙ୍କ ପରିବାର ମନ୍ତ୍ରୀ ସହିତ ପ୍ରତ୍ୟାବର୍ତ୍ତନ କରୁଥିବାର ଦେଖାଗଲା। କିଛି ମୁହୂର୍ତ୍ତରେ ରାଜ ପରିବାର ଓ ମନ୍ତ୍ରୀ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ। ରାଜା ସେମାନଙ୍କୁ ରାଜା କନ୍ଦମୂଳ ଫଳ ପ୍ରଦାନ କରିଲେ। ଖାଇବା ପାଇଁ ମନ୍ତ୍ରୀ ରାଜାଙ୍କୁ ପଚାରିଲେ। କନ୍ଦମୂଳ ଫଳ ଅଗ୍ନି କେଉଁଠାରୁ ଆସିଲା ବୋଲି ପ୍ରଶ୍ନ କରିଥିଲେ ଏହି ମାନଙ୍କୁ ଦେଖି ଦୃଶ୍ୟମାନ ବାଳିକା ଅଦୃଶ୍ୟ ହୋଇଗଲେ ବୋଲି ବୁଝିପାରିଲେ ରାଜା ବାିକାକୁ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ ମାଆ ତୁମେ ଆମକୁ ଶୀତରୁ ରକ୍ଷା ପାଇଁ ଅଗ୍ନିତୃଷା ନିବାରଣ ପାଇଁ ଗଙ୍ଗା ଓ କ୍ଷୁଦାନିବାରଣ ପାଇଁ ମାଆ ପରି ଫଳମୂଳ ପ୍ରଦାନ କରି ଆମକୁ ପୁନର୍ଜନ୍ମ ଦେଇଛ ତେଣୁକରି ଅଗ୍ନି+ଗଙ୍ଗା+ଆମା ମିଶାଇ ତୁମର ନାମ ଆଜିଠାରୁ ଅଗ୍ନି ଗଙ୍ଗାମାଆ ନାମରେ ଭକ୍ତ ପ୍ରତିଦିନ ସ୍ମରଣ କରି ପୂଜା କରିବେ। ସେତେବେଳେ ରାଜା ଅରଣ୍ୟ ବାସୀଙ୍କୁ ଡାକି ମାଆଙ୍କ ମହିମା ବିଷୟରେ ବର୍ଣ୍ଣନା କରିଲେ ଓ କଳସରେ ପାଣି ରଖି ମାଆଙ୍କ ପୂଜା ପାଇଁ ଆଦେଶ ଦେଲେ। ଆଜି ସେହି ଅରଣ୍ୟ ପ୍ରଦେଶ ଗୁଣୁପର ଗୁଡାରୀ ରୂପେ ଲୋକମୁଖରେ କଥିତ ଫାଲଗୁନ ମାସ ଅମାବାସ୍ୟା ପରେ ଦ୍ୱିତୀୟ ସୋମବାର ଠାରୁ ମାଆଙ୍କ ନବଦିନ ବ୍ୟାପୀଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ବିଧାନ କଲେ। ମାଁଙ୍କ ପଛରେ ରାଜା ପରିବାର ମନ୍ତ୍ରୀ ଚାଲିଲେ ବଣ, ଜଙ୍ଗଲ, ପାହାଡ, ନଦୀ, ନାଳ ଅତିକ୍ରମ କରି ଚାଲିଲେ। ଏହି ସମୟରେ ସେମାନ ଭୋକଶୋଷ ଭୁଲିଗଲେ। ଇତି ମଧ୍ୟରେ ଏକ ରମଣୀୟ ପୁଷ୍ପଲତା ଶୋଭିତ ଏକ ସ୍ଥାନ ଦେଖାଗଲା ଓ ମାଁଙ୍କୁ ସେହି ପୁଷ୍ପରାଶିର ଅପୂର୍ବ ଶୋଭାରେ ମଣ୍ଡିତ କରାଗଲା। ସେହି ସ୍ଥାନକୁ ରାଜା ମନ୍ତ୍ରୀଙ୍କ ସହିତ ବିଚାର କରି ଫୁଲକୋନା ନାମରେ ନାମିତ କରିଲେ। ଯାହାକି ରାୟଗଡାରୁ କୋରାପୁଟ ଯିବା ସମୟରେ ପଡୁଛି। ସେହିଠାରୁ ମା’ଙ୍କ ପଛେ ପଛେ ରାଜା ପରିବାର ଚାଲିଲେ। ରାଜାଙ୍କୁ ଦେଖି ଏକ କୁମ୍ଭାର ଗୋଟିଏ ପୁଟି ମାଣାରେ ଫୁଲ ଭର୍ତ୍ତି କରି ରାଜାଙ୍କୁ ଉପହାର ଦେବା ନିମନ୍ତେ ଆସିଲା। ତାକୁ ଦଖି ରାଜା କୁମ୍ଭାର ସେହି ଘୋଡାକୁ ପୂଜା କଲେ। କିନ୍ତୁ ସେହି ଫୁଲଟି ମାଁଙ୍କ ଉପରେ ପଡିଲା। ଏହାଦେଖି ରାଜା କୁମ୍ଭାର ପୁଟିରେ ଫୁଲ ଆଣିଥିବାରୁ ସେହି ସ୍ଥାନକୁ ରାଜା କୁମ୍ଭାରୀପୁଟ ନାମ ରଖିଥିଲେ। ତାହା ପରେ ପରେ ଆଗେ ମା’ ପଛରେ ରାଜ ପରିବାର ଚାଲିଥାନ୍ତି। ବହୁ ସମୟ ଚାଲିଲା ପରେ ଏକ ଛୋଟ ପଲିଗ୍ରାମ ନିକଟରେ ପହଞ୍ଚିଲେ। ସେଠାରେ ଥିବା ଏକ ଫାଶୀ ଗଛ ପାଖରେ ମାଁ ଅଦୃଶ୍ୟ ହୋଇଗଲେ। ରାଜା ଆଶ୍ଚର୍ଯ୍ୟ ହୋଇ ସେହି ଫାଶୀ ଗଛ ମୂଳରେ ଏକ ମୂର୍ତ୍ତି ଦେଖିବାକୁ ପାଇଥିଲେ। ରାଜା ତୁରନ୍ତ ସୈନ୍ୟ ପଠାଇ ନିକଟରେ ଥିବା ଗ୍ରାମବାସୀଙ୍କୁ ଡାକିଥିଲେ ଓ କହିଥିଲେ ଏହା ହେଉଛି ମା’ଙ୍କ ପ୍ରିୟ ସ୍ଥାନ ବୋଲି। ଗାଁ ଲୋକଙ୍କୁ ବୁଝାଇଥିଲେ ଓ ମାଁଙ୍କ ପରିଚୟ ଦେଇ କହିଲେ ଏହି ମୂର୍ତ୍ତି ହେଉଛନ୍ତି ମାଁ ଅଗ୍ନିଗଙ୍ଗାେ ମାଁ। ଯେ କି ଆମକୁ ବିପଦରୁ ଉଦ୍ଧାର କରିଛନ୍ତି। ସେ ଏଣିକି ଏହି ସ୍ଥାନରେ ପୂଜା ପାଇବେ ଓ ପ୍ରତେକ ବର୍ଷ ଏହିଠାରେ ଯାତ୍ରା ଅନୁଷ୍ଠିତ ହେବ। ଆଦିମ ଜନଜାତି ମଧ୍ୟରୁ ଜଣକୁ ପୂଜାରୀ ଓ ଗାଦବା ଜାତିର ଲୋକଙ୍କୁ ବେଶ ହୋଇ ମାଁଙ୍କର ମନୋରଞ୍ଜନ କରିବା ତଥା ହାଡି ଜାତିର ଜଣକୁ ମାଁଙ୍କର ଉପସ୍ଥିତ ଗ୍ରାମରେ ଜଣାଇବା ପାଇଁ ଆଦେଶ ଦେଇଥିଲେ। ଫାଲଗୁନ୍ ମାସ ଅମାବାସ୍ୟା ପରଠାରୁ ଦ୍ୱିତୀୟ ସୋମବାର ଦିନରୁ ମା’ଙ୍କ ନବଦିନ ବ୍ୟାପୀ ଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ଘୋଷଣା କଲେ। ଆଜିଠାରୁ ପ୍ରତ୍ୟେକ ବର୍ଷ ଏହିଦିନରେ ମା’ଙ୍କ ସାତଦିନ ବ୍ୟାପୀ ଯାତ୍ରା ହେବ ବୋଲି ସ୍ଥିର ହେଲା। କିନ୍ତୁ ହାଡି ଆସି ନବଦିନ ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ବାଉଁଶରେ ମଶାଲ ତିଆରି କଲେ। ନଅଦିନ ପର୍ଯ୍ୟାନ୍ତ ଯାତ୍ରା ଅନୁଷ୍ଠିତ ହେଲା। ଯାତ୍ରା ଶେଷ ହେବା ପରେ ରାଜା ସେହି ସ୍ଥାନରୁ ବିଦାୟ ନେଲେ। ଶେଷ ପର୍ବଦିନ ଅଗ୍ନିଖଣ୍ଡ (ନିଲାକୁ) ଗାମୁଛାରେ ବାନ୍ଧି ଗଣ୍ଠି ପକାଇ ଧାରଣ କରିବାରୁ ସେହି ସ୍ଥାନକୁ ରାଜା ନୀଲାବାଡୀ ନାମରେ ନାମିତ କରିଲେ। ଏହି ମନ୍ଦିରରେ ଅଗ୍ନିଗଙ୍ଗା ମାଁ, ଜଳଗଙ୍ଗା ଓ ପାତାଳୀଗଙ୍ଗା ପୂଜା ପାଇଥାନ୍ତି। ଏଠର ବିଶେଷତ୍ୱ ଏହା କି, ମାଁଙ୍କୁ କେବଳ ସ୍ତ୍ରୀ ଲୋକ ହିଁ ଦୈନିକ ପୂଜା କରିଥାନ୍ତି। ବର୍ଷକୁ ଯାତ୍ରା ସମୟରେ ଓଡ଼ିଶା ତଥା ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଭକ୍ତ ସମାଗମ ହୋଇଥାନ୍ତି। ଆମ କମିଟି ପକ୍ଷରୁ ଏହି ମନ୍ଦିରର ଉନ୍ନତି ସାଙ୍ଗକୁ ବିଶ୍ରାମ କକ୍ଷ ନିର୍ମାଣ ସହିତ ମନ୍ଦିରକୁ ଲକ୍ଷାଧିକ ଭକ୍ତ ନିଜ ନିଜର ମାନସିକ ଧରି ଏହି ଠାକୁ ଆସନ୍ତି। ମାନସିକ ପୂରଣ ହେଲେ କିଏ ତ ମୁଣ୍ଡନ କରୁଛି, କିଏ ଛେଳି ମାରୁଛି। ଯେଉଁ ଭକ୍ତ ଯେପରି ଭାବେ ମା’ଙ୍କୁ ଡାକେ ତାହାରି ଡାକ ଶୁରନ୍ତି। ନିସନ୍ତାନ ପାଏ ଯାହାର ବିବାହ ଅଟକି ଥାଏ ତାହାର ବିବାହ କାର୍ଯ୍ୟ ସମାପନ ହୋଇଥାଏ।





**ସ୍କୁଲ ଲାଗି ସଂରକ୍ଷିତ ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ**

# ବ୍ଲକ ଶିକ୍ଷାଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

**ଭଦ୍ରକ :** ଭଦ୍ରକ ଜିଲା ବନ୍ତ ବ୍ଲକ ବଡବଡ଼ବର୍ଛିକୟାଁ ପଂଚାୟତରେ ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣ କୁ ନେଇ ଜିଲାପାଳ,ଜିଲା ଶିକ୍ଷାଧିକାରୀ,ଜିଲା ପ୍ରକଳ୍ପ ଅଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ କ୍ଷଅଭିଯୋଗ ହେବାପରେ ଇତି ମଧ୍ୟରେ ବ୍ଲକ ଶିକ୍ଷାଧିକାରୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି । ସୂଚନା ଅନୁଯାୟୀ: ପଂଚାୟତ ଗୁଡ଼ିକର ସର୍ବାଙ୍ଗିନ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିବା ସହ ଏହାର ସଫଳ ରୂପାୟନକୁ ନଜରରେ ରଖି ଓଡ଼ିଶା ସରକାରଙ୍କ ପଂଚାୟତିରାଜ ବିଭାଗ ପକ୍ଷରୁ ଗ୍ରାମପଂଚାୟତ ପୁନଃଗଠନ ଆଇନ ଅନୁଯାୟୀ ୨୦୧୬ ମସିହାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତଦନୁସାରେ ବନ୍ତ ବ୍ଲକ ଅଧିନରେ ୨୨ଟି ପଂଚାୟତ ପରିବର୍ତ୍ତେ ୨୫ଟି ପଂଚାୟତ କାର୍ଯ୍ୟ କରିଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗ କରାଯାଇ ନୂତନ ଭାବେ ବଡ଼ବର୍ଛିକୟାଁ ପଂଚାୟତ ଗଠନ କରାଯାଇଥିଲା । ୬ଟି ରାଜସ୍ୱ ଗ୍ରାମ ଯଥା



ବଡ଼ବର୍ଛିକୟାଁର ୧୧୮୦ଜଣ, ବିଶଲକଣାର ୧୦୭୪ଜଣ, ଆପ୍ତିରାଷଡ଼ଙ୍ଗୀର ୮୨୦ଜଣ, ରାଉତରାଗଡ଼ିଆର ୭୨୬ଜଣ, କୁସୁନନଗରର ୭୩୫ଜଣ ଓ ଜୟସିଂହପୁରର ୨୧୬ଜଣ ଲୋକସଂଖ୍ୟା ମୋଟ ୪୭୫୧ ଲୋକସଂଖ୍ୟାକୁ ନେଇ ଗଠିତ ହୋଇଥିଲା ଏହି ପଞ୍ଚାୟତ । ନୂତନ ପଂଚାୟତ ଗଠନ ହେବାର ଇତି ମଧ୍ୟରେ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ପଂଚାୟତରେ ଲାଗିରହିଥିବା ସମସ୍ୟା ଗୁଡ଼ିକ ପ୍ରତି ସରକାର କିମ୍ବା ଲୋକପ୍ରତିନିଧି କେହି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ ଅଟେ । ବିଭିନ୍ନ ସମସ୍ୟା ମଧ୍ୟରୁ ଏହାର ମୁଖ୍ୟ ସମସ୍ୟା ହେଲା ଆଜି ପର୍ଯ୍ୟନ୍ତ ପଂଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ହୋଇନପାରିବା । ଏଠାରେ ପ୍ରକାଶ ଥାଉକି : ପଂଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିମନ୍ତେ ଜମି ଅଧିଗ୍ରହଣ କରାଯିବା ପରେ ୨୦୧୭-୧୮ ଆର୍ଥିକ ବର୍ଷରେ ଏଥି ନିମନ୍ତେ ୩୪ଲକ୍ଷ ୭୦ହଜାର ଟଙ୍କା ମଂଜୁର ହୋଇଥିଲା । କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ମିଳିବା ସହିତ ୯୦ ଦିନ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଉଲ୍ଲେଖ ରହିଥିଲା । ଅବଧି ସରିବାର ପ୍ରାୟ ୩ବର୍ଷ ପୁରିବା ପରେ ସୁଦ୍ଧା ଏହି ଗୃହ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ବର୍ତ୍ତମାନ ଉକ୍ତ ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଜଣା ପଡ଼ିଛି । ଜନ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ବନ୍ତ ତହସିଲ ଅର୍ନ୍ତଗତ ବଡ଼ବର୍ଛିକୟାଁ ମୌଜାର ଖାତା ନଂ-୫୪୫/ଖତିୟାନ ନଂ-୯୭୬/ ରକବା-ଏ୦-୫୦/କିସମ-ଉନ୍ନତ ଯୋଜନା ଯୋଗ୍ୟ(ବିଦ୍ୟାଳୟ ନିମନ୍ତେ ସଂରକ୍ଷିତ)ବୋଲି ଉଲ୍ଲେଖ କରାଯାଇଅଛି । ହସ୍ତଗତ ତଥ୍ୟ ଅନୁଯାୟୀ ବିଦ୍ୟାଳୟ ପାଇଁ ସଂରକ୍ଷିତ ଜାଗାରେ କିପରି ପଂଚାୟତ ଗୃହ ନିର୍ମାଣ କାର୍ଯ୍ୟ ଚାଲିଚି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଏଥିରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥାକୁ ନେଇ ସନ୍ଦେହ ସୃଷ୍ଟି ହେବା ସହ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମକୁ ଯଦି ସରକାର ନିଜେ ଭାଙ୍ଗନ୍ତି ତେବେ ସାଧାରଣ ଜନତା କଣ କରିବେ ବୋଲି ବୁଦ୍ଧିଜୀବୀ ମାନେ ଚିନ୍ତା ପ୍ରକଟ କରିଛନ୍ତି । ଗୃହ ନିର୍ମାଣ ପାଇଁ ଉକ୍ତ ଜାଗାକୁ ଛାଡ଼ି ଅନ୍ୟ ଜାଗା ଥିବା ସ୍ଥଳେ କେଉଁ ନିହିତ ସ୍ୱାର୍ଥ ବଳରେ ଏଠାରେ ଗୃହ ନିର୍ମାଣ ପାଇଁ ସ୍ଥିର କରାଗଲା ଓ ବିଭାଗୀୟ ଅଧିକାରୀ ମାନେ କିପରି ଏହାକୁ ସବୁଜ ସଂକେତ ଦେଲେ ତାହା ତଦନ୍ତ ସାପେକ୍ଷ । ବର୍ତ୍ତମାନ ପଂଚାୟତ ଗୃହର କାର୍ଯ୍ୟ ରୁଫ ଲେବୁଲ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇଛି । ଏହି ତଥ୍ୟକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିରୁଦ୍ଧ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଅନିୟମିତତା ସଂର୍ପକରେ କିଛି ଜାଣି ନଥିବା କହିବା ସହ ତାଙ୍କ ଯୋଗଦାନ ପୂର୍ବରୁ ଏହି ଘଟଣା ଘଟିଥିବାର ପ୍ରକାଶ କରିଥିଲେ । ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଏହି କାର୍ଯ୍ୟ ଆରମ୍ଭ କିପରି ହେଲା ତାହା ଜାଣି ନଥିବା କହିବା ସହ ବର୍ତ୍ତମାନ ଏହି ଗୃହ ନିର୍ମାଣରେ ୧୨ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି ତେଣୁ ଏହାର କାର୍ଯ୍ୟ କିପରି ସମାପ୍ତ ହେବ ଏବଂ ଆପଣ ଯାହା ଲେଖିବା କଥା ଲେଖନ୍ତୁ ଓ ଯାହା କରିବା କଥା କରନ୍ତୁ,ଆମେ ଯାହା କରିବା କଥା କରିବୁ ବୋଲି ପାଲଟା ଯୁକ୍ତି ବାଢିଥିଲେ । ଗୋଷ୍ଠି ସାଧନକେନ୍ଦ୍ର ସଂଯୋଜକ ରବି ନାରାୟଣ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ଆମର କାର୍ଯ୍ୟାଳୟ ଏହି ବିଷୟରେ କିଛି ଜାଣି ନାହିଁ ଓ ଅଭିଯୋଗ ପାଇବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାର କହିଥିଲେ । ବିଭାଗ ପାଖରେ କୌଣସି ଖବର ନାହିଁ କିନ୍ତୁ ବିଦ୍ୟାଳୟ ସଂରକ୍ଷିତ ଯାଗାରେ ଚାଲିଛି ଗୃହ ନିର୍ମାଣ । ଏହା ସମସ୍ତଙ୍କୁ ଆଷ୍ଚର୍ଯ୍ୟାନିତ କରିବା ସହ ବିଭିନ୍ନ ମହଲରୁ ଏହାର ନିରପେକ୍ଷ ତଦନ୍ତ ଦାବି ହେଉଛି । ଗୋଟିଏ ପଟେ ଗୃହ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ ଗ୍ରାମର ହରିହାଟ ଗୃହରେ ଏକ ଛୋଟ କୋଠରୀରେ ଏହି ପଂଚାୟତର କାର୍ଯ୍ୟାଳୟ ଚାଲିଛି । ଏହି କୋଠରୀରେ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଏକ ସଙ୍ଗେ ବସିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି । ଭତ୍ତା ଦିନ ମଧ୍ୟ ନାନାଦି ସମସ୍ୟାମାନ ଦେଖାଦେଉଥିବା ବେଳେ ଅନ୍ୟ ପଟେ ଅର୍ଥ ମଂଜୁର ହେଉଛି କିନ୍ତୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ପନ୍ଥା ଯୋଗୁଁ ସରକାରଙ୍କ ଯୋଜନା ଲକ୍ଷ୍ୟ ପୂରଣ ହୋଇପାରୁନାହିଁ । ଏହି ଅନିୟମିତତା ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୩ - ୧୯ ଜୁଲାଇ, ୨୦୨୦
ଆଞ୍ଚଳିକ




# 'ଯୁବପିଢ଼ିଙ୍କ ବୌଦ୍ଧିକ କ୍ଷମତା ଦ୍ୱାରା ଓଡ଼ିଶାର ସମ୍ଭାବନା ସୁଯୋଗରେ ପରିଣତ ହୋଇପାରିବ'

**ଭୁବନେଶ୍ୱର :** ଓଡ଼ିଶା ବୌଦ୍ଧିକ କ୍ଷମତାର ପେଣ୍ଠସ୍ଥଳୀ। ଏହାକୁ ଧ୍ୟାନରେ ରଖି ଓଡ଼ିଆ ଯୁବପିଢ଼ିଙ୍କ ବୌଦ୍ଧିକ କ୍ଷମତା ଉପଯୋଗ କରି କରୋନା ପରବର୍ତ୍ତୀ ଦୃଶ୍ୟପଟରେ ଓଡ଼ିଶା ଓ ଭୁବନେଶ୍ୱରରେ ଥିବା ନୂଆ ସମ୍ଭାବନାକୁ ସୁଯୋଗରେ ପରିଣତ କରାଯାଇପାରିବ ବୋଲି ବିଦେଶରେ ରହୁଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଲାଷ୍ଟ ମାଇଲ୍ ଏନର୍ଜି ଆକ୍ସେସ୍ ଇନ୍ ଇଣ୍ଡିଆ ଉପରେ ଆୟୋଜିତ ୱେବିନାର୍‌ରେ ଓଡିଆ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବା ପାଇଁ ଯାଉଛି। ଓଡ଼ିଶା ତଥା ଭୁବନେଶ୍ୱରରେ ଅପାର ସମ୍ଭାବନା ରହିଛି। କରୋନାର ପରବର୍ତ୍ତୀ ସମୟରେ ଓଡ଼ିଶା ତଥା ଭୁବନେଶ୍ୱରକୁ ବିକଶିତ କରିବା ପାଇଁ ଯୁବ ସମ୍ବଳକୁ ଉପଯୋଗ କରାଯିବ ଏବଂ ନୂଆ ମାର୍ଗ ଓ ନୂଆ ମଡେଲ୍ ଦିଗରେ ଭାରତ ସରକାର କାର୍ଯ୍ୟ କରିବା ପାଇଁ ଯୋଜନା ରଖିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଉର୍ଜା ଚାହିଦାରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହେଉଛି। ଚୀନ ଓ ଆମେରିକା ପରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର ହୋଇଛି। ଉର୍ଜା କ୍ଷେତ୍ରରେ ବର୍ତ୍ତମାନ ଦେଶରେ ଗ୍ୟାସ୍‌ର ସେୟାର ୬.୨ ପ୍ରତିଶତ ରହିଛି ଏବଂ ୨୦୩୦ ସୁଦ୍ଧା ଏହାକୁ ୧୫ ପ୍ରତିଶତ



କରାଇବାର ଲକ୍ଷ୍ୟ ରଖାଯାଇଛି। ନିକଟରେ ପ୍ରଥମ ଅନଲାଇନ୍ ବିତରଣ ଆଧାରିତ ଗ୍ୟାସ୍ ଟ୍ରେଡିଂ ପ୍ଲାଟଫର୍ମ ଇଣ୍ଡିଆନ୍ ଗ୍ୟାସ୍ ଏକ୍ସଚେଞ୍ଜ (ଆଇଜିଏକ୍ସ)ର ଶୁଭାରମ୍ଭ ହୋଇଛି। ଏହି ପ୍ଲାଟ୍‌ଫର୍ମ ଦେଶକୁ ପ୍ରାକୃତିକ ଗ୍ୟାସ୍‌ର ଫ୍ରି ମାର୍କେଟିଂ ପ୍ରାଇସିଂ ଦିଗରେ ଆଗେଇ ନେବାରେ ସାହାଯ୍ୟ କରିବ। ସେହିପରି ନିକଟରେ ଦେଶର ବିଭିନ୍ନ ଅଞ୍ଚଳରେ ୫୬ଟି ସିଏନ୍‌ଜି ଷ୍ଟେସନର ଲୋକାର୍ପଣ ହୋଇଯାଇଛି। ଏହା ସିଜିଡି ବା ସିଟି ଗ୍ୟାସ୍ ବିତରଣ କ୍ଷେତ୍ରରେ ଦେଶର ଜନସଂଖ୍ୟାର ୭୦ ପ୍ରତିଶତ ଏବଂ ୫୩ ପ୍ରତିଶତ ଭୌଗୋଳିକ କ୍ଷେତ୍ରକୁ ଆଚ୍ଛାଦିତ କରୁଛି। ଦେଶକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବାରେ ଏହା ସହାୟକ ହେବ। ଦେଶର ଉର୍ଜା ଆମଦାନୀକୁ ହ୍ରାସ କରିବା ପାଇଁ ଭାରତ ସରକାର କାମ କରୁଛନ୍ତି ବୋଲି କହିଛନ୍ତି ଶ୍ରୀ ପ୍ରଧାନ। ଜୈବ ଅର୍ଥନୀତିର ବିକାଶ ପାଇଁ ଭାରତ ପାଖରେ ଅପାର ସମ୍ଭାବନା ରହିଛି। ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଦେଶର ନୂଆ ଜୈବ ଉର୍ଜା ନୀତି ଦେଶର ଅନ୍ନଦାତା କୃଷକଙ୍କୁ ଉର୍ଜାଦାତା କରିବା ପାଇଁ ବିଧିବଦ୍ଧ ଯୋଜନା କ୍ରିୟାନ୍ୱିତ କରାଯାଉଛି। ଆଜି ଦିନରେ ଭାରତର ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିଗର୍ମନ ବିଶ୍ୱର ହାରାହାରି ହାର ଠାରୁ କମ୍ ରହିଛି ଏବଂ ଏହାକୁ ଆହୁରି କମ୍ କରିବା ପାଇଁ ଜୈବଇନ୍ଧନ ଉପଯୁକ୍ତ ମାଧ୍ୟମ। ତୈଳ ଆମଦାନୀକୁ ହ୍ରାସ କରିବାରେ ମଧ୍ୟ ଜୈବଇନ୍ଧନ ଏକ ଭଲ ମାଧ୍ୟମ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କୋଟି କୋଟି ଗରିବ ମହିଳାଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି। ଏହି ଯୋଜନାରେ ଗରିବ ଘରେ ଗ୍ୟାସ୍ ପହଞ୍ଚିପାରିଛି। ସବୁ ଭାରତୀୟ ଲୋକମାନେ ସ୍ୱଚ୍ଛ, ସୁଲଭ, ନିରନ୍ତର ଉର୍ଜା ପାଇପାରିବେ ସେ ଦିଗରେ ଭାରତ ସରକାରଙ୍କ ପକ୍ଷରୁ ନିରନ୍ତର ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖନୀୟ ଯେ ବିଶ୍ୱର କାଲିଫର୍ଣ୍ଣିଆ, ପ୍ରିନ୍‌ଟନ୍, କେମ୍ବ୍ରିଜ୍, ଟୋରୋଂଟୋ ସମେତ ୪୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ଭାରତୀୟ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲା ବେଳେ ଏଥିରେ ଓଡିଆ ଦୁଇ ଛାତ୍ର ସୋନିକ କିରନ ଦାଶ ଏବଂ ସୌମେନ୍ ମହାପାତ୍ର ସାମିଲ ଓ ଓଡିଆ ଛାତ୍ରଛାତ୍ରୀ ମଧ୍ୟ ସାମିଲ ଥିଲେ। ବୈଷୟିକ ଶିକ୍ଷା, ରାଜନୀତି ବିଜ୍ଞାନ, ଅର୍ଥନୀତି, ସାମାଜିକ ବିଜ୍ଞାନରେ ପାରଙ୍ଗମ ଥିବା ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱବିଦ୍ୟାଳୟଗୁଡ଼ିକୁ ୟୁଜିସିର କଡ଼ା ଚେତାବନୀ

# ବିନା ପରୀକ୍ଷାରେ ମିଳିବନି ଡିଗ୍ରୀ ସାର୍ଟିଫିକେଟ

**ଭୁବନେଶ୍ୱର :** କୋଭିଡ-୧୯ ଲାଗି ରାଜ୍ୟ ଏବଂ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ନାମଲେଖା ଠାରୁ ଆରମ୍ଭ କରି ପରୀକ୍ଷା, ଫଳ ପ୍ରକାଶ ଆଦି ବନ୍ଦ ହୋଇଯାଇଛି। ତେବେ ଚଳିତବର୍ଷ ଏପରି ସମସ୍ୟାର ସମାଧାନ ଲାଗି ୟୁଜି ଓ ପିଜି ଶେଷ ବର୍ଷ ପରୀକ୍ଷା ନକରି ପୂର୍ବ ରେଜଲ୍ଟକୁ ନଜର ଦେଇ ଫଳ ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ବ୍ୟବସ୍ଥାକୁ ୟୁଜିସି ବିରୋଧ କରିବା ସହ ପରୀକ୍ଷା ନକରି ଶେଷ ବର୍ଷ ପିଲାଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛି। ୟୁଜିସି ପକ୍ଷରୁ ଯେଉଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି ସେଥିରେ ଦର୍ଶାଯାଇଛି ଯେ, ସମସ୍ତ ପାଠ୍ୟକ୍ରମର ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପରୀକ୍ଷା ବାଧ୍ୟତାମୂଳକ ଅଟେ। ସେପ୍ଟେମ୍ବର ଶେଷ ସୁଦ୍ଧା ପରୀକ୍ଷା ପରିଚାଳନା କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଶ୍ୱବିଦ୍ୟାଳୟକୁ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଅନୁଷ୍ଠିତ କରିବାକୁ ପଡ଼ିବ, ବିନା ପରୀକ୍ଷାରେ ଡିଗ୍ରୀ ଦିଆଯିବ ନାହିଁ। ଗତ ସପ୍ତାହରେ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନ (ୟୁଜିସି) ଏବଂ ଗୃହ ମନ୍ତ୍ରଣାଳୟ ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ଏ ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ ରହିଛି । ଶିକ୍ଷାବର୍ଷରେ ବିନା ପରୀକ୍ଷାରେ ଡିଗ୍ରୀ ପ୍ରଦାନ କରିବା ଠିକ୍ ନୁହେଁ ଏବଂ ଏହାକୁ ଉତ୍ସାହିତ କରିବା ଉଚିତ୍ ନୁହେଁ। ଗାଇଡଲାଇନରେ ଆମେ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ ପ୍ରଦାନ କରିଛୁ ଯାହା ଦ୍ୱାରା ସେମାନେ ନିଜସ୍ୱ ନିଷ୍ପତ୍ତି ଅନୁଯାୟୀ ସେମାନେ ଅନଲାଇନ୍ କିମ୍ବା ଅଫଲାଇନ୍ ମୋଡ୍‌ରେ ପରୀକ୍ଷା କରିବେ ସେମାନେ ତାହା ନିଷ୍ପତ୍ତି ନେଇପାରିବେ। ତେବେ ଆସନ୍ତା ମାସରେ ସମସ୍ତ ବିଶ୍ୱବିଦ୍ୟାଳୟମାନେ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତି ଶେଷ କରିବେ।

# ଡିଜିଟାଲ ବ୍ୟବସ୍ଥାରେ ସାମିଲ୍ ହେବ +୨ ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ଆସନ୍ତା ଶିକ୍ଷାବର୍ଷରୁ ଘରୋଇ ତଥା ବାହାର ରାଜ୍ୟର ପ୍ରକାଶକଙ୍କ ଉପରେ ଲାଗିବ ରୋକ୍। ଯୁକ୍ତଦୁଇ ପାଠ୍ୟପୁସ୍ତକଗୁଡ଼ିକୁ ସରକାର ଡିଜିଟାଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟରେ ଯୁକ୍ତଦୁଇ ଶିକ୍ଷାରେ ଗୁଣାତ୍ମକମାନ ସୁଦୃଢ଼ ହେବା ସହ ଗରିବ ଛାତ୍ରଛାତ୍ରୀମାନେ ସର୍ବାଧିକ ଉପକୃତ ହୋଇପାରିବେ। ରାଜ୍ୟରେ ପ୍ରଥମଥର ଲାଗି ଚଳିତବର୍ଷଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଡିଜିଟାଲ କରାଯାଇ ସେଥିରେ କ୍ୟୁଆର୍ କୋଡ୍ ରଖାଯାଇଛି। ସେହିପରି ଯୁକ୍ତଦୁଇ ପାଠ୍ୟପୁସ୍ତକରେ ମଧ୍ୟ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରିବାକୁ ଯୋଜନା ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ଉଭୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନରେ ପରିଚାଳିତ ହେଉଥିବାରୁ ଏହା ମଧ୍ୟ ସମଗ୍ର ଶିକ୍ଷା ଯୋଜନାରେ ସାମିଲ୍ ହୋଇଛି। ଏହି ଯୁକ୍ତଦୁଇରେ ଗୁଣାତ୍ମକ ଶିକ୍ଷା ଏବଂ ପାସ୍‌ହାର ବୃଦ୍ଧି ଲାଗି ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟ ସରକାର ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଉଥିବାବେଳେ ନବମ ଏବଂ ଦଶମ ପିଲାଙ୍କ ଲାଗି ବୋର୍ଡ ପକ୍ଷରୁ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଛି। ମାତ୍ର ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ପିଲାମାନେ ବାହାର ରାଜ୍ୟର ପ୍ରକାଶକଙ୍କ ପୁସ୍ତକ ଉପରେ ନିର୍ଭର କରୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ଗୁରୁତ୍ୱ ଦେବା ସହ ଓଡ଼ିଶା ଟେକ୍ସଟ୍ ବୁକ୍ ଅଫ୍ ବ୍ୟୁରୋ ପକ୍ଷରୁ +୨ ପାଠ୍ୟପୁସ୍ତକ ପ୍ରକାଶ କରୁଥିଲେ ହେଁ ଏହି ପାଠ୍ୟପୁସ୍ତକର ବିକ୍ରି ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ବାହାର ପ୍ରକାଶକଙ୍କ ପାଠ୍ୟପୁସ୍ତକ ଚଢ଼ା ଦାମ୍‌ରେ ବିକ୍ରି ହେଉଥିବାବେଳେ ଟେକ୍ସଟ୍ ବୁକ୍ ଅଫ୍ ବ୍ୟୁରୋ ପକ୍ଷରୁ ଯେଉଁ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଥାଏ ତାହାର ବିକ୍ରି ଖୁବ୍ କମ୍ ରହିଥାଏ। ଏହାବ୍ୟତୀତ +୨ ପରୀକ୍ଷାରେ ପ୍ରଶ୍ନ ମଧ୍ୟ ଏହି ପାଠ୍ୟପୁସ୍ତକରୁ ପ୍ରସ୍ତୁତ ହୋଇଥାଏ। ମାତ୍ର ଛାତ୍ରଛାତ୍ରୀ ବାହାର ପ୍ରକାଶକଙ୍କ ପାଠ୍ୟପୁସ୍ତକ ବ୍ୟବହାର କରୁଥିବାବେଳେ ଅନେକ କଲେଜରେ ଅଧ୍ୟାପକମାନେ କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ପୁସ୍ତକ କ୍ରୟ କରିବାକୁ ପରାମର୍ଶ ଦେଇଥାନ୍ତି।

## ୨ ବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ

# 'ଗୋଧୂଳି ଗୀତ' ପାଇଁ ବୀଣାପାଣି ପଣ୍ଡା

**ଭୁବନେଶ୍ୱର :** ୨୦୧୫ ଓ ୨୦୧୬ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା ହୋଇଛି। ବିଭିନ୍ନ ବିଭାଗରେ ବହୁ ପ୍ରତିଷ୍ଠିତ ଲେଖକ ତଥା ନାଟ୍ୟକାର, ଔପନ୍ୟାସିକଙ୍କୁ ଏକାଡେମୀ ପକ୍ଷରୁ ଚୟନ କରାଯାଇଛି। ୨୦୧୫ ମସିହା ପାଇଁ ଉପନ୍ୟାସରେ 'ଗୋଟିଏ ଯୋଡି ଗାଆଁର କାହାଣୀ'ର ଲେଖକ ନିତ୍ୟାନନ୍ଦ ପଣ୍ଡା, କ୍ଷୁଦ୍ରଗଳ୍ପ 'ଗପର ମୁହଁ'ର ଲେଖକ ପବିତ୍ର ପାଣିଗ୍ରାହୀ, କାବ୍ୟ କବିତାରେ 'ଗୋଧୂଳି ଗୀତ'ର ଲେଖିକା ବୀଣାପାଣି ପଣ୍ଡା, ନାଟକ ଓ ଏକାଙ୍କିକାରେ ଯୁଗ୍ମଭାବେ ମଞ୍ଚମାୟା ପାଇଁ ସଞ୍ଜୟ ହାତୀ ଏବଂ ନାଟୁଆ ଓ ଅନ୍ୟାନ୍ୟ ନାଟକ ପାଇଁ ନବୀନ କୁମାର ପରିଡ଼ା 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସେହିପରି ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ 'ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ' ପୁସ୍ତକର ପଞ୍ଚାନନ ମିଶ୍ର, ଜୀବନୀ ଓ ଭ୍ରମଣ ସାହିତ୍ୟରେ 'ଲୌହମାନବ ସର୍ଦ୍ଦାର ପଟେଲ' ପୁସ୍ତକର ଧରଣୀଧର ପାଣିଗ୍ରାହୀ, ଅନୁବାଦରେ 'ତଥାପି କିଛି ରହିଯିବ'ର ବିଜୟ କୁମାର ମହାନ୍ତି, ଶିଶୁ ସାହିତ୍ୟ କ୍ଷେତ୍ରରେ 'ଗଛଟିଏ ଗୀତଟିଏ'ର ରବୀନ୍ଦ୍ର ବିଶ୍ୱାଳ ଏବଂ ଗୀତିକବିତା କ୍ଷେତ୍ରରେ 'ପ୍ରତି ପଲକରେ ତୁମେ' ପୁସ୍ତକର ମନୋଜ ମହାନ୍ତିଙ୍କୁ 'ସାହିତ୍ୟ ଏକାଡେମୀ ପୁରସ୍କାର' ପାଇଁ ସମ୍ମାନିତ କରାଯିବ। ସେହିପରି ୨୦୧୬ ମସିହା ପାଇଁ ଉପନ୍ୟାସରେ 'ଅମ୍ବା' ପୁସ୍ତକର ରଚୟିତା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, କ୍ଷୁଦ୍ରଗଳ୍ପରେ 'ରମାକୁ ମାରିବାର ପାଞ୍ଚଟି ଉପାୟ'ର 'ଦେବଦାସ ଛୋଟରାୟ, କାବ୍ୟ କବିତା କ୍ଷେତ୍ରରେ 'ଫେରନ୍ତି ଘର'ର ଭଗବାନ ଜୟସିଂହ, ନାଟକ ଓ ଏକାଙ୍କିକାରେ ଆତ୍ମଲିପି ଓ ଅନ୍ୟାନ୍ୟ ପୁସ୍ତକ ପାଇଁ ଫକୀର ସିଂହ, ପ୍ରବନ୍ଧ ଓ ସମାଲେଚନା ପାଇଁ 'ଆଲୋଚନା ପ୍ରସଙ୍ଗ'ର ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ପୁରସ୍କୃତ କରାଯିବ। ସେହିପରି ଜୀବନ ଓ ଭ୍ରମଣ ସାହିତ୍ୟ କ୍ଷେତ୍ରରେ ଯୁଗ୍ମଭାବେ 'ପ୍ରଫେସର ନବୀନ କୁମାର ସାହୁ' ପୁସ୍ତକ ପାଇଁ ସୁରେନ୍ଦ୍ର କୁମାର ମହାରଣା ଏବଂ 'ଚାଲିଛି...ଚାଲିବି ନପଡ଼ିବି ଥକି'ର ଲେଖକ ପ୍ରଦୋଷ ପଟ୍ଟନାୟକ, ଅନୁବାଦରେ 'ମେଘବାହନ'ର ଶାରଦା ରଥ, ଶିଶୁ ସାହିତ୍ୟ କ୍ଷେତ୍ରରେ 'ଚୁଇଁ ଚଢ଼େଇ' ପୁସ୍ତକ ପାଇଁ ଦେବେନ୍ଦ୍ର ଚୌଧୁରୀ ଏବଂ ଗୀତିକବିତାକ୍ଷେତ୍ରରେ 'ମିଶ୍ରରାଗ' ପୁସ୍ତକର ଲେଖକ ମିଶ୍ର ସତ୍ୟନାରାୟଣଙ୍କୁ ପୁରସ୍କୃତ କରାଯିବ। ସ୍ଥାନୀୟ ସଂସ୍କୃତି ଭବନରେ ଏକାଡେମୀର ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ଚୂଡାନ୍ତ ଫଳାଫଳ ଘୋଷଣା କରାଯାଇଛି। କାର୍ଯ୍ୟକାରୀ ପରିଷଦ ଓଡ଼ିଆ ସାହିତ୍ୟର ୯ଟି ବିଭାଗ ପାଇଁ ୨୦ଜଣ ଲେଖକଙ୍କୁ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଛନ୍ତି। ଏଥିପାଇଁ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ବାବଦ ୩୦ହଜାର ଟଙ୍କାର ଅର୍ଥରାଶି ସହିତ ମାନପତ୍ର ଦିଆଯାଇ ସମ୍ମାନିତ କରାଯିବ। ଏକ ୯ଜଣିଆ କମିଟି ଚୟନ ପ୍ରକ୍ରିୟାରେ ରହିଥିଲେ। କରୋନା ମହାମାରୀ ପୂର୍ବରୁ ୨୦୧୭ ଏବଂ ୨୦୧୮ ମସିହା ପାଇଁ ପୁସ୍ତକ ଆବେଦନ ସରିଛି। ଏଥିପାଇଁ ପ୍ରକ୍ରିୟାକରଣ ମଧ୍ୟ ଚାଲିଛି।

# ଫୁଲୁଛି ସାଳନ୍ଦୀ : ଗତିପଥ ବଦଳିବାକୁ ନେଇ ଚିନ୍ତାରେ ଗ୍ରାମବାସୀ

**ଭଦ୍ରକ :** ଗତ କିଛି ଦିନ ହେଲା ଲଗାଣ ବର୍ଷା ହେବାରୁ ଓ ହଦଗଡ଼ ପାଣି ଛାଡ଼ିଥିବାରୁ ନଦୀପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖି ହେଉଥିବାରୁ ନଦୀ କୁଳିଆ ଗ୍ରାମବାସୀମାନେ ବିପଦ ଆଶଙ୍କାରେ ରହିଛନ୍ତି । ସୂଚନା ଅନୁଯାୟୀ:ଆବାହନ କାଳରୁ ସାଳନ୍ଦି ନଦୀ ବନ୍ତ ବ୍ଲକର ଆଗରପଡା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ,ବାଲେଶ୍ୱର,କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି । ଏହି ନଦୀର ଜଳକୁ କୃଷିକ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସେହି ସମୟରେ ପାର୍ଶ୍ୱବର୍ତ୍ତି କେନ୍ଦୁଝର ଜିଲ୍ଲା ହଦଗଡ ଠାରେ ଏକ ଡ୍ୟାମ ପ୍ରତିଷ୍ଠା କରିଥିଲେ। ଏଥିରେ ଜଳନିୟନ୍ତ୍ରିତ ହେବା ସହ ଏହି ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ ୩ଗୋଟି ଜିଲ୍ଲା କୃଷି ଅର୍ଥନୀତି ଉପରେ ବେଶ ପ୍ରଭାବ ପକାଉଥିବା ବେଳେ । ଏବେ ଏହି ନଦୀ



କୂଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଥିବାରୁ ନଦୀ ପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି । ଯ ଦ୍ୱାରା ନଦୀର କୂଳ ଖାଇ ଏହାର ଗତି ପଥରେ ପରିବର୍ତ୍ତନ ଆଣିଛି ଯଦ୍ୱାରା ନଦୀ କୁଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି । ପ୍ରତିବର୍ଷ ବର୍ଷାଦିନରେ ସାଳନ୍ଦି ନଦୀରେ ଏହିପରି ମନୁଷ୍ୟ କୃତ ବନ୍ୟା ଆସି ନଦୀ ଜଳ ଲୋକଙ୍କର କ୍ଷୟକ୍ଷତି ପହଞ୍ଚାଉଛି । ସୂଚନାଯୋଗ୍ୟ: ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାମନ୍ତ୍ରୀତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦି ସଂସ୍କାର ଯୋଜନାରେ ୧୦୨କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା। ଏହାର ଲକ୍ଷ୍ୟଥିଲା ସାଳନ୍ଦି ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀଗର୍ଭ ପୁନଃଦ୍ଧାର ଓ ସାଳନ୍ଦି ସଂଯୋଗୀକରଣ କରି ସାଳନ୍ଦି ନଦୀକୁ ସୁରକ୍ଷିତ ରଖିବା । ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନହେବାରୁ ଓ ଏହାର କୁଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଥିବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡି ଆସୁଛି । ଏ ଅଞ୍ଚଳରେ ନଦୀ କୁଳରେ ଅବସ୍ଥିତ ପାଟକନା, ମହାନ୍ତିପଡା, ରାଉତରାପୁର, ହଳଦୀପହଣି, କାଣ୍ଡବା, ଗୋପିନାଥପୁର, କୁଆଁଶମଢିଆ, ହରିପୁର, ଘଣ୍ଟଗଢିଆ, ନରାଜପୁର, ବଡମହିଷଗୋଠ, ଟିକିରା, ଚାରିଗାଁ,ଚକ୍ରାପାଢୀ, ଶ୍ରୀରାମପୁର, ଯଶବନ୍ତପୁର, ରାଜନଗର ମଙ୍ଗଳପୁର,ଅଣିଜୋ, ବିରିଡିହି ଆଦି ଗ୍ରାମବାସୀ ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ପ୍ରଥମ ରାଉଣ୍ଡ ସେରୋଲୋଜିକାଲ ଟେଷ୍ଟ ଶେଷ

**ଭୁବନେଶ୍ୱର :** ଶନିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ସେରୋଲୋଜିକାଲ ଟେଷ୍ଟ୍‌ର ପ୍ରଥମ ରାଉଣ୍ଡ ଶେଷ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସଫଳତାର ସହ ଏହି ସେରୋଲୋଜିକାଲ ଟେଷ୍ଟ କରାଯିବା ସହ ୨୫ କ୍ଲଷ୍ଟରରୁ ୯୦୦ ନମୁନା ସଂଗୃହିତ ହୋଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ୱାର୍ଡ ଅଫିସରଙ୍କ ସାହାଯ୍ୟରେ ଏହି ନମୁନା ସଂଗ୍ରହ କାର୍ଯ୍ୟ ଚାଲିଥିବାବେଳେ ଦୁଇ ଦିନରେ ମୋଟ୍ ୫ ଟିମ୍ ଏହି ନମୁନା ସଂଗ୍ରହ କରୁଛନ୍ତି। ତେବେ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଏହି ଟେଷ୍ଟ ରିପୋର୍ଟ ଆସିଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ଉକ୍ତ ରିପୋର୍ଟକୁ ଆଧାର କରି ବିଏମ୍‌ସି ଅଧିକାରୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ଆଗାମୀ ଦିନରେ ଅଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ନମୁନା ପରୀକ୍ଷଣ କରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି